

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର, ୧୮ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 18 AUGUST 2022
Vol.No. 35 ■ No. 216 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







# ସମସ୍ତେ ରୁହନ୍ତୁ ସତର୍କ : ଏସଆରସି




ଭୁବନେଶ୍ୱର,୧୭/୦୮ (ନି.ପ୍ର): ବନ୍ୟା ସ୍ଥିତି ନେଇ ଏସଆରସି ପ୍ରଦୀପ ଜେନା ବିସ୍ତୃତ ସୂଚନା ଦେଇଛନ୍ତି । ମୁଣ୍ଡଳୀରେ ଧିରେ ଧିରେ ହ୍ରାସ ପାଉଛି ଜଳସ୍ତର । ୪ଟି ଜିଲ୍ଲାରେ ପିକ୍ ଫ୍ଲଡ କମିବା ଆରମ୍ଭ ହୋଇସାରିଛି । କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ ଜିଲ୍ଲାର ତଳିଆ ଅଞ୍ଚଳରେ ପିକ୍ ଫ୍ଲଡ କମିବାରେ ଲାଗିଛି । ସେହିଭଳି ୬ଟି ସ୍ଥାନରେ ଘାଇ ସୃଷ୍ଟି ହୋଇଛି । ଘଳିଆ ପଡିଥିବା ସ୍ଥାନକୁ ମରାମତି କରାଯାଉଥିବା ସେ ସ୍ପଷ୍ଟ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ଆସନ୍ତାକାଲି ସକାଳେ ଜଳସ୍ତର ଆହୁରି କମିବାକୁ ଲାଗିବ । ଆଜି ରାତି ଗୁରୁତ୍ୱପୂର୍ଣ୍ଣ ତଥା ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଏସଆରସି । ବର୍ତ୍ତମାନ ସୁଦ୍ଧା ବନ୍ୟାରେ ୪ ଲକ୍ଷ ୬୭ ହଜାର ଲୋକେ ପ୍ରଭାବିତ ହୋଇଛନ୍ତି । ତେବେ ବର୍ତ୍ତମାନ ମଧ୍ୟ ପାଣି ଆସୁଥିବାରୁ ବନ୍ୟାରେ ପ୍ରଭାବିତ ସଂଖ୍ୟା ଆହୁରି ବଢିପାରେ । ରାଜ୍ୟରେ ଏଯାବତ କେବଳ ୪ଟି ସ୍ଥାନରେ ନଦୀରେ ଘାଇ ହୋଇଛି। ଗତକାଲି ଦୁଇଟି ହୋଇଥିବା ବେଳେ ଆଜି ଆଉ ୨ଟି ସ୍ଥାନରେ ଘାଇ ହୋଇଛି। ଆଜି କୁଶଭଦ୍ରା ନଦୀର ଡାହାଣ ପାଶ୍ୱ ଗଣେଶ୍ୱରପୁର ତେଣ୍ଡିଆକୁଦରେ ଓ ମହାନଦୀର ରାହାମା ବ୍ଲକ ଅନ୍ତର୍ଗତ ତେରମାଣପୁର ଠାରେ ଘାଇ ହୋଇଛି। ଗତକାଲି ସତ୍ୟବାଦୀର ରାଜୁଆ ନଦୀ ଓ ଖୋର୍ଦ୍ଧାର ମକରା ନଦୀରେ ଘାଇ ହୋଇଥିଲା। ଘାଇଗୁଡ଼ିକୁ ତୁରନ୍ତ ମରାମତି କରିବାକୁ ଜଳସମ୍ପଦ ବିଭାଗ ପଦକ୍ଷେପ ନେଇଛି। ରାଜ୍ୟର ବନ୍ୟା ସ୍ଥିତି ନେଇ ଝଜଉ ପ୍ରଦୀପ ଜେନା ଆଜି ଏହି ସୂଚନା ଦେଇଛନ୍ତି। ବନ୍ୟା ସ୍ଥିତି ସମୀକ୍ଷା କରିବା ପରେ ସେ କହିଛନ୍ତି, ମହାନଦୀ ଉପର ମୁଣ୍ଡରେ ପ୍ରବେଶ କରୁଥିବା ବନ୍ୟା ପାଣି ଓ ତଳମୁଣ୍ଡରେ ସୃଷ୍ଟି ହୋଇଥିବା ସ୍ଥିତି ନେଇ ସମୀକ୍ଷା ହୋଇଥିଲା। ୪ ସ୍ଥାନକୁ ଛାଡ଼ିଦେଲେ ଅନ୍ୟ ଯେଉଁ ସ୍ଥାନରେ ଘାଇ କଥା କୁହାଯାଉଛି, ତାହା ଘାଇ ନୁହେଁ, ବ୍ୟାକ୍ ୱାଟର। ଗତକାଲି ସ୍ଥିତିକୁ ଦୃଷ୍ଟିରେ ରଖି କଟକରେ ୫୫୦ ସ୍କୁଲ ପିଲାଙ୍କ ସେମତ ୭୦୦ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ସେହିପରି ଆଠଗଡ଼ରେ ଛେଳି ଚରାଇବାକୁ ଯାଇ ନଦୀ ମଝିରେ ଫସିଯାଇଥିବା ବାପ-ପୁଅଙ୍କୁ ଉଦ୍ଧାର କରାଯାଇଥିଲା। ୨୦୧୧ ମସିହା ପରେ ଛଡ଼ାଯାଇଥିବା ବନ୍ୟା ପାଣି ଠାରୁ ଚଳିତ ବର୍ଷର ବନ୍ୟାରେ ଅଧିକ ବଢ଼ି ପାଣି ନଦୀମାନଙ୍କରେ ଛଡ଼ାଯାଇଛି। ୨୦୧୧ ମସିହା ପରେ ମହାନଦୀରେ ୯ ଲକ୍ଷ କ୍ୟୁସେକ୍ ପାଣି ଛଡ଼ା ଯାଇଥିବା ବେଳେ ଚଳିତ ୧୨ ଲକ୍ଷ କ୍ୟୁସେକ୍ ପାଣି ଛଡ଼ା ଯାଇଥିଲା। ପାଣି ଅଧିକ ଛଡ଼ା ଯାଉଥିବାରୁ ଘଳିଆ ଉପରେ ସତର୍କ ନଜର ରଖି ଆବଶ୍ୟକ ମରାମତି କରିବାକୁ ଜଳସମ୍ପଦ ବିଭାଗ କର୍ମଚାରୀଙ୍କୁ କୁହାଯାଇଛି। ଏଥିରେ ଲୋକମାନେ ସହଯୋଗ କରିବା ସହ ▶▶ପୃଷ୍ଠା ୭

# ମାଗଣା ବଣ୍ଟନକୁ ନେଇ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ



ନୂଆଦିଲ୍ଲୀ, ୧୭/୦୮ : ମାଗଣା ବଣ୍ଟନକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ରେବଡି କଲଚର ବୟାନ ପରେ ଏହାକୁ ନେଇ ସାରା ଦେଶର ରାଜନୀତି ସରଗରମ ରହିଛି। ଏନେଇ ସୁପ୍ରିମକୋର୍ଟରେ ହୋଇଥିବା ଅବେଦନ ଉପରେ ଶୁଣାଣି କରି କୋର୍ଟ କହିଛନ୍ତି, ରାଜନୈତିକ ଦଳମାନେ ଭୋଟରଙ୍କୁ ଦେଉଥିବା ପ୍ରତିଶ୍ରୁତି ଉପରେ ରୋକ ଲଗାଇବା ଉଚିତ ନୁହେଁ । ହେଲେ କୋର୍ଟ କହିଛନ୍ତି କି ସରକାରୀ ଧନ କିଭଳି ବିନିଯୋଗ ହେଉଛି ତା ଉପରେ କେହି ବି ପ୍ରଶ୍ନ ଉଠାଇ ପାରିବେ । ଏହାସହ କୋର୍ଟ ତରଫରୁ ଏହି ମାମଲାର ପରବର୍ତ୍ତୀ ଶୁଣାଣି ସୋମବାରକୁ ଘୁଞ୍ଚାଇ ଦେଇଛନ୍ତି । ଏପଟେ ଶନିବାର ସୁଦ୍ଧା ଏ ସଂପର୍କରେ ରାଜନୈତିକ ଦଳମାନେ ସେମାନଙ୍କର ଲିଖିତ ରାୟ ଜମା କରିପାରିବେ ବୋଲି କୋର୍ଟ ତରଫରୁ କୁହାଯାଇଛି । କହିରଖୁ କି ନିର୍ବାଚନ ବେଳେ ରାଜନୈତିକ ଦଳମାନେ ଭୋଟରମାନଙ୍କୁ ଦେଉଥିବା ମାଗଣା ପ୍ରତିଶ୍ରୁତି ବନ୍ଦ କରିବାକୁ କୋର୍ଟରେ ଆବେଦନ କରାଯାଇଥିଲା । ଆଜି ଏହି ମାମଲାର ଶୁଣାଣି ବେଳେ ମୁଖ୍ୟ ବିଚାରପତି ଏନ ଭି ରମନ୍ନା କହିଥିଲେ କି 'ଆମ ପାଖରେ ଗୋଟିଏ ପରାମର୍ଶ ରହିଛି କି ନିର୍ବାଚନୀ ବେଳେ ରାଜନୈତିକ ଦଳମାନେ ସେମାନଙ୍କ ଭୋଟରଙ୍କୁ ଦେଉଥିବା ପ୍ରତିଶ୍ରୁତି ରୋକାଯିବା ଉଚିତ ନୁହେଁ' । ଏହାସହ ଜଷ୍ଟିସ ଏନ ଭି ରମନ୍ନା ଆବେଦନକାରୀଙ୍କୁ ପ୍ରଶ୍ନ କରିଥିଲେ କି ମାଗଣା ଶିକ୍ଷା, ମାଗଣା ସ୍ୱାସ୍ଥ୍ୟ, ମାଗଣା ବିଜୁଳୀ, ମାଗଣା ପାଣି ଭଳି ଯୋଜନାକୁ ରେବଡି କଲଚର କୁହାଯାଇ ପାରିବ କି ? କହିରଖୁ କି ରାଜନୈତିକ ଦଳମାନେ ମାଗଣା ଯୋଜନା ବନ୍ଦ କରିବାକୁ କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଓକିଲ ଅଶ୍ୱନୀ ଉପାଧ୍ୟାୟ କୋର୍ଟରେ ଆବେଦନ କରିଥିଲେ । ପୂର୍ବ ଶୁଣାଣି ବେଳେ ଉପାଧ୍ୟାୟ ମାଗଣା ଯୋଜନା ପ୍ରଣୟନ କରୁଥିବା ରାଜନୈତିକ ଦଳମାନଙ୍କ ମାନ୍ୟତା ରଦ୍ଦ କରିବାକୁ କୋର୍ଟରେ ଯୁକ୍ତି ବାଢିଥିଲେ ।

# ବିଜେପିରେ ବଡ ପରିବର୍ତ୍ତନ : ସଂସଦୀୟ ବୋର୍ଡରୁ ବାଦ୍ ପଡିଲେ ଗଡକରୀ, ଶିବରାଜ



ନୂଆଦିଲ୍ଲୀ, ୧୭/୦୮ : ଭାରତୀୟ ଜନତା ପାର୍ଟିର ସଂସଦୀୟ ବୋର୍ଡରେ ବଡ ପରିବର୍ତ୍ତନ ହୋଇଛି । କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କୁ ସଂସଦୀୟ ବୋର୍ଡରୁ ବାଦ ଦିଆଯାଇଛି । ସେହିଭଳି ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ମଧ ବୋର୍ଡରୁ ହଟାଯାଇଛି । ସେହିପରି ବିଏସ ୟେଦିରପ୍ପା, ସୁଧା ଯାଦବ, ଇକବାଲ, ସର୍ବାନନ୍ଦ ସୋନିୱାଲ, କେ ଲକ୍ଷ୍ମଣଙ୍କୁ ନୂଆ ସଦସ୍ୟ ଭାବେ ବୋର୍ଡରେ ସାମିଲ ହୋଇଛନ୍ତି । ସେହିଭଳି ବିଜେପି କେନ୍ଦ୍ରୀୟ ନିର୍ବାଚନ ସମିତିର ମଧ ଘୋଷଣା କରିଛି । ଏଥିରେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ, କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏବଂ ଓମ ମାଥୁରଙ୍କୁ ନୂତନ କରି ଏଥିରେ ସାମିଲ କରାଯାଇଛି । ତେବେ ସମିତିରୁ ମଧ ନୀତିନ ଗଡକରି ବାଦ ପଡିଛନ୍ତି ।

# ଜ୍ୟାକଲିନଙ୍କ ବଢିଲା ଅଡୁଆ: ଅଭିନେତ୍ରୀଙ୍କୁ ଅଭିଯୁକ୍ତ କହିଲା ଇଡି



ନୂଆଦିଲ୍ଲୀ, ୧୭/୦୮ : ବଲିଉଡ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜଙ୍କ ଅଡୁଆ ବଢିଛି । କନମ୍ୟାନ ସୁକେଶ ଚନ୍ଦ୍ର ଶେଖର ମାମଲାରେ ଜ୍ୟାକଲିନଙ୍କୁ ଅଭିଯୁକ୍ତ କହିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ୨୧୫କୋଟି ଟଙ୍କା ଠକେଇ ମାମଲାରେ ଜ୍ୟାକଲିନ ଜଣେ ହିତାଧିକାରୀ ଥିଲେ ବୋଲି କୋର୍ଟରେ କହିଛି ଇଡି । ଇଡି କହିଛି ସୁକେଶ ଚନ୍ଦ୍ରଶେଖର ଜଣେ ଅପରାଧୀ ବୋଲି ଜ୍ୟାକଲିନ ପୂର୍ବରୁ ଜାଣିଥିଲେ । ସେ ଠକିଥିବା ଟଙ୍କାରେ

# ଦିଲ୍ଲୀ ପୋଲିସରେ ହାଜର ହେବେ ବର୍ଷା



ଭୁବନେଶ୍ୱର,୧୭/୦୮ (ନି.ପ୍ର): ଦିଲ୍ଲୀ ପୋଲିସରେ ହାଜର ହେବେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ । ୧୫ ଦିନ ମଧ୍ୟରେ ହାଜର ହେବାକୁ ଓଡିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ୧୫ ଦିନ ଯାଏଁ ଅନ୍ତରୀଣ ସୁରକ୍ଷା ବଳବତର ରଖିଛନ୍ତି କୋର୍ଟ । ସ୍ୱାମୀ ଅନୁଭବ ମହାନ୍ତିଙ୍କ କର୍ମଚାରୀଙ୍କ ପ୍ରତି ଜାତିଆଣ ଆକ୍ଷେପ ନେଇ ବର୍ଷାଙ୍କ ନାଁରେ ଦିଲ୍ଲୀରେ ମାମଲା ରୁଜୁ ହୋଇଥିଲା। ଯାହାକୁ ନେଇ ୨ ଥର ନୋଟିସ ହୋଇଥିଲା । ନୋଟିସ ସତ୍ୱେ ବର୍ଷା ଦିଲ୍ଲୀ ପୋଲିସ ପାଖରେ ହାଜର ହୋଇନାହାନ୍ତି । ହାଜର ପରିବର୍ତେ ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବର୍ଷା ।

# ପ୍ରକାଶ ପାଇଲା ଯୁକ୍ତ ୨ କଟ୍ ଅଫ୍ ତାଲିକା



ଭୁବନେଶ୍ୱର,୧୭/୦୮ (ନି.ପ୍ର): ଯୁକ୍ତ ୨ ନାମଲେଖା ପାଇଁ ବୁଧବାର ଅପରାହ୍ନରେ କଟ୍‌ଅଫ୍ ମାର୍କ ତାଲିକା ପ୍ରକାଶ ପାଇଛି। ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍ସା ଜୁନିୟର କଲେଜ ଆଗରେ ରହିଥିବା ବେଳେ କଳାରେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ କଣ୍ଡାଖାଇ ହାୟର ସେକେଣ୍ଡାରୀ ସ୍କୁଲ ଶୀର୍ଷରେ ରହିଛି। ୧୯ ତାରିଖରୁ ଯୁକ୍ତ ୨ ପ୍ରଥମ ପର୍ଯ୍ୟାୟ ନାମଲେଖା ଆରମ୍ଭ ହେବ। ସୂଚନା ଅନୁଯାୟୀ ବିଜ୍ଞାନରେ ସାଧାରଣ ବର୍ଗଙ୍କ ପାଇଁ ୯୪.୩୩% ସହ ରେଭେନ୍ସା ଜୁନିଅର ମହାବିଦ୍ୟାଳୟ ଶୀର୍ଷରେ ରହିଛି। ୯୩.୨୦% ମାର୍କ ସହ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦ୍ୱିତୀୟ ଓ ୯୩% କଟଅଫ୍ ସହ ଭୁବନେଶ୍ୱର ବିଜେବି କଲେଜ ତୃତୀୟ ସ୍ଥାନରେ ଥିବା ଜଣାପଡ଼ିଛି। ସେହିପରି ଯୁକ୍ତ ୨ ବାଣିଜ୍ୟରେ ୮୪.୧୭% ମାର୍କ ସହ ରେଭେନ୍ସା ଶୀର୍ଷରେ ରହିଛି। ୮୦.୬୭% ମାର୍କ ସହ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ ୨ୟ ସ୍ଥାନରେ ଥିବା ବେଳେ ୭୯.୮୩% କଟଅଫ୍ ମାର୍କ ସହ ବିଜେବି କଲେଜ ତୃତୀୟ ସ୍ଥାନରେ ରହିଛି। କଳାରେ ସର୍ବାଧିକ ୮୩.୫୦% ସହ ପୁରୀର କଣ୍ଡାଖାଇ ହାୟର ସେକେଣ୍ଡାରୀ ସ୍କୁଲ ଆଗରେ ରହିଛି। ଦ୍ୱିତୀୟରେ ୮୩.୩୩% ସହ ରେଭେନ୍ସା ଥିବା ବେଳେ ୮୩.୧୭% ସହ ତୃତୀୟରେ କଟକ ନରସିଂହପୁର ହାୟର ସେକେଣ୍ଡାରୀ ସ୍କୁଲ ରହିଛି। ଗତ ଜୁଲାଇ ୨୭ରେବିଜ୍ଞାନ ଓ ବାଣିଜ୍ୟ ଫଳାଫଳ ବାହାରିଥିଲା। ବିଜ୍ଞାନରେ ୯୪.୧୨% ଓ ବାଣିଜ୍ୟରେ ୮୯.୨୦% ଛାତ୍ରଛାତ୍ରୀ ପାସ୍ କରିଥିଲେ । ସେହିପରି ଅଗଷ୍ଟ ୮ ତାରିଖରେ ଯୁକ୍ତ ୨ କଳା ରେଜଲ୍ଟ ପ୍ରକାଶ ପାଇଥିବା ବେଳେ ମୋଟ ୮୨.୧୦ % ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିଲେ ।

# ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ମଧ୍ୟରେ ଦିଲ୍ଲୀ ଓ କୋଲକାତା

ନୂଆଦିଲ୍ଲୀ, ୧୭/୦୮ : ବିଶ୍ୱର ଅଧିକାଂଶ ସହରର ପ୍ରଦୂଷଣ ମାତ୍ରା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ)ର ବାୟୁ ପ୍ରଦୂଷଣ ଗାଇଡଲାଇନରଠାରୁ ଯଥେଷ୍ଟ ଅଧିକ। ଏହାଦ୍ୱାରା ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଭାରତର ଦୁଇ ପ୍ରମୁଖ ସହର ଦିଲ୍ଲୀ ଓ କୋଲକାତା ପ୍ରଦୂଷଣ ତାଲିକାର ୧ନଂ ଏବଂ ୨ନଂ ସ୍ଥାନରେ ରହିଛନ୍ତି। ବିପଦପୂର୍ଣ୍ଣ ପାର୍ଟିକ୍ୟୁଲେଟ ମ୍ୟାଟର (ପିଏମ୨.୫) ଏଠାରେ ଯଥେଷ୍ଟ ଅଧିକ। ପିଏମ ୨.୫ ଅଧିକ ରହୁଥିବା ବିଶ୍ୱର ସହରଗୁଡ଼ିକ ମଧ୍ୟରେ ଦିଲ୍ଲୀ ୧ନଂ ଓ କୋଲକାତା ୨ନଂ ସ୍ଥାନରେ ରହିଛନ୍ତି। ସେହିପରି ବାୟୁମଣ୍ଡଳକୁ ନାଇଟ୍ରୋଜେନ ଡାଇଅକ୍ସାଇଡ୍ (ଏନଓ୨) ନିର୍ଗତ କରୁଥିବା ସହର ତାଲିକାରେ ଚାଇନାର ଶାଙ୍ଘାଇ ୧ନଂ ଓ ରୁଷର ମସ୍କୋ ୨ନଂ ▶▶ପୃଷ୍ଠା ୭

# ୧୭ରୁ ରାଜ୍ୟବ୍ୟାପୀ 'ଦରଦାମ ବୃଦ୍ଧି ଉପରେ ଚର୍ଚ୍ଚା' କରିବ କଂଗ୍ରେସ

ଭୁବନେଶ୍ୱର,୧୭/୦୮ (ନି.ପ୍ର): ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟା ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆସନ୍ତା ୧୭ରୁ ୨୩ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ 'ଦରଦାମ ବୃଦ୍ଧି ଉପରେ ଚର୍ଚ୍ଚା' କରାଯିବ ବୋଲି କଂଗ୍ରେସ ଘୋଷଣା କରିଛି । ଏହାସହିତ ଆସନ୍ତା ୨୮ତାରିଖରେ ଦରଦାମ ବୃଦ୍ଧି ପ୍ରସଙ୍ଗରେ 'ହାଲ୍ଲା ବୋଲ- ଦିଲ୍ଲୀ ଚଲୋ' କାର୍ଯ୍ୟକ୍ରମ ଦିଲ୍ଲୀଠାରେ ଅନୁଷ୍ଠିତ ହେବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ଘୋଷଣା କରିଛନ୍ତି । ଆଜି ରାଜ୍ୟ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ବିଜେପି ନେତୃତ୍ୱାଧୀନ ମୋଦି ସରକାରଙ୍କ ଜନବିରୋଧି ନୀତି ତଥା ଆର୍ଥିକ ପରିଚାଳନା ବିଫଳତା ଯୋଗୁଁ ଦେଶରେ ଅହେତୁକ ଦରବୃଦ୍ଧି ଘଟି ଲୋକମାନେ ମହଙ୍ଗା ମାଡ଼ରେ ସନ୍ତୁଳି ହେଉଥିବା ବେଳେ ଉକ୍ଟ ବେକାରୀ ସମସ୍ୟା ଦେଶର ଯୁବସମାଜକୁ ହତାଶ ଓ ଅନ୍ଧକାର ମଧ୍ୟକୁ ଠେଲି ଦେଇଛି । ମିଥ୍ୟା ପ୍ରଚାର ଓ ପ୍ରତାରଣାରେ ଆଜି ଦେଶବାସୀ ଅଣନିଶ୍ୱାସୀ ହୋଇପଡ଼ିଛନ୍ତି । କେନ୍ଦ୍ର ସରକାରଙ୍କର ଏ ସମସ୍ତ ଜନବିରୋଧି ନିଷ୍ପତ୍ତିକୁ ଓଡ଼ିଶା ସରକାର ସଲାସୁତରାରେ ସମର୍ଥନ କରିଚାଲିଛନ୍ତି ।

# ଡ.ଅରବିନ୍ଦ ଗିରିଙ୍କର 'ମନୋଜାମୃତ' ଓ 'କବିତୁମେ ମନେପଡ଼େ ବାରମ୍ବାର' ଦୁଇଟି ପୁସ୍ତକ ଲୋକାର୍ପିତ




ବାଲେଶ୍ୱର, ୧୭/୦୮ (ନି.ପ୍ର): ଡ.ବ୍ରଜନାଥ ରଥ ଫାଉଣ୍ଡେସନ ଓ ସୁବର୍ଣ୍ଣଶ୍ରୀ ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ସ୍ୱାଧୀନତା ଦିବସ ଅବସରରେ ଆତିଥ୍ୟ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶିଷ୍ଟ ଗବେଷକ ଡ.ଅରବିନ୍ଦ ଗିରିଙ୍କର ଚରିତ୍ର ଦୁଇଟି ପୁସ୍ତକ ମନୋଜାମୃତ ଓ କବିତୁମେ ମନେପଡ଼େ ବାରମ୍ବାର ଲୋକାର୍ପିତ ହୋଇ ଯାଇଛି । ପ୍ରଥମ ପୁସ୍ତକଟି ମନୋଜ ଦାସଙ୍କର କେତେକ ଭାଷଣକୁ ନେଇ ହୋଇଥିବାବେଳେ ଦ୍ୱିତୀୟ ପୁସ୍ତକଟି ବ୍ରଜନାଥ ରଥଙ୍କ ସହ ଲେଖକଙ୍କର କେମିତି ସଂପର୍କ ଥିଲା ତାହା ଉପରେ ଲେଖା ଯାଇଛି । ମୁଖ୍ୟ ଅତିଥି ଭାବରେ ଲେଖିବା ଡ. ମନୋରମା ବିଶ୍ୱାଳ ମହାପାତ୍ର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ ଓଡ଼ିଆ ଭାଷା ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହ । ସମ୍ମାନିତ ଅତିଥି ଭାବରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଧ୍ୱନିପ୍ରତିଧ୍ୱନି ଓ ସାଗରିକାର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ଓ ପ୍ରଫେସର ରମାକାନ୍ତ ସିଂହ ଯୋଗ ଦେଇ ଦୁଇଟି ପୁସ୍ତକକୁ ଉନ୍ମୋଚନ କରିବା ସହ ତାହା ଉପରେ ଆଲୋଚନା କରିଥିଲେ । ଏହି ସଭା କବି କାଳୀପଦ ପଣ୍ଡାଙ୍କ ପୌରହିତ୍ୟରେ ପରିଚାଳିତ ହୋଇଥିଲା । ଲେଖକ ଡ. ଅରବିନ୍ଦ ଗିରି ଲେଖକୀୟ ଅଭିଭାଷଣ ପ୍ରଦାନ କରିଥିବାବେଳେ କବି ବ୍ରଜନାଥ ରଥଙ୍କର ସାନପୁଅ ବ୍ରହ୍ମରଥ ପ୍ରାକ୍ କଥା ରଖିଥିଲେ । କବୟିତ୍ରୀ ସତ୍ୟଭାମା ମୁଦୁଲି ପ୍ରାରମ୍ଭରେ ଏକ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ସେଠାରେ ବହୁ କବି ସାହିତ୍ୟିକ ଓ ସାହିତ୍ୟ ପ୍ରେମୀ ଯୋଗ ଦେଇଥିଲେ ।

# ବନ୍ୟା ବେଳେ ଆସୁଛି ଲଘୁଚାପ : ୧୯ ତାରିଖରେ ୧୭ ଜିଲ୍ଲାରେ ଅତି ପ୍ରବଳ ବର୍ଷା !



ଭୁବନେଶ୍ୱର,୧୭/୦୮ (ନି.ପ୍ର): ପ୍ରବଳ ବର୍ଷା ଯୋଗୁଁ ବନ୍ୟାର ସାଂଘାତିକ ଚିତ୍ର ସାମ୍ନାକୁ ଆସିଥିବା ବେଳେ ଚିନ୍ତା ବଢାଇଛି ବଙ୍ଗୋପସାଗରରେ ହେବାକୁ ଥିବା ଲଘୁଚାପ । ଏ ହେଉଛି ପାଣିପାଗ ବିଭାଗ ଜାରି କରିଥିବା ସାଟେଲାଇଟ୍ ଚିତ୍ର । ଦକ୍ଷିଣ ମିଆଁମାର ଓ ତାର ପାଶ୍ୱର୍ବର୍ତ୍ତୀ ଅଂଚଳରେ ଘୂର୍ଣ୍ଣବଳୟ ସୃଷ୍ଟି ହୋଇଛି । ଯାହା ସମୁଦ୍ର ପତ୍ତନର ୫.୮ କିଲୋମିଟର ପର୍ଯ୍ୟନ୍ତ ବ୍ୟାପି ରହିଛି ଘୂର୍ଣ୍ଣବଳୟ । ଏହାର ପ୍ରଭାବରେ ଉତ୍ତର ବଙ୍ଗୋପସାଗରରେ ୧୯ ତାରିଖ ଦିନ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ପୂର୍ବନୁମାନ କରିଛି ପାଣିପାଗ ବିଭାଗ । ଆସନ୍ତାକାଲି ଅର୍ଥାତ ୧୮ ତାରିଖ ମଧ୍ୟାହ୍ନରୁ ଆରମ୍ଭ ହୋଇପାରେ ବର୍ଷା । ୨୦ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଂଚଳିକ ପାଣିପାଗ କେନ୍ଦ୍ର । ଉପକୂଳରୁ ଅଭ୍ୟନ୍ତର ଓ ପଶ୍ଚିମ ଓଡ଼ିଶାର କିଛି ପ୍ରବଳ ବର୍ଷା ହେବା ଆଶଙ୍କା ରହିଛି । କିନ୍ତୁ ୧୯ ତାରିଖରେ ସାରା ଓଡ଼ିଶାରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି । ୧୭ଟି ଜିଲ୍ଲାକୁ ଦିଆଯାଇଛି ଅରେଂଜ ୱାର୍ଣ୍ଣିଂ । ଅରେଂଜ ୱାର୍ଣ୍ଣିଂ ଦିଆଯାଇଥିବା ଜିଲ୍ଲାଗୁଡିକ ହେଉଛି – ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ଢେଙ୍କାନାଳ, ଅନଗୁଳ, ସମ୍ବଲପୁର, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ▶▶ପୃଷ୍ଠା ୭

## ପୁରୀରୁ ଫେରୁଥିଲେ ବନ୍ୟା ପାଣିରେ ଭାସିଗଲା କାର

ଖୁଣ୍ଟୁଣୀ,୧୭/୦୮ (ନି.ପ୍ର): କଟକ ଜିଲ୍ଲା ଖୁଣ୍ଟୁଣୀ ଥାନା ଘଣ୍ଟିଖାଲସ୍ଥିତ ପୁରୁଣା କଟକ-ସମ୍ବଲପୁର ରାସ୍ତାର ନିଧିପୁର ନଈମୁହଁ ଗଡ଼ାରେ ଏକ ବଡ଼ଧରଣର ଅଘଟଣ ଟଳି ଯାଇଛି। ପୁରୀରୁ ଜଗନ୍ନାଥ ଦର୍ଶନ କରି ଫେରୁଥିବା ଏକ ପରିବାର ସୋମବାର ରାତିରେ ବନ୍ୟା ପାଣିରେ ଫସି ଯାଇଥିବାବେଳେ ସେମାନଙ୍କ କାର ଭାସି ଯାଇଥିଲା। କାରରେ ଥିବା ୪ ଜଣଙ୍କୁ ତିନି ଘଣ୍ଟା ପରେ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା କାରର ଯାତ୍ରୀ ହେଲେ; ଅନୁଗୁଳ ତାମ୍ଚେତ କଲୋନିର ହଳଧର ଦାସ (୫୦), ତାଙ୍କ ପତ୍ନୀ ମମତା ଦାସ(୪୫), ପୁଅ ଶିବସୁନ୍ଦର ଦାସ(୨୦) ଏବଂ ଚାଳକ ତଥା କାର ମାଲିକ ଅମୂଲ୍ୟ ସାହୁ।

ସୂଚନା ମୁତାବକ, ହଳଧର ନିଜ ପତ୍ନୀ ଓ ପୁଅଙ୍କ ସହ କାରରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ସୋମବାର ପୁରୀ ଯାଇଥିଲେ। ସେଠାରୁ ସେମାନେ ପୁରୁଣା କଟକ-ସମ୍ବଲପୁର ରାସ୍ତାର କଖଡ଼ି ଦେଇ ଅନୁଗୁଳ ଫେରୁଥିଲେ। ମଧ୍ୟରାତ୍ରିରେ ନିଧିପୁରଗଡ଼ାରେ ୮ଫୁଟ ଉଚ୍ଚ ବନ୍ୟାଜଳ ପ୍ରବାହିତ ହେଉଥିବା କାର ଚାଳକ ଜାଣି ନ ପାରି ପାଣି ଭିତରେ ଗାଡ଼ି ପୂରାଇ ଦେଇଥିଲେ। ଫଳରେ, ପାଣି ସୁଅରେ କାର ଭାସିଯାଇ ରାସ୍ତାରୁ ପ୍ରାୟ ୧୫୦ ମିଟର ଦୂର ଗହୀରକୁ ଚାଲି ଯାଇଥିଲା। ସୌଭାଗ୍ୟକୁ ହଠାତ୍ କାର ଡୋର ଖୋଲି ଯାଇଥିଲା। ପାଣିରେ ଗାଡ଼ିଟି ସମ୍ପୂର୍ଣ୍ଣ ବୁଡ଼ି ଯାଇଥିଲାବେଳେ ସମସ୍ତ ୪ଜଣ ଯାତ୍ରୀ କାର ଛାତ ଉପରକୁ ଉଠି ଆସି ଉଦ୍ଧାର ପାଇଁ ଚିତ୍କାର କରିଥିଲେ। ଏହିସମୟରେ ନିଧିପୁର ଛକରେ ରାତ୍ରି ଡ୍ୟୁଟି କରୁଥିବା ଖୁଣ୍ଟୁଣୀ ଥାନାର ହୋମ୍‌ଗାର୍ଡ ନରେଶ ନାୟକ କାର୍ର ଆରୋହୀମାନଙ୍କ ପାଇଁ ଦେବଦୂତ ସାଜିଥିଲେ। ଘଟଣା ସମ୍ପର୍କରେ ସେ ଜାଣିପାରି ତୁରନ୍ତ ପୁଲିସ୍ ଓ ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ଖୁଣ୍ଟୁଣୀ ଥାନା ଓ ଘଣ୍ଟିଖାଲ ଫାଣ୍ଡି ପୁଲିସ ସହ ସ୍ଥାନୀୟ ଲୋକମାନେ ପହଞ୍ଚି ଆଠଗଡ଼ ତହସିଲଦାରଙ୍କୁ ଅଘଟଣ ସମ୍ପର୍କରେ ଜଣାଇଥିଲେ। ତୁରନ୍ତ ଆଠଗଡ଼ରୁ ଅଗ୍ନିଶମ ବାହିନୀ ବିଭାଗ ପହଞ୍ଚି ଉଦ୍ଧାର କରିଥିଲେ।

## ଚିତ୍ରକୋଣ୍ଡାରେ ଓଡିଶା ସାହିତ୍ୟ ଏକାଡେମୀ ତରଫରୁ କବିତା ଆସର

ମାଲକାନଗିରି,୧୭/୦୮ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ କାର୍ଯ୍ୟକ୍ରମ ଗତକାଲି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଟେମ୍ପରାରିକଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଚିତ୍ରକୋଣ୍ଡା ଅଂଚଳର କବି, ସାହିତ୍ୟିକ, କବୟିତ୍ରୀ ତଥା ଶିକ୍ଷାବିତ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ, କବି ତଥା ସାହିତ୍ୟିକ ଭରତ ଚନ୍ଦ୍ର ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କବିତା ଆସର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଚିତ୍ରକୋଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ମୁଖ୍ୟ ବକ୍ତା ଭାବରେ ଶିକ୍ଷକ ଗୌରହରୀ ସାହୁ ଏବଂ ସଂମ୍ମାନିତ ଅତିଥିଭାବରେ ଶିକ୍ଷାବିତ କୃଷ୍ଣ ଚନ୍ଦ୍ର ଡାକୁଆ ଓ ଦୁର୍ଯ୍ୟୋଧନ ସେଠି ଯୋଗଦେଇ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ପରେ ଭାରତମାତାଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ, ଧୂପଦୀପ ଅର୍ପଣ କରି ପୂଜାର୍ଚ୍ଚନା କରିବା ପରେ ଟେମ୍ପରାରିକଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଦେଶାତ୍ମବୋଧକ ସଂଗୀତ ଗାନ କରିଥିଲେ। ସଭା ପ୍ରାରମ୍ଭରେ ଅବିଭକ୍ତ କୋରାପୁଟ ଜିଲାର ପୂର୍ବତନ ସାମ୍ବାଦିକ, କବି ଓ ସାହିତ୍ୟିକ ସ୍ୱର୍ଗତ ସୁଧାକର ଦାଶଙ୍କ ଅମର ଆତ୍ମାର ସଦଗତି କାମନା କରି ଏକ ମିନିଟ ନିରବ ପାର୍ଥନା କରାଯାଇଥିଲା। ପରେ ଅତିଥି ମାନେ ଜଣକ ପରେ ଜଣେ ନିଜର ଅଭିଭାଷଣ ରଖିଥିଲେ। କବି ଏବଂ କବୟିତ୍ରୀ ମାନେ ନିଜ ନିଜର ଦେଶାତ୍ମବୋଧକ ସ୍ୱରଚିତ କବିତା ପାଠ କରିଥିଲେ। ଏଥି ସହିତ ଅତିଥିମାନେ କବି ବାଲାଜୀ ସେଠିଙ୍କ ଦ୍ୱାରା ମୁଦ୍ରିତ କବିତା ବହି ପୋଡ଼ା ସଳିତାକୁ ଉନ୍ମୋଚନ କରି କବିତାପାଠ କରିଥିବା ୨୨ ଜଣ କବି ଏବଂ କବୟିତ୍ରୀ ମାନଙ୍କୁ ସମ୍ବୋଧନ କରି ମାନପତ୍ର ପ୍ରଦାନ କରାଯାଇଥିଲା। ଚିତ୍ରକୋଣ୍ଡା ଭଳି ଉପାନ୍ତ ତଥା ସ୍ୱାଭିମାନ ଅଂଚଳରେ ମାତୃଭାଷା, ସାହିତ୍ୟ ଓ କବିତା ହଜି ଯାଉଥିବା ବେଳେ ଓଡିଶା ସାହିତ୍ୟ ଏକାଡେମୀ କବି ମାନଙ୍କ ଲୁକାୟିତ ପ୍ରତିଭାକୁ ବାହାର କରି କବିତା ଆସର ମାଧ୍ୟମରେ ସୁପ୍ତ ପ୍ରତିଭାକୁ ଆଗେଇ ନେଇ ବିକଶିତ କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ଆଲୋଚନା ହୋଇଥିଲା। ଆଗାମୀ ସେପ୍ଟେମ୍ବର ମାସରେ ସ୍ୱାଭିମାନ ଅଂଚଳ ଗୁରୁପ୍ରିୟା ଠାରେ ରାଜ୍ୟ ସ୍ତରୀୟ କବିତା ଆସର କାର୍ଯ୍ୟକ୍ରମ କରାଯିବ ବୋଲି ଆବାହକ ଗୌରହରି ସାହୁ ସୂଚନା ପ୍ରଦାନ କରିଥିଲେ। ଆଜାଦୀ କି ଅମୃତ ମହୋତ୍ସବ ଅବସରରେ ଏ ସୁନ୍ଦର ସୃଜନ ମନସ୍କ କବିତା ଆସର ସମଗ୍ର ଚିତ୍ରକୋଣ୍ଡା ଅଞ୍ଚଳରେ ଗଭୀର ପ୍ରଭାବ ପକାଇଥିଲା।

ଏହି ଉତ୍ସବ ନିମନ୍ତେ ଚିତ୍ରକୋଣ୍ଡାର ବୁଦ୍ଧିଜିବୀ ତଥା ଜନସାଧାରଣଙ୍କ ତରଫରୁ ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ଓ ମାଲକାନଗିରି ଜିଲ୍ଲା ଶାଖାର ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ଆନ୍ଧ୍ର ଓଡିଶା ସୀମାନ୍ତରେ ଏ ସୁନ୍ଦର ପ୍ରୟାସକୁ ପ୍ରଶଂସା କରାଯାଇଛି। ଉକ୍ତ କବିତା ପାଠ କାର୍ଯ୍ୟକ୍ରମକୁ କବି କ୍ଷୀରୋଦ ବେହେରା ସଂଯୋଜନା କରିଥିବା ବେଳେ କବିତା ଆସର କାର୍ଯ୍ୟକ୍ରମକୁ ଆବାହକ କବି, ଶିକ୍ଷାବିତ ଗୌରହରି ସାହୁ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କବି ଓ କବୟିତ୍ରୀ ନିରଦ ଜେନା, ବୁଲୁ ସେଠି, ସବିତା ତ୍ରିପାଠୀ, ରିତା ମହାରଣା, ବ୍ରଜବନ୍ଧୁ ନାୟକ,ଉଲ୍ଲାସ ଜେନା, ଦୀପ୍ତି ନାୟକ,ଜ୍ଞାନ ରଞ୍ଜନ ପଲାଇ, ତ୍ରିନାଥ ଗୌଡ଼,ବିଜୟ ପଣ୍ଡା ଓ ଅନାଦି ମହାପାତ୍ର ଅଂଶ ଗ୍ରହଣ କରିଥିଲେ।

## ଯୌତୁକ ଜୁଇରେ ରଶ୍ମିତା, ବାପଘର ଲୋକେ ଆଣିଲେ ହତ୍ୟା ଅଭିଯୋଗ : ସ୍ୱାମୀ ଗିରଫ

ଧର୍ମଶାଳା,୧୭/୦୮ (ନି.ପ୍ର): ଯୌତୁକ ଜୁଇରେ ନବବଧୂ। ଆଜି ସକାଳୁ ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଅଚ୍ୟୁତପୁର ପଂଚାୟତସ୍ଥ ପାହାଡ ତଳି ଗ୍ରାମରେ। ଶାଶୁ ଘର ଲୋକେ ଆତ୍ମହତ୍ୟା କରିଥିବା ନେଇ କହୁଥିବା ବେଳେ ବାପଘର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ନବବଧୂ ଜଣକ ହେଲେ ପାହାଡ ତଳି ଗ୍ରାମର ରବିନ୍ଦ୍ର ଜେନାଙ୍କ ବୋହୂ ରଶ୍ମିତା(୨୫) ବୋଲି ଜଣାପଡିଛି। ସୂଚନା ମୁତାବକ ପ୍ରାୟ ୧ ବର୍ଷ ହେବ ମାହାଙ୍ଗା ଥାନା ଅନ୍ତର୍ଗତ ବରଅଠା ଗ୍ରାମର ମାଧବାନନ୍ଦ ବଳଙ୍କ ସାନ ଝିଅ ରଶ୍ମିତା ଧର୍ମଶାଳା ଅନ୍ତର୍ଗତ ରବିନ୍ଦ୍ର ଜେନାଙ୍କ ପୁଅ ଜିତେନ୍ଦ୍ରକୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦେଇଥିଲେ। କିଛି ଦିନ ହେବ ସେମାନଙ୍କ ବୈବାହିକ ଜୀବନ ହସଖୁସିରେ ଚାଲିଥିଲେ। ମାତ୍ର କିଛିଦିନ ପୂର୍ବେ ରଶ୍ମିତାର ହସ ଖୁସି ଆଉ ନ ଥିଲା। ଶାଶୁ ଘର ପକ୍ଷରୁ ଅଧିକ ଯୌତୁକ ଦାବି କରି ରଶ୍ମିତା ଉପରେ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଇ ଆସୁଥିଲେ। ତେବେ ଏହି ଘଟଣାକୁ ନେଇ ବାରମ୍ବାର ଭଦ୍ର ଲୋକ ଦ୍ୱାରା ସମାଧାନ ହୋଇ ଆସୁଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇପାରୁ ନ ଥିଲା। ଗତ କାଲି ରାତିରେ ରଶ୍ମିତା ଖାଇ ସାରି ସ୍ୱାମୀ ସହିତ ଗୋଟିଏ ଘର ଭିତରେ ଶୋଇଥିଲେ। ବିଳମ୍ବିତ ରାତିରେ ରଶ୍ମିତା ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିବା ନେଇ ସ୍ୱାମୀ ଜିତେନ୍ଦ୍ର ଫୋନ ଦ୍ୱାରା ରଶ୍ମିତାଙ୍କ ଘର ଲୋକଙ୍କୁ ଜଣାଇବା ସହିତ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଆସିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଶ୍ମିତାର ପରିବାର ଲୋକେ ମେଡିକାଲରେ ପଂହଚି ଏହି ଘଟଣାକୁ ନେଇ ସନ୍ଦେହ କରି ଧର୍ମଶାଳା ଥାନାରେ ଯୌତୁକ ପାଇଁ ଶଶୁ ଘର ଲୋକେ ତାଙ୍କୁ ମାରି ଟାଙ୍ଗି ଦେଇ ଆତ୍ମହତ୍ୟା ରୂପ ଦେଉଥିବା ନେଇ ଥାନାରେ ବାପା ମାଧବାନନ୍ଦ ଜ୍ୱାଇଁ ଜିତନ୍ଦ୍ରେ,ଶଶୁର ରବିନ୍ଦ୍ର,ଶାଶୁ ତରଙ୍ଗ ଓ ମାଧବାନନ୍ଦଙ୍କ ଝିଅ ଓ ଜ୍ୱାଇଁ ମିଶି ରଶ୍ମିତାଙ୍କୁ ମାରି ଦେଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ଘଟଣାସ୍ଥଳରେ ପଂହଚି ଶବ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଛି। ଅନ୍ୟ ପକ୍ଷେ ସ୍ୱାମୀ ଜିତେନ୍ଦ୍ରକୁ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି।

## ୬୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଓ ଅନ୍ୟାନ୍ୟ ପ୍ରକଳ୍ପର ସମୀକ୍ଷା କଲେ ନରସିଂହ

ବଲାଙ୍ଗିର,୧୭/୦୮ (ନି.ପ୍ର): ବିଧାୟକ ନରସିଂହ ମିଶ୍ର ସ୍ଥାନୀୟ ସର୍କିଟ ହାଉସ ଠାରେ ବଲାଙ୍ଗିର ନିର୍ମାଣଧିନ ଭୀମଭୋଇ ମେଡିକାଲ କଲେଜ ସ୍ଥିତ ୬୫୦ ଶଜ୍ୟା ବିଶିଷ୍ଟ ନିର୍ମାଣଧିନ ଡାକ୍ତରଖାନା ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, କ୍ଷୁଦ୍ର ଜଳସେଚନ, ଜଳସେଚନ, ଜନସ୍ୱାସ୍ଥ୍ୟ ବିଭାଗ ତଥା ଜାତୀୟ ରାଜପଥ ବିଭାଗର ବିଭାଗୀୟ ନିର୍ବାହୀ ଯନ୍ତ୍ରୀମାନଙ୍କ ସହିତ ନିର୍ବାଚନ ମଣ୍ଡଳିରେ ଚାଲିଥିବା ସମସ୍ତ ପ୍ରକଳ୍ପମାନ ସମୀକ୍ଷା କରିଥିଲେ। ଭୀମଭୋଇ ମେଡିକାଲ କଲେଜ ପରିସରରେ ନିର୍ମାଣଧିନ ୬୫୦ ଶଜ୍ୟା ବିଶିଷ୍ଟ ଡାକ୍ତରଖାନା ସମ୍ପୁର୍ଣ୍ଣ କରିବାରେ ବିଳମ୍ବ ହେବା ଆଶଙ୍କା କରି ବିଧାୟକ ଶ୍ରୀ ମିଶ୍ର ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ତାର କାରଣ ପଚାରିଥିଲେ। ନିର୍ମାଣ ପାଇଁ ପରିବର୍ତ୍ତିତ ପରିସ୍ଥିତିରେ ନୂଆ କିଛି ସୁବିଧା ସୁଯୋଗ ଯୋଡା ଯାଉଥିବାରୁ ପ୍ରକଳ୍ପର ନକ୍ସା ସମୟ ସମୟରେ ପରିବର୍ତ୍ତନ ହେଉଛି। ତେଣୁ ସେ ନକ୍ସାର ମଞ୍ଜୁରି ପାଇଁ ଅଧିକ ସମୟ ଲାଗୁ ଥିବାରୁ ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ନ ସରିବାର ଆଶଙ୍କା କରାଯାଉଛି ବୋଲି ପୁର୍ତ୍ତ ନିର୍ବାହୀଯନ୍ତ୍ରୀ ଉତର ରଖିଥିଲେ। ପ୍ରକଳ୍ପ ବିଳମ୍ବ ଏବଂ ନିର୍ମାଣକାରୀ ସଂସ୍ଥାକୁ ଅଧିକ ସମୟ କାହିଁକି ଦିଆଯିବ, ଏହା ଉପରେ ମୁଖ୍ୟଯନ୍ତ୍ରୀଙ୍କ ସହ ଆଲୋଚନା କରି ଏକ ରିପୋର୍ଟ ପ୍ରଦାନ କରିବାକୁ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ପରେ ପରେ ସହରରେ ଥିବା ରିଂଗ ରୋଡ, ବାଏପାସ ଟେଣ୍ଡରକୁ ନେଇ ଆଲୋଚନା ହୋଇଥିଲା। ଡିସେମ୍ବର ସୁଦ୍ଧା ବାକିଥିବା ରିଂଗ ରୋଡ ସମ୍ପୂର୍ଣ୍ଣ ହେବ ଏବଂ ରାଜ୍ୟ ଷ୍ଟେଟ ବାଇପାସ ପାଇଁ ବ୍ୟୟ ଅଟକଳ ସହ ଟେଣ୍ଡର ପ୍ରକ୍ରିୟା ଶିଘ୍ର ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି। ଏହି ଆଲୋଚନା ବେଳେ ସହର ମଧ୍ୟରେ ଥିବା ବିଭିନ୍ନ ରାସ୍ତାଘାଟ ଓ ଡ୍ରେନ ମରାମତି ତଥା ବିପଦସଂକୁଳ ଅବସ୍ଥାରେ ଥିବା ଦେଓଗାଁ ବଂଗଳା ଛକରୁ ଜବରଦଖଲ ଉଚ୍ଛେଦ ଛତାମଖନା କିରାବାହାଲ ସେତୁ ପାଖରେ ବାକିଥିବା ଜମି ଅଧିଗ୍ରହଣକୁ ନେଇ ମଧ ଆଲୋଚନା ହୋଇଥିଲା। ଏହି ସମୀକ୍ଷାରେ କ୍ଷୁଦ୍ର ଜଳସେଚନ ଅନ୍ତର୍ଗତ ଗନ୍ଧରେଲ ଡ୍ୟାମ, ଜଳସେଚନ ବିଭାଗ ଅଧିନରେ ଥିବା ଲକ୍ଷ୍ମୀଯୋର ସମେତ ଛତାମଖନା କିରାବାହାଲ ବ୍ୟାରେଜ ନିର୍ମାଣ ସ୍ଥିତିକୁ ନେଇ ଆଲୋଚନା ହୋଇଥିଲା। ପରେ ପରେ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀମାନଙ୍କୁ ପାନୀୟ ଜଳ ସମସ୍ୟାକୁ ନେଇ ବିଧାୟକ ଶ୍ରୀ ମିଶ୍ର ଆଲୋଚନା କରିବା ସହ ପାନୀୟ ଜଳର ସ୍ଥିତି ସହର ମଧ୍ୟରେ ଥିବା ଜଳାଶୟମାନଙ୍କର ପାଣିର ଅବସ୍ଥାକୁ ନେଇ ଏକ ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ।

## ଅବକାରୀ ବିଭାଗର ଚଢ଼ଉ : ୨୮୦ ବୋତଲ କଫ ଶିରପ ୨୦ ଲିଟର ମଦ ଜବତ ଓ ୨ ଗିରଫ

ପାଟଣାଗଡ,୧୭/୦୮ (ନି.ପ୍ର): ପାଟଣାଗଡ଼ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୨୮୦ ବୋତଲ କଫ ସିରଫ, ୨୦ ଲିଟର ଦେଶୀ ମଦ ଓ ମୋପେଡ଼ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବନ୍ଦେପଦର ଗାଁର ଭୁବନେ ନାଗ ଓ ଗୌରେନମୁଣ୍ଡା ଗାଁର ଜିତୁ ବନଛୋର(୧୯)। ଖପ୍ରାଖୋଲ ଥାନା ଅନ୍ତର୍ଗତ ବନ୍ଦେପଦର ଗାଁର ଭୁବନେ ଏକ ଟିଭିଏସ ଏକ୍ସଏଲ ମୋପେଡ ଗାଡ଼ିରେ ବେଆଇନ ଭାବେ ଦେଶୀ ମଦ ଆଣୁଥିବା ବିଶେଷ ସୂତ୍ରରୁ ଖବର ପାଇ ପାଟଣାଗଡ଼ ଅବକାରୀ ବିଭାଗର ଅଧିକାରୀ ସତ୍ୟ ନାରାୟଣ ଦାସ ଓ ତାଙ୍କ ଟିମ ଚଢ଼ଉ କରିଥିଲେ। ଏହି ସମୟରେ ଗାଡ଼ି ସହ ମଦ ଜବତ କରି ଭୁବନେକୁ ପାଟଣାଗଡ଼ ଅଫିସକୁ ଆଣି ଅଧିକ ପଚରାଉଚରା କରିଥିଲେ। ସେହିପରି ଗାଇସିଲେଟ ଥାନା ଅନ୍ତର୍ଗତ ଗୌରେନମୁଣ୍ଡା ଗାଁର ଜିତୁଙ୍କୁ ସନ୍ଦେହ କରି ପଚାରିବାରୁ ତାଙ୍କ ନିକଟରୁ ୨୮୦ ବୋତଲ ଏସ କଫ ସିରଫ ମିଳିଥିଲା। ଜବତ ହୋଇଥିବା ଏସ କଫ ସିରଫର ମୂଲ୍ୟ ପ୍ରାୟ ୬୦ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏସଂକ୍ରାନ୍ତରେ ୨ଟି ମାମଲା ରୁଜୁ କରି ୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ବିଭାଗ ଅଧିକାରୀ କହିଛନ୍ତି। ଏହି ଚଢ଼ଉ ସମୟରେ ପାଟଣାଗଡ଼ ଅବକାରୀ ବିଭାଗର ଅଜିତ ସାହୁ, ବୁଲୁ ସେଠୀ, ଗୁଣମତି ମାଝୀ, ଦୁଲେଶ୍ୱର କୁମୁରା ଓ କଂଟାବାଞ୍ଜି ଅଧିକାରୀ ବଳରାମ ପ୍ରଧାନ ଉପସ୍ଥିତ ଥିଲେ।

## ପୁରୀ ଜିଲ୍ଲା : ବନ୍ୟା ସ୍ଥିତି ଗମ୍ଭୀର

ପୁରୀ,୧୭/୦୮ (ନି.ପ୍ର): ଲଘୁଚାପଜନିତ ବର୍ଷା ସହ ବନ୍ୟାଜଳ ନିଷ୍କାସନ ପାଇଁ ହୀରାକୁଦ ଗେଟ୍ ଖୋଲିବା ପରେ ପୁରୀ ଜିଲ୍ଲାରେ ବନ୍ୟା ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଜିଲ୍ଲା ଦେଇ ପ୍ରବାହିତ ନଦୀକୁ ସମ୍ପୂର୍ଣ୍ଣ ବନ୍ୟା ଜଳ ଛୁଇଁ ନଥିଲେ ବି ଏବେଠୁ ପୁରୀ ଜିଲ୍ଲା ବନ୍ୟା ପାଣିରେ ଉବୁଟୁବୁ ହେବାରେ ଲାଗିଛି। ସନ୍ଧ୍ୟା ସୁଦ୍ଧା ବନ୍ୟା ପାଣି ଜିଲ୍ଲାର ପ୍ରମୁଖ ଦୟା, ଭାର୍ଗବୀ, କୁଶଭଦ୍ରା ଓ ଦେବୀ ନଦୀ ବିପଦସଂକେତ ଉପରେ ଚାଲିଛି। ଦୟାର କରାଳ ରୂପ ବି ଏବେଠୁ ଅନୁଭୂତ ହୋଇଛି। ଦୟାର ଶାଖା ନଈ ମକରାରେ ବନ୍ୟା ପାଣି ନଈବନ୍ଧ ଧୋଇନେବାରୁ ୨୦ ଫୁଟରୁ ଅଧିକ ଓସାରର ଘାଇ ସୃଷ୍ଟି ହୋଇଛି। ଫଳରେ କଣାସ ବ୍ଲକ୍‌ର ୮ରୁ ଅଧିକ ପଞ୍ଚାୟତ ବନ୍ୟାପାଣି ଘେରକୁ ଚାଲିଯାଇଛି। ସନ୍ଧ୍ୟା ସୁଦ୍ଧା ଏହି ଘାଇ ବନ୍ଦ କରିବାରେ ପ୍ରଶାସନ ବିଫଳ ହୋଇଛି। ଫଳରେ ମକରା ନଈ ଦେଇ ଦୟାର ପ୍ରଖର ଜଳ କଣାସର ତଳିଆ ଅଞ୍ଚଳକୁ ବୁଡ଼ାଇବାରେ ଲାଗିଛି। ସେପଟେ ପିପିଲି-ଜଟଣୀ ରାସ୍ତା କଣ୍ଟି ଛକ ନିକଟରେ ଦୟା ନଈର ବନ୍ୟାଜଳ ୩ ଫୁଟ ଉଚ୍ଚରେ ଚାଲୁଥିବା ଦେଖିବାକୁ ମିଳିଛି। ଫଳରେ ଏହି ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଛି। ଡେଲାଙ୍ଗ ବ୍ଲକ୍ ବହୁ ଅଞ୍ଚଳ ବି ବନ୍ୟା ଜଳ ଘେରକୁ ଚାଲିଯାଇଛି। ପୁରୀ ଜିଲ୍ଲାର ଗୋପ, ନିମାପଡ଼ା, ଅସ୍ତରଙ୍ଗ, କାକଟପୁର ବ୍ଲକ୍ ଦେଇ କୁଶଭଦ୍ରା, ଦେବୀ ନଦୀ ସହ ଧନୁଆ, ପ୍ରାଚୀ ଆଦି ଶାଖା ନଈ ପ୍ରବାହିତ ହେଉଛି। ନିମାପଡ଼ାଠାରେ କୁଶଭଦ୍ରା ନଦୀରେବିପଦ ସଙ୍କେତ ୩୩ ଫୁଟ ଥିବା ବେଳେ ବନ୍ୟାଜଳ ୩୩ ଫୁଟ ଉଚ୍ଚରେ ପ୍ରବାହିତ ହେଉଥିବା ନିମାପଡ଼ା ଜଳସମ୍ପଦ ବିଭାଗ ସୂଚନା ଦେଇଛି। ସେହିଭଳି ଦେବୀ ନଦୀରେ ବନ୍ୟାଜଳ ବିପଦସଂକେତ ଉପରେ ପ୍ରବାହିତ ହେଉଛି।

## ମହାନଦୀ ପାଣିରେ ଭାସୁଛି ଗଣିଆ ବ୍ଲକ

ନୟାଗଡ଼/ଗଣିଆ/କଣ୍ଟିଲୋ/ଭାପୁର,୧୭/୦୮ (ନି.ପ୍ର): ପ୍ରାକୃତିକ ଦୁର୍ବିପାକର କିଭଳି ମୁକାବିଲା କରାଯିବ, ସେ ନେଇ ପ୍ରତିବର୍ଷ ଜିଲ୍ଲାଠାରୁ ଆରମ୍ଭ କରି ବ୍ଲକ୍‌ସ୍ତରରେ ବୈଠକ କରାଯାଉଛି, ହେଲେ କାର୍ଯ୍ୟାନ୍ୱୟନ ନାହିଁ। ମହାନଦୀ ବନ୍ୟାରେ ନୟାଗଡ଼ ଜିଲ୍ଲାର ଗଣିଆ ବ୍ଲକ୍ ଭାସୁଥିବା ବେଳେ, ଘୋର ପ୍ରଶାସନିକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ବ୍ଲକ୍‌ର ରାସଙ୍ଗ, ଛାମୁଣ୍ଡିଆ ପଞ୍ଚାୟତ ସର୍ବାଧିକ ପ୍ରଭାବିତ ହୋଇଛି। ଲୋକେ ପାନୀୟ ଜଳ ପାଇଁ ଛଟପଟ ହେଉଛନ୍ତି। ବ୍ଲକ୍ ଅନ୍ତର୍ଗତ କିଶୋରପ୍ରସାଦ, ବେଲପଡ଼ା, ବଡ଼ସିଲିଙ୍ଗା ପଞ୍ଚାୟତ ବିଚ୍ଛିନ୍ନ ହୋଇଯାଇଛି। ଭାପୁର ବ୍ଲକ୍‌ର ଫତେଗଡ଼, କରବର ପଞ୍ଚାୟତ ସମେତ ଖଣ୍ଡପଡ଼ାର କଣ୍ଟିଲୋ ମଧ ପ୍ରଭାବିତ ହୋଇଛି। ଭାପୁରର ମଣିପୁର ପାଣିଘେରରେ ରହିଛି। କଣ୍ଟିଲୋରେ ୪୭.୯୮ ମିଟର ବିପଦ ସଙ୍କେତ ରହିଥିବା ବେଳେ, ଏହାର ପାଖାପାଖି ଜଳ ପ୍ରବାହିତ ହେଉଛି, ସେହିଭଳି ଗଣିଆର ମଣିଭଦ୍ରାଠାରେ ୭ ମିଟର ବିପଦ ସଙ୍କେତ ଥିବା ବେଳେ, ଏହା ଉପରେ ଜଳ ପ୍ରବାହିତ ହେଉଛି। ଗଣିଆ ବ୍ଲକ୍‌ବାସୀ ଦୁର୍ଦ୍ଦଶା ଭୋଗୁଥିବା ବେଳେ, ସେମାନଙ୍କୁ ସହଯୋଗ କରିବା ନେଇ ପ୍ରଶାସନର ସକ୍ରିୟତା ଦେଖିବାକୁ ମିଳୁନାହିଁ। ଛାମୁଣ୍ଡିଆ ପଞ୍ଚାୟତରେ ୨୮ଟି ଗ୍ରାମ ଥିବା ବେଳେ, ରାସଙ୍ଗରେ ୯ଟି ଗ୍ରାମ ରହିଛି। ରାସଙ୍ଗ ପଞ୍ଚାୟତ ପାଇଁ ୨ରୁ ଅଧିକ ବୋଟ୍‌ର ଆବଶ୍ୟକତା ରହିଥିବା ବେଳେ, ମାତ୍ର ଗୋଟିଏ ବୋଟ୍ ଚଳାଚଳ କରୁଛି। ଫଳରେ ବୋଟ୍‌ର କ୍ଷମତା ୧୦ ହୋଇଥିବା ବେଳେ, ଏଥିରେ ୨୫ରୁ ୩୦ ଜଣ ଯାତାୟାତ କରୁଛନ୍ତି। କାଦୁଆ ଗ୍ରାମରେ ଯେଉଁଥି ପାଇଁ ଆଜି ଉତ୍ତେଜନା ମଧ ଦେଖାଯାଇଥିଲା। ବୋଟ୍ ଚାଳକଙ୍କ ବାରଣ ସତ୍ତ୍ୱେ ଲୋକ ତାଙ୍କୁ ନାଲି ଆଖି ଦେଖାଇ ବୋଟ୍‌ରେ ଚଢ଼ିଯାଇଥିଲେ। ବନ୍ୟା ପୂର୍ବରୁ ଗର୍ଭବତୀଙ୍କୁ ମଧ ସ୍ଥାନାନ୍ତର କରାଯାଇନାହିଁ। ଆଜି ଅପରାହ୍ଣରେ ବୋଟ୍‌ରେ ମଧ ଜଣେ ଗର୍ଭବତୀଙ୍କୁ ମେଡିକାଲ୍ ନିଆଯାଇଛି। ପ୍ରଶାସନ ଚେଇଁ ଶୋଇଥିବା ବେଳେ, ଯେତେବେଳେ ଅଘଟଣ ଘଟିବ, ସେତେବେଳେ ନିଦ ଭାଙ୍ଗିବ ବୋଲି କୁହାଯାଉଛି।

## ସ୍ୱାଧୀନତା ସଂଗ୍ରାମୀ ତାମା ଦୋରାଙ୍କ ବଳିଦାନକୁ କେବେ ମିଳିବ ସରକାରୀ ସ୍ୱୀକୃତି ?

ମାଲକାନଗିରି,୧୭/୦୮ (ନି.ପ୍ର): ଦେଶ ପାଳୁଛି ୭୬ ତମ ସ୍ୱାଧୀନତା ଦିବସ। ଦେଶବାସୀ ସ୍ମରଣ କରୁଛନ୍ତି ବୀର ସଂଗ୍ରାମୀ ମାନଙ୍କୁ ଯିଏ ଦେଶକୁ ବିଦେଶୀଙ୍କ କବଳରୁ ମୁକୁଳେଇବା ପାଇଁ ପ୍ରାଣବଳି ଦେଲେଏ ମାନଙ୍କ ମଧ୍ୟରେ ଥିଲେ ଅନେକ ଆଦିବାସୀ ଜନଜାତି ନେତା। ସେମାନଙ୍କ ମଧ୍ୟରେ ଜଣେ ହେଉଛନ୍ତି ମାଲକାନଗିରିର ସ୍ୱାଧୀନତା ସଂଗ୍ରାମୀ ତାମା ଦୋରା। ଜିଲ୍ଲାର ଘଂଚ ଜଙ୍ଗଲ ଭରା ମୋଟୁ ପଡିଆ ଅଂଚଳ ସ୍ଥିତ କୋଣ୍ଡାପାଲି ଥିଲା ତାମା ଦୋରା ଙ୍କ ଜନ୍ମ ସ୍ଥାନ। ତାଙ୍କ ଜନ୍ମ ନେଇ ସଠିକ ତଥ୍ୟ ନ ଥିଲେ ବି କେହି କେହି ୧୮୩୮ରେ ତାଙ୍କ ଜନ୍ମ ବୋଲି ଦାବୀ କରନ୍ତି। ଯେତେବେଳେ ତାମା ଦୋରା ଯୁବାବସ୍ଥାରେ ପାଦ ଥାପିଥିଲେ, ସେତିକି ବେଳେ ବ୍ରିଟିଶ ଶାସନ ଚରମ ସୀମାରେ ପହଁଚିବା ସାଙ୍ଗକୁ ରାଜା ରାଜୁଡା ଶାସନ ମଧ ଇଂରେଜଙ୍କ ଦ୍ୱାରା ପ୍ରଭାବିତ ହୋଇ ଚାଲୁଥିଲା। ଖଜଣା ନାଁରେ ଗରିବ ଆଦିବାସୀ ଙ୍କ ଉପରେ ଶୋଷଣ ଅତ୍ୟାଚାର ବଢିଚାଲିଲା। ଆଉ ସେତିକି ବେଳେ ମାଲକାନଗିରିର ରାଣି ଥିବା ବଙ୍ଗୁରୁ ଦେବୀଙ୍କ ନେତୃତ୍ୱରେ ଗଠିତ କୋୟା ବାହିନୀ ଆରମ୍ଭ କଲେ ବିଦ୍ରୋହ। ଲକ୍ଷ ଲକ୍ଷ ଆଦିବାସୀଙ୍କ ଜନ ନାୟକ ସାଜି ଇଂରେଜ ବିରୋଧରେ ଉଠାଇଲେ ଅସ୍ତ୍ର। ୧୯୬୦ ରେ ଚମ୍ପାଖାରୀ ଯୁଦ୍ଧ ପରେ ୧୮୬୨ ରେ ଆନ୍ଧ୍ର ସୀମା ରେ ରାମ୍ପା ସଂଗ୍ରାମର ଡାକରା ଦେଇ ଇଂରେଜଙ୍କ ସହ ମୁହାଁ ମୁହିଁ ହୋଇଥିଲେ। ଗୋରା ସରକାରକୁ ପଛେଇ ଯିବାକୁ ବାଧ କରି ଥିଲେ ତାମା। ୧୮ ଦଶକ ରେ ମାଡ୍ରାସ ପ୍ରେସିଡେନ୍ସି ଅ ଧିନରେ ଥିଲା ମାଲକାନଗିରି ସମେତ ଜୟପୁର ଅଂଚଳ। ତାମା ଦୋରାଙ୍କ କୋୟା ବାହିନୀ ପଡିଆ ଥାନା ଉପରେ ଆକ୍ରମଣ କଲେ। କୋୟା ବାହିନିଙ୍କ ଧନୁ ତୀର ବର୍ଷାରେ ଜଣେ ଇଂରେଜ ଇନସ୍ପେକ୍ଟର ସମେତ ପ୍ରାଣ ହରାଇ ଥିଲେ ୬ ଜଣ ଇଂରେଜ ସେନା। ଆଉ ଏହି ଘଟଣା ପରେ ତାମା ଦୋରା ଆହୁରି ଅଧିକ ଶକ୍ତିଶାଳି ହୋଇ ଉଠି ଥିବାରୁ ହାଇଦ୍ରାବାଦର କର୍ଣ୍ଣେଲ ମାକଲୋଇଡ୍ ନିଜ ସେନାକୁ ନେଇ ଓଡିଶା ଆସିଲେ। ଆନ୍ଧ୍ର ସୀମା ରାମ୍ପା ଜଙ୍ଗଲ ରେ କର୍ଣ୍ଣେଲ ସେନା ସହ ତାମା ଦୋରାଙ୍କ କୋୟା ବାହିନୀ ମୁହାଁ ମୁହିଁ ହୋଇଥିଲେ। ତାମା ଦୋରାଙ୍କୁ ଆତ୍ମସମର୍ପଣ କରିବାକୁ ଆହ୍ୱାନ ଦେଇଥିଲେ। ତେବେ ବ୍ରିଟିଶ ଗୁଳି ଆଗରେ ମୁଣ୍ଡ ନୁଆଇ ନ ଥିଲେ ତାମା। ଆଉ ଶେଷରେ ଅତି ନୃଶଂସ ଭାବେ ତାମା ଦୋରାଙ୍କୁ ହତ୍ୟା କରିଥିଲା ବ୍ରିଟିଶ ଆର୍ମି। ତାମା ଦୋରାଙ୍କ ବଳିଦାନକୁ ମନେପକାଉଛନ୍ତି ସ୍ଥାନୀୟ ବାସିନ୍ଦା। ୧୪୦ ବର୍ଷ ପରେ ତାଙ୍କର ଏକ ପ୍ରତିମୂର୍ତ୍ତୀ ଉନ୍ମୋଚନ କରା ଯାଇଛି। ହେଲେ ଦୁଃଖର ବିଷୟ ତାଙ୍କର ବିରତ୍ୱର ଗାଥାକୁ ଏଯାଏଁ ମିଳିନାହିଁ ସରକାରୀ ସ୍ୱୀକୃତି।

## କୁଆଖାଇ, କୁଶଭଦ୍ରା ଓ ଭାର୍ଗବୀ ଟଳମଳ : ଜଳଘେରରେ ୫୦ ଗାଁ, ଆଶ୍ରୟସ୍ଥଳୀରେ ୩ ଶହ

ବାଲିଅନ୍ତା/ବାଲିପାଟଣା,୧୭/୦୮ (ନି.ପ୍ର): ମଙ୍ଗଳବାର ସଂଧ୍ୟା ସୁଦ୍ଧା କୁଶଭଦ୍ରା, କୁଆଖାଇ ଓ ଭାର୍ଗବୀ ନଦୀ ଟଳମଳ ଅବସ୍ଥାରେ ରହିଛି। କୁଶଭଦ୍ରାରେ ବିପଦ ସଙ୍କେତ ୧୮.୨୫ ମିଟର ଥିବା ବେଳେ ବନ୍ୟା ଜଳ ୧୭.୯୦ ମିଟରରେ ପ୍ରବାହିତ ହେଉଛି। ତେଣୁ ବିପଦ ସଂକେତ ଛୁଇଁବାକୁ ଆଉ ମାତ୍ର ୦.୩୫ ମିଟର ବାକି ରହିଛି। ହୀରାକୁଦରୁ ଅଧିକ ଜଳ ଆସୁଥିବାରୁ ମଙ୍ଗଳବାର ରାତିରେ କାଠଯୋଡ଼ି ଫୁଲିବ। ତେଣୁ ରାତି ସୁଦ୍ଧା କୁଶଭଦ୍ରା ବିପଦସଙ୍କେତ ଛୁଇଁବାର ସମ୍ଭାବନା ରହିଛି। ଆଜି ଦିନରୁ ହିଁ ବାଲିପାଟଣା ଓ ବାଲିଅନ୍ତା ବ୍ଲକର ୫୦ରୁ ଅଧିକ ଗାଁ ଜଳବନ୍ଦି ହୋଇସାରିଛି। କିଛି କିଛି ଗାଁ ଦାଣ୍ଡରେ ବନ୍ୟା ଜଳର ସୁଅ ଛୁଟିଛି। ପ୍ରାୟ ୩ ଶହ ଲୋକଙ୍କୁ ବିଭିନ୍ନ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ତେଣୁ ଏଭଳି ସ୍ଥିତିରେ ଆଜି ରାତିରେ ଯଦି ନଦୀମାନେ ବିପଦସଂକେତ ଛୁଅନ୍ତି, ବଡ଼ ଭୟଙ୍କର ଅବସ୍ଥା ହେବାର ଆଶଙ୍କା ରହିଛି। ତେଣୁ ପ୍ରଶାସନ ପକ୍ଷରୁ ଅଧିକାରୀ ଓ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସହଯୋଗରେ ସମ୍ଭାବ୍ୟ ସ୍ଥାନରେ ନଦୀବନ୍ଧକୁ ଜଗି ରହିଛନ୍ତି। ଆବଶ୍ୟକ ପଡ଼ିଲେ, ରାତିରେ କିଛି ଗାଁରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇପାରେ ବୋଲି ମଧ ସୂଚନା ମିଳିଛି। ସୂଚନାନୁସାରେ ଦନାପଡ଼ା, ଆଳିସିଶାସନ, ପୁରୋହିତପୁର, ନଅବାଟି ଓ ତେରବାଟି ଆଦି ଗାଁ ଦାଣ୍ଡରେ ବନ୍ୟା ପାଣିର ସୁଅ ଚାଲୁଛି। କୁଶଭଦ୍ରା ନଦୀରେ ଥିବା ବଇଁଚୁଆସ୍ଥିତ କାଜ ବୁଡ଼ି ଧନୁଆ ନଈରେ ପାଣି ପଶିବା ଫଳରେ କିଛି ତଳିଆ ଗାଁ ବିଚ୍ଛିନ୍ନ ହୋଇଯାଇଛି। ସେହିଭଳି ଭାର୍ଗବୀ ନଦୀ ଅଚ୍ୟୁତପୁର କାଜ ଦେଇ ପ୍ରବାହିତ ହେଉଥିବା ବନ୍ୟା ଜଳ ବାଲିପାଟଣାରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ଏହି ବ୍ଲକର ରାଜସ, ଆଳିସି, ପମ୍ପାଲୋ, କୁରୁଞ୍ଜିପୁର, ତୁରିନ୍ତିରା, ସୋମଣା ପଞ୍ଚାୟତର ବହୁ ଗାଁରେ ବନ୍ୟା ପାଣି ମାଡ଼ିଛି। ବାଲିପାଟଣା ରାଜସ ରାସ୍ତାର କୃଷ୍ଣପୁର ବ୍ରିଜ ଉପରେ ୪ ଫୁଟ୍ ଉଚ୍ଚର ପାଣି ଚାଲୁଛି। ସେହିପରି ମଧୁବନ ଆଳିସି ରାସ୍ତା ଦନାପଡା ରାସ୍ତାର କିଛି ଅଂଶ ବୁଡ଼ିଯାଇଛି। ଫଳରେ ସେହିସବୁ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି। ଏହା ବାଦ୍ ବେଲମରା, ବିନ୍ଧା, ଦେଉଳ ପୋଖରୀ, ଡ଼ିହସାହି, କଙ୍କଡା ହୁଡ଼ା, କୁରୁଞ୍ଜିପୁର, ଘାସି ଅନ୍ଧୁଟି, ଦଳ କଷଟି, ମାଛପୁର, ଇନ୍ଦୋଳ କୁସିଆରି, ନିଶ୍ଚିନ୍ତପୁର, ବିଲସାହି, ଆରପଦା, ଜୈନାବାଦ, ଟିଙ୍କିପଡ଼ା, ଦରଡ଼ା, ଡେଙ୍ଗ, ନୂଆପଡ଼ା, ପମ୍ପାଲୋ, କୁଳନ୍ତିରା, କୃଷ୍ଣପୁର, ଗରିଆ, ଅଙ୍ଗାରପଡ଼ା, ଦୋରବାଙ୍ଗ ହରିଜନ ସାହି, ଜେନାସାହି, ଓଡ଼ଖଣ୍ଡ, ଜିତେନା, ବରଡ଼ିହ ସାହି, ତେଲିଚୌକା ପ୍ରଭୃତି ଗାଁ ଚାରିପଟେ ଜଳ ଘେରି ରହିଛି। ସେସବୁ ଅଞ୍ଚଳରେ ପ୍ରାୟ ୧୦ ହଜାରରୁ ଅଧିକ ଲୋକ ପାଣି ଘେରରେ ଫସି ରହିଥିବା ଜଣାପଡ଼ିଛି। ବହୁ ଲୋକଙ୍କ ଅନେକ ଘରେ ପାଣି ପଶିଛି। ଦନାପଡ଼ା ଗ୍ରାମର ଦଳିତସାହି ଲୋକଙ୍କ ଘରେ ପାଣି ପଶିଯାଇଛି। ଫଳରେ ରୋଷେଇବାସ ବନ୍ଦ ହୋଇଯାଇଛି। ଆଜି ସନ୍ଧ୍ୟାରେ ହଠାତ୍ କୁରୁଞ୍ଜିପୁର ପଞ୍ଚାୟତ ବିଲସାହି ଗ୍ରାମରେ ବନ୍ୟାଜଳ ପଶିଯିବାରୁ ୧୦ ଛୋଟ ପିଲାଙ୍କ ସମେତ କିଛି ମହିଳା ଓ ପୁରୁଷଙ୍କୁ ବାଲିପାଟଣା ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲା। କୁଆଖାଇ ନଦୀ କୂଳବର୍ତ୍ତୀ ରଥିଜେମାସ୍ଥିତ ଅଜାଣେଶ୍ୱର ମନ୍ଦିର ଓ ଭଗବତୀ ମନ୍ଦିର ଓ ଚଢ଼େଇବର ସ୍ଥିତି ବ୍ରାହ୍ମଣୀ ବୁଢ଼ୀ ଠାକୁରାଣୀ ମନ୍ଦିର ବୁଡ଼ିଯାଇଛି। ତେଣୁ ହୀରାକୁଦରୁ ଅଧିକ ପାଣି ଆସିଲେ ପରିସ୍ଥିତି ସଙ୍ଗିନ ହୋଇଯିବ ବୋଲି ଏବେ ବନ୍ୟା ଘେରରେ ଥିବା ଲୋକେ କହିଛନ୍ତି।

## ଆବାସିକ ସ୍କୁଲର ୭୦୦ ପିଲାଙ୍କୁ ଉଦ୍ଧାର କଲେ ଅଗ୍ନିଶମ ବାହିନୀ

ଭୁବନେଶ୍ୱର,୧୭/୦୮ (ନି.ପ୍ର): ମହାନଦୀ ଓ ତା'ର ଶାଖା ନଦୀରେ ବନ୍ୟା ଜଳ ଯୋଗୁ ରାଜ୍ୟର ବିଭିନ୍ନ ଅଂଚଳ ଏବେ ଜଳମଗ୍ନ ହୋଇଥିବାବେଳେ ଆଜି ୭୦୦ ପିଲାଙ୍କୁ ଅଗ୍ନିଶମ ବାହିନୀର ଯବାନମାନେ ଉଦ୍ଧାର କରିଛନ୍ତି। କଟକ ସଦର ତହସିଲ ଅନ୍ତର୍ଗତ ଗତିରାଉତପାଟଣା ନିକଟରେ ଥିବା ଏକ ଆବାସିକ ସ୍କୁଲର ପ୍ରାୟ ୭୦୦ ପିଲା ଜଳବନ୍ଦୀ ହୋଇ ରହିଥିଲେ। ସେମାନଙ୍କୁ ଆଜି ଜିଲ୍ଲା ପ୍ରଶାସନ ସହଯୋଗରେ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ମିଳିଥିବା ସୂଚନା ଅନୁସାରେ, କଟକ ସହରର ତଳିଆ ଅଂଚଳରେ ଥିବା ଏହି ଆବାସିକ ସ୍କୁଲର ଚାରିପଟେ ଜଳମଗ୍ନ ହୋଇଯିବାରୁ ସେଠାରେ ଥିବା ପ୍ରାୟ ୭୦୦ ପିଲା ଜଳବନ୍ଦୀ ଅବସ୍ଥାରେ ରହିଥିଲେ। ତଳିଆ ଅଂଚଳରେ ପାଣି ମାଡ଼ି ଯିବାରୁ ସେଠରେ ରହୁଥିବା ଲୋକମାନେ ଉଚ୍ଚ ସ୍ଥାନକୁ ପଳାଉଥିବାବେଳେ ଏହି ପିଲାମାନେ ଜଳବନ୍ଦୀ ହୋଇ ରହିଥିଲେ। ଆବାସିକ ସ୍କୁଲର ତଳମହଲାରେ ବନ୍ୟା ଜଳ ପ୍ରବେଶ କରିବା ପରେ ହଷ୍ଟେଲ କର୍ତ୍ତୃପକ୍ଷ ସବୁ ପିଲାଙ୍କୁ ଉପର ମହଲାକୁ ସ୍ଥାନାନ୍ତର କରିଥିଲେ। ଏହାସହିତ ଅଗ୍ନିଶମ ବାହିନୀକୁ ମଧ ସୂଚନା ଦେଇଥିଲେ। ଜିଲ୍ଲା ପ୍ରଶାସନର ସହଯୋଗରେ ଅଗ୍ନିଶମ ବାହିନୀର ଯବାନମାନେ ପାୱାର ବୋଟ୍ ମାଧ୍ୟମରେ ଏହି ୭୦୦ ପିଲାଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ପଠାଇଛନ୍ତି। ଅନ୍ୟପକ୍ଷରେ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚଇନି ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ମହାନଦୀରେ ବନ୍ୟା ପରିସ୍ଥିତି ଯୋଗୁ ଏପର୍ଯ୍ୟନ୍ତ ଜିଲ୍ଲାର ୧୬୭ଟି ଗାଁର ପ୍ରାୟ ୪୭୫୫୧ଜଣ ଲୋକେ ପ୍ରଭାବିତ ହୋଇଛନ୍ତି। ବିଶେଷକରି ବାଙ୍କି, ନରସିଂହପୁର, ତିଗିରିଆ ଓ ବଡ଼ମ୍ବା ବ୍ଲକର ଲୋକେ ପ୍ରଭାବିତ ହୋଇଥିବାବେଳେ ୩୪୬ଜଣଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ପଠାଯାଇଛି।

# ବର୍ଷାଦିନେ ବଗିଚାର ଯତ୍ନ

**ଗଛ ପାଇଁ ପାଣି ନିହାତି ଦରକାର । ମାତ୍ର ତା' ମୂଳରେ ପାଣି ଜମି ରହିଲେ ଗଛ ପଚିଯାଏ । ତେଣୁ ବର୍ଷାଦିନେ ବଗିଚାର ଯତ୍ନ କିଭଳି ନେବେ ଜାଣିବା ଆସନ୍ତୁ...**



ଘର ଆଗରେ ବା ପଛରେ ସୁନ୍ଦର ବଗିଚାଟିଏ କରିବା ପାଇଁ କାହାର ବା ଇଚ୍ଛା ନ ହୁଏ ? ଅନେକଙ୍କର ବିଶ୍ୱାସ ଫୁଲ, ଫଳଭର୍ତ୍ତି ଗଛଲତାଟିଏ ଦେଖିବା ଦ୍ୱାରା ମୁଡ୍ ଭଲ ରହେ । ଫୁଲ ଫଳ ନ ହେଲେ ବି ସବୁଜ ପତ୍ରରେ ଭରପୂର ଗଛଟିଏ ଦେଖି ଦିନ ଆରମ୍ଭ କଲେ ଦିନଟି ଭଲରେ କାଟେ । ତା' ଛଡ଼ା ସକାଳୁ ସକାଳୁ ସବୁଜିମା ଦେଖିବା ଆଖି ପାଇଁ ମଧ ଭଲ ବୋଲି ମତ ଦିଅନ୍ତି ବିଶେଷଜ୍ଞ । ହେଲେ ବଗିଚାକରିବା ପାଇଁ ଇଚ୍ଛା କରିବା ବା ମନ ବଳାଇବା ଓ ତାହାକୁ କାର୍ଯ୍ୟରେ ପରିଣତ କରିବା ଭିତରେ ଅଛି ଅନେକ ଫରକ୍ । ଗଛ ଲଗାଇବା, ଖରାଦିନେ ପାଣି ଦେବା ଓ ବର୍ଷାଦିନେ ଗଛ ମୂଳରେ ପାଣି ଜମି ନରହିବା, ଗଛଲତାଙ୍କୁ ପୋକ କୀଟ ଆକ୍ରମଣରୁ ରକ୍ଷା କରିବା ଆଦି ପାଇଁ ବହୁ ପରିଶ୍ରମ କରିବାକୁ ହୋଇଥାଏ । ଏସବୁ କାମ ପାଇଁ ସମୟ ମଧ ଦରକାର । ଗଛ ପାଇଁ ପାଣି ନିହାତି ଦରକାର । ମାତ୍ର ତା' ମୂଳରେ ପାଣି ଜମି ରହିଲେ ଗଛ ପଚିଯାଏ । ତେଣୁ ବର୍ଷାଦିନେ ବଗିଚାର ଯତ୍ନ କିଭଳି ନେବେ ଜାଣିବା ଆସନ୍ତୁ...

ବର୍ଷା ଆରମ୍ଭ ହେବା ପୂର୍ବରୁ ବଗିଚାର ଜଳ ନିଷ୍କାସନ ବ୍ୟବସ୍ଥାକୁ ଠିକ୍ କରିଦେବା ଉଚିତ । ନଚେତ୍ ବଗିଚାରେ ଅଯଥା ପାଣି ଜମି ରହିବା ଦ୍ୱାରା ଗଛଲତାଗୁଡ଼ିକ ପଚିଯିବାର ଯଥେଷ୍ଟ ଆଶଙ୍କ ଥାଏ । ବର୍ଷାଦିନେ ମଝିରେ ମଝିରେ ଗଛର ପତ୍ରଗୁଡ଼ିକୁ କାଟି ସାଇଜ୍ କରିଦିଅନ୍ତୁ । ଏହାଦ୍ୱାରା ବଗିଚାରେ ଭଲ ଭାବରେପବନ ଚଳାଚଳ ହୋଇଥାଏ । ଫଳରେ ଗଛଲତା ଭଲ ଭାବରେ ବଢ଼ିଥାନ୍ତି । ଯଦି ଆପଣଙ୍କ ଗାର୍ଡେନ୍‌ରେ ଏପରି କିଛି କୋମଳ ଗଛ ଅଛି, ଯାହା ସିଧାସଳଖ ବର୍ଷା ସଂସ୍ପର୍ଶରେ ଆସିଲେ ଭାଙ୍ଗିଯିବ, ତେବେ ସେ କ୍ଷେତ୍ରରେ ଆପଣ ଗାର୍ଡେନ ଅମ୍ବ୍ରେଲା ବ୍ୟବହାର କରିପାରିବେ । ଜିଆ କେବଳ ମାଟିର ଉର୍ବରତା ବଢ଼ାଏ ନାହିଁ ବରଂ ମାଟି ଭିତରେ ସୁଡ଼ଙ୍ଗ ତିଆରି କରି ଗଛକୁ ଭରପୂର ଅମ୍ଳଜାନ ଯୋଗାଇଥାଏ । ଫଳରେ ଗଛ ଭଲ ବଢ଼େ । ତେଣୁ ଆପଣଙ୍କ ବଗିଚାରେ ଯେତେ ସମ୍ଭବ ଜିଆବଂଶ ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ । ଅନେକ ସମୟରେ ନାନା ପ୍ରକାର ପୋକ କୀଟ ଗଛଲତାଙ୍କର ଶତ୍ରୁ ହୋଇଥାନ୍ତି । କଅଁଳ ଛନଛନିଆ ଗଛଲତାକୁ ଖାଇ ଶେଷ କରିଦିଅନ୍ତି । ତେଣୁ ମଝିରେ ମଝିରେ ଗଛଲଦା ଉପରେ କୀଟନାଶକ ସିଞ୍ଚନ କରନ୍ତୁ । ଏହାଦ୍ୱାରା ଗଛଗୁଡ଼ିକରେ ସହଜରେ ପୋକ ଲାଗେ ନାହିଁ । ତା' ଛଡ଼ା ଯଦି କୌଣସି ଗଛ ପଚି ଯାଇଥାଏ, ତେବେ ସଙ୍ଗେ ସଙ୍ଗେ ତାହାକୁ ବଗିଚାରୁ ଉପାଡ଼ି ଫୋପାଡ଼ି ଦିଅନ୍ତୁ । ନଚେତ୍ ଏହି ପଚା ଗଛ ଅନ୍ୟ ଗଛ ସହ ଲାଗି ତାକୁ ବି ପଚାଇଦେବ । ଋତୁପରିବର୍ତ୍ତନ ହେବାଦ୍ୱାରା ଋତୁକାଳୀନ ବୃକ୍ଷଲତାଗୁଡ଼ିକର ଆକର୍ଷଣ କମିଯାଇଥାଏ । ତେଣୁ ଋତୁକାଳୀନ ଗଛଗୁଡ଼ିକ ଅପେକ୍ଷା ଚିରହରିତ୍ ଗଛ ଲଗାଇବା ପ୍ରତି ପ୍ରାଥମିକତା ଦେବା ଉଚିତ । ଏହାଦ୍ୱାରା ଆପଣଙ୍କ ବଗିଚା ବର୍ଷସାରା ଆକଷୟଣୀୟ ଲାଗୁଥିବ ।





**କ'ଣ ନ କରିବା ଉଚିତ:**

ବର୍ଷା ଦିନେ ଅତି ଶୀଘ୍ର ବଢୁଥିବା ଗଛଗୁଡ଼ିକୁ ବଗିଚାରେ ଲଗାନ୍ତୁ ନାହିଁ । ନଚେତ୍ ଆପଣଙ୍କ ବଗିଚା ଅଳ୍ପ ଦିନରେ ଜଙ୍ଗଲ ଭଳି ଦେଖାଯିବ । ଫଳରେ ଏଥିରେ ସାପ ତଥା ଅନ୍ୟାନ୍ୟ ବିଷଧର ଜୀବଜନ୍ତୁ, ସରୀସୃପ ଲୁଚି ରହିବାକୁ ସୁବିଧା ହେବ । ଆପଣଙ୍କ ବଗିଚାରେ ଯଦି ବୁଢ଼ିଆଣୀ ଅଛି, ତା' ହେଲେ ତାକୁ ମାରନ୍ତୁ ନାହିଁ । କାରଣ ବଗିଚାରେ ଥିବା କୀଟମାନଙ୍କୁ ନଷ୍ଟ କରିବାରେ ବୁଢ଼ିଆଣୀ କୀଟନାଶକଠାରୁ ବି ଅଧିକ ସକ୍ରିୟ । ଏହା କୀଟମାନଙ୍କୁ ଖାଇଦେଇଥାଏ । ଫଳରେ ଗଛଲତାଗୁଡ଼ିକ ସୁସ୍ଥ ରହିଥାନ୍ତି । ବୁଢ଼ିଆଣୀ ପରି ବେଙ୍ଗ ମଧ କୀଟମାନଙ୍କୁ ଖାଇ ଫୁଲ, ଫଳଗଛକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥାନ୍ତି । ତେଣୁ ବେଙ୍ଗକୁ ବଗିଚାରୁ ନ ଘଉଡ଼ାଇ ସେମାନଙ୍କୁ ଆଶ୍ରୟ ଦେବା ଦରକାର ।

**ଟେରାସ୍ ଗାର୍ଡେନିଂ ପାଇଁ କିଛି କଥା:**

ଆପଣ ଯଦି ଟେରାସ୍ ବା ଛାତ ଉପରେ ବଗିଚା କରିବେ ବୋଲି ଚିନ୍ତା କରିଛନ୍ତି, ତା' ହେଲେ ପ୍ରଥମେ ଗଛଲତା ଲଗା ସ୍ଥାନ ଠିକ୍ କରିନିଅନ୍ତୁ । ସ୍ଥାନ ବାଛିସାରିବା ପରେ ସେଠାରେ ମାଟି ତିଆରି ଇଟାଗୁଡ଼ିକୁ ସଜେଇ ରଖି ତା' ଉପରେ ଆପଣଙ୍କ ମନପସନ୍ଦର ଫୁଲ କୁଣ୍ଡଗୁଡ଼ିକୁ ଲଗାଇ ଦିଅନ୍ତୁ । ହଁ ଧ୍ୟାନ ରଖିବେ, ଇଟା ଯେପରି ପାଣିରେ ବତୁରି ଯାଉନଥିବ । ଛାତ ଉପରେ ଲଗାଯାଉଥିବା ଫୁଲ, ଫଳଗୁଡ଼ିକୁ ଭୂମିର ପ୍ରାକୃତିକ ତତ୍ତ୍ୱ ମିଳିପାରେ ନାହିଁ । ତେଣୁ ଆପଣ ଯେଉଁ ଫୁଲକୁଣ୍ଡ ଲଗାଇଛନ୍ତି, ଧ୍ୟାନ ଦିଅନ୍ତୁ ସେଥିରେ ଯେପରି ପର୍ଯ୍ୟାପ୍ତ ପରିମାଣରେ ସାର ତଥା ଉର୍ବର ମାଟି ତତ୍ତ୍ୱ ରହିପାରିବ ।

## ଶକ୍ତିଶାଳୀ ଔଷଧ ସେକ୍ସ

ଶରୀରକୁ ସୁସ୍ଥ ରଖିବାକୁ ଆମେ ଡାଏଟିଂ,ଯୋଗ, ମର୍ଣ୍ଣିଂଓ୍ୱାର୍କ ଆଦି କରିଥାଉ । ଉତ୍ତମ ସ୍ୱାସ୍ଥ୍ୟ ହେଉଛି ମଣିଷର ପ୍ରକୃତ ସମ୍ପତ୍ତି । ସେଥିପାଇଁ ନାନା ପ୍ରକାର ବିକଳ୍ପ ବି ଗ୍ରହଣ କରିଥାନ୍ତି ସମସ୍ତେ, କିଭଳି ଭାବରେ ନିଜ ସ୍ୱାସ୍ଥ୍ୟର ଉନ୍ନତି ହୋଇପାରିବ, ସମସ୍ତେ ପ୍ରାୟ ଚେଷ୍ଟା କରିଥାନ୍ତି । ଯଦି ଜଣେ ଭଲଭାବରେ ସେକ୍ସ କରୁଥାଏ, ତା'ହେଲେ ସ୍ୱାସ୍ଥ୍ୟ ପାଇଁ ତାହା ଖୁବ୍ ଦରକାରୀ । ଏହାକୁ କେହି ଗବେଷକ ବି କହିଥାନ୍ତି, ସେକ୍ସଠାରୁ ଶକ୍ତିଶାଳୀ ଔଷଧ କିଛି ନାହିଁ । ଯେଉଁମାନେ ନିୟମିତ ଭାବରେ ସେକ୍ସ କରନ୍ତି, ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ କ୍ୟାନ୍ସର ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇଥାଏ । ଏହା ଚାପ କମ୍ କରିବା ସହ ହରମୋନର ସଠିକ ସନ୍ତୁଳନ କରିଥାଏ । ଫଳରେ ସ୍ୱାସ୍ଥ୍ୟ ଭଲ ରହେ । ବଡ଼ କଥା ହେଉଛି, ସେକ୍ସ କରୁଥିବା ଲୋକଙ୍କୁ ବିଶେଷ କିଛି ଶାରୀରିକ ବ୍ୟାୟାମ କରିବାର ଆବଶ୍ୟକତା ପଡ଼ି ନଥାଏ ।

## କଲରା ଆମ୍ବିଳା ମସଲା

**ସାମଗ୍ରୀ:**

କଲରା: ୪/୫ ଟା (ବଡ଼)
-କର୍ନଫ୍ଲୋର୍: ୧ କପ୍
-କଟା ପିଆଜ: ୧ଟା (ବଡ଼)
-କଟା ରଶୁଣ: ୧ଟା (ଛୋଟ)
-ଅଦା: ଛୋଟ ଖଣ୍ଡେ
-ଜିରା: ୧ ଚାମଚ
-ଶୁଖିଲା ଲଙ୍କା: ୧/୨ ଟା
-ଚିନି: ଅଧାଚମଚ
-ଆମ୍ବୁଲ: ୨ଟା
-ଅଳ୍ପ ଟମାଟୋ ସସ୍
-ଲୁଣ: ସ୍ୱାଦ ଅନୁସାରେ
-ପ୍ରୟୋଜନ ଅନୁଯାୟୀ ତେଲ





**ପ୍ରଣାଳୀ:**

ପ୍ରଥମେ କଲରାକୁ ଭଲ ଭାବେ ଧୋଇ ଛୋଟ ଛୋଟ ଗୋଲ୍ କରି କାଟି ଦିଅନ୍ତୁ । ସେଥିରେ କର୍ନଫ୍ଲୋର୍, ଲୁଣ ପକାଇ ଗୋଳାଇ ଦିଅନ୍ତୁ । ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲା ପରେ କଲରାକୁ ପକାଇ ଚିପ୍ସ ଭଳି ଛାଣି ରଖନ୍ତୁ । ଜିରା, ଶୁଖିଲା ଲଙ୍କା, ଅଦା, ପିଆଜ, ରସୁଣକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ତା' ପରେ ଗ୍ୟାସ୍‌ରେ କଡ଼େଇ ବସାଇ ଅଳ୍ପ ତେଲ ଦିଅନ୍ତୁ । ତେଲ ଟିକେ ତାତିଗଲା ପରେ ଗ୍ରାଇଡିଂ କରିଥିବା ମସଲାକୁ ପକାଇ ଭଲ ଭାବେ କଷନ୍ତୁ । ସେଥିରେ ଚିନି, ଆମ୍ବୁଲ, ଟମାଟୋ ସସ୍ ଏବଂ ଅଳ୍ପ ପାଣି ଦେଇ ମଧ୍ୟ କଷନ୍ତୁ । ମସଲା କଷି ହୋଇଗଲା ପରେ ପୂର୍ବରୁ ଛାଣିଥିବା କଲରାକୁ ପକାଇ ଭଲ ଭାବେ ଗୋଳେଇ ଦେଇ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ମଧ୍ୟମ ଆଞ୍ଚରେ ବସାନ୍ତୁ । ପାଞ୍ଚ ମିନିଟ୍ ପରେ କଡ଼େଇକୁ ତଳକୁ ଓହ୍ଲାଇ ଦିଅନ୍ତୁ । ଗରମ ଗରମ ଭାତ ସହିତ ନିଜେ ଖାଆନ୍ତୁ ଓ ଅନ୍ୟମାନଙ୍କୁ ଖାଇବାକୁ ପରଷି ଦିଅନ୍ତୁ ।

## ସଜନା ଶାଗର ଉପକାରିତା

ଆମ ଓଡ଼ିଶାରେ ଗାଁ ଗହଳିଠାରୁ ଆରମ୍ଭ କରି ମହାନଗରୀ ପର୍ଯ୍ୟନ୍ତ ସଜନା ଶାଗ ଓ ଛୁଇଁର ଆଦର ଅଧିକ । ଦକ୍ଷିଣ ଭାରତୀୟ ବ୍ୟଞ୍ଜନରେ ମଧ ଏଇ ପରିବା ଓ ପତ୍ରର ଉପଯୋଗ ହୁଏ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ସହରୀ ଲୋକଙ୍କ ତୁଳନାରେ ଗାଁ ଲୋକଙ୍କ ରୋଗପ୍ରତିରୋଧକ ଶକ୍ତି ଅଧିକ ସେମାନେ ଦେଶୀ ଖାଦ୍ୟ ଖାଇବା ସହ ବିଭିନ୍ନ ପ୍ରକାରର ଶାଗ ନିୟମିତ ଭୋଜନରେ ଖାଇଥାନ୍ତି । ସିନେତାରକାଙ୍କ ଖାଦ୍ୟ ବିଶେଷଜ୍ଞ ଭାବେ ଜଣାଶୁଣା ରୁଜୁତା ଦିୱେକର୍ କହିଛନ୍ତି, ସଜନା ଶାଗ ଏକ ଚମତ୍କାରୀ ଖାଦ୍ୟ । କମଳା ଫଳଠାରୁ ୭ ଗୁଣ ଅଧିକ ଭିଟାମିନ୍ ସି ଏଇ ଶାଗରେ ମହଜୁଦ୍ । ଦୈନିକ ଅଳ୍ପ ପରିମାଣର ସଜନା ଶାଗ ଖାଇଲେ ଆମ ପାଚନ କ୍ଷମତା ବୃଦ୍ଧି ପାଏ ।



- ଭିଟାମିନ୍ ଏ'ର ଅଭାବ ଦୂର କରିବା ନିମନ୍ତେ ଅଧିକାଂଶ ଗାଜରକୁ ମଧ ନିୟମିତ ଖାଇଥାଉ । ସପ୍ତାହରେ ୨ ଥର ସଜନା ଶାଗ ଖାଇଲେ ଭିଟାମିନ୍ ଏ ଅଭାବଜନିତ ରୋଗରୁ ରକ୍ଷା ମିଳେ ।
- ପାଶ୍ଚାତ୍ୟ ରାଷ୍ଟ୍ରରେ ସଜନା ଶାଗ ଭିଟାମିନ୍ କ୍ୟାପ୍‌ସୁଲ୍ ମିଳିଥାଏ । ଅନେକ ଲୋକ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏଇ କ୍ୟାପସୁଲ୍ ଖାଉଥିବାର ପ୍ରକାଶ ।
- ଆଣ୍ଟିଅକ୍ସିଡାଣ୍ଟ ଭରପୂର ସଜନା ଶାଗ ଖାଇଲେ ରକ୍ତଚାପ ନିୟନ୍ତ୍ରଣରେ ରହିବା ସହ ତ୍ୱଚା ଭାଙ୍ଗ ସମସ୍ୟା ଦୂର ହୋଇଥାଏ ।
- କୋଲେଷ୍ଟରଲ୍ ସ୍ତରକୁ ନିୟନ୍ତ୍ରଣ କରୁଥିବା ଏହି ଶାଗର ପୋଷକ ତତ୍ତ୍ୱ ହୃଦ୍‌ଘାତର ଆଶଙ୍କା କମ୍ କରୁଥିବାର ଖାଦ୍ୟ ବିଶେଷଜ୍ଞଙ୍କ ମତ ।
- ନିଶାଗ୍ରସ୍ତ ବ୍ୟକ୍ତି ନିୟମିତ ସଜନା ଶାଗ ଖାଇଲେ ସେମାନଙ୍କ ଯକୃତକୁ ଶକ୍ତି ମିଳିବା ସହ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ପାଇଥାଏ ।

## ଅମ୍ଳଜାନ ମାପିବ ସ୍ମାର୍ଟଓ୍ୱାଚ୍





ସ୍ୱାସ୍ଥ୍ୟ ପାଇଁ ଖୁବ୍ ସଚେତନ ରହୁଥିବା ମଣିଷଙ୍କ ଲାଗି ମେଭୋଫିଟ୍ ଏକ ସ୍ୱତନ୍ତ୍ର ସ୍ମାର୍ଟଓ୍ୱାଚ୍ ପ୍ରସ୍ତୁତ କରିଛି । ଏହା ଶରୀରରେ ଅମ୍ଳଜାନ ପରିମାଣ ଜଣାଇବା ଲାଗି ସେନ୍‌ସର ଭଳି କାମ କରିବ । ମେଭୋଫିଟ୍‌ର ଏହି ସ୍ମାର୍ଟଓ୍ୱାଚ୍ ମେଭୋଫିଟ୍ ଏହି ସ୍ମାର୍ଟଓ୍ୱାଚ୍ ମେଭୋଫିଟ୍ ରେସ୍‌ଡାଇଭ୍‌ର ମୂଲ୍ୟ ମାତ୍ର ୪୯୯୦ ଟଙ୍କା ରଖାଯାଇଥିବା କମ୍ପାନୀ ପକ୍ଷରୁ ଜଣାଯାଇଛି । ଏହାକୁ ପିନ୍ଧି ଜଣେ ସନ୍ତରଣ ମଧ କରିପାରିବେ । ଏହି ସ୍ମାର୍ଟଓ୍ୱାଚ୍‌ରେ କେତେ ପାଦ ଚାଲିଲେ, କେତେ କ୍ୟାଲେରୀ ମୁକ୍ତ ହେଲା, କେତେ ଦୂର ଦୌଡ଼ିଲେ, ଦିନସାରା କେତେ ଶାରୀରିକ କାର୍ଯ୍ୟକଳାପ କଲେ ଆଦି ଜାଣିବା ଲାଗି ଟ୍ରାକର ରହିଛି । ଏହା ମଧ ନିଦ ପରିମାଣ, ହୃତ୍‌ସ୍ପନ୍ଦନ, ରକ୍ତଚାପ, ଅମ୍ଳଜାନ ପରିମାଣ ଜଣାଇପାରିବ । ଅନ୍ୟ ସ୍ମାର୍ଟଓ୍ୱାଚ୍‌ଗୁଡ଼ିକ ପରି ଏଥିରେ ବି ବ୍ଲୁଟୁଥ୍ ସଂଯୋଗ ରହିଥିବାରୁ ଫୋନ୍‌କୁ ଆସୁଥିବା ସମସ୍ତ ନୋଟିଫିକେସନ୍, ଇନ୍‌କମିଂ କଲ୍, ମେସେଜ୍‌ର ସୂଚନା ପାଇପାରିବେ । ଫାଇଣ୍ଡ ପାଇଁ ଫୋନ୍ ସୁବିଧା ଥିବାରୁ ସ୍ମାର୍ଟଓ୍ୱାଚ୍‌କୁ ଟ୍ରାକ୍ କରିବା ସହଜ ହେବ । ଏଥିରେ କ୍ୟାଲେଣ୍ଡର ସହ ପାଣିପାଗର ସୂଚନା ଏବଂ କ୍ୟାମେରା ନିୟନ୍ତ୍ରଣ କରିବା ସୁବିଧା ରହିଛି । ଘଣ୍ଟାରୁ ହିଁ ମୋବାଇଲ୍‌ର କ୍ୟାମେରା ପରିଚାଳନା କରିପାରିବେ । ସାଇକଲ୍ ଚାଳନା, ସନ୍ତରଣ, ସ୍କିପିଙ୍ଗ, ବ୍ୟାଡମିଣ୍ଟନ, ବାସ୍କେଟବଲ୍, ଚାଲିବା, ଦୌଡ଼ିବା ଆଦି ବିଭିନ୍ନ କାର୍ଯ୍ୟ ପାଇଁ ଏହି ସ୍ମାର୍ଟଓ୍ୱାଚ୍‌ରେ ଏକାଧିକ ମୋଡ୍ ରହିଛି । ଏଥିରେ ଥିବା ୮୦ ଏମ୍‌ଏଏଚ୍ ବ୍ୟାଟେରି ଥରେ ଚାର୍ଜ ହେଲେ ୪ ରୁ ୬ ଦିନ କାମ କରିପାରେ । ଧୂଳି ଏବଂ ପାଣିରେ ଏହି ଘଣ୍ଟାର କିଛି କ୍ଷତି ହୋଇନଥାଏ । ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

## ପ୍ରକୃତରେ ମହିଳାଙ୍କ ହୃଦୟ ଛୋଟ

ସମସ୍ତେ କୁହନ୍ତି ମହିଳାଙ୍କ ହୃଦୟ ପୁରୁଷମାନଙ୍କଠାରୁ ଛୋଟ । ହୁଏତ ଏହାର ପ୍ରକୃତ ଅନୁଧ୍ୟାନ କରି କେହି କହି ନଥାଇ ପାରନ୍ତି କି କାହା ପାଖରେ ସମ୍ପୂର୍ଣ୍ଣ ବିବରଣୀ ନଥାଏ । ପୁରୁଷମାନେ ପ୍ରେମରେ ହାରିବା ବେଳେ ମହିଳାଙ୍କ ହୃଦୟ ଛୋଟ କଥାକୁ ଅବଶ୍ୟ କହିଥାନ୍ତି । କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ମହିଳାଙ୍କ ହୃଦୟ ଛୋଟ ବୋଲି ବୈଜ୍ଞାନିକମାନେ ପ୍ରମାଣିତ କରିଛନ୍ତି । ସେଥିପାଇଁ ପୁରୁଷଙ୍କ ହାର୍ଟବିଟ୍ ତୁଳନାରେର ମହିଳାଙ୍କ ଅଧିକ ହାର୍ଟବିଟ୍ ହୋଇଥାଏ । ତାହାର ମୁଖ୍ୟ କାରଣ ହେଲା ଯେ ମହିଳାଙ୍କର ହୃଦୟରର ଆକାର କମ ଥିବାରୁ ତାହା ଅଧିକ ଥର ସ୍ପନ୍ଦନ କରିଥାଏ । ଏହିକଥା ବି ଅନେକ ସମୟରେ ଉପମା ଦେଇକି ପରିହାସରେ ପୁରୁଷମାନେ ମହିଳାଙ୍କ ଉଦ୍ଦେଶ୍ୟରେ କହିପାରନ୍ତି କିନ୍ତୁ ଏହା ପଛର ପ୍ରକୃତ କାରଣ ଛୋଟ ହାର୍ଟ ପାଇଁ ବିଟ୍ କିନ୍ତୁ ଅଧିକ ହୋଇଥାଏ ।

## ରୋବଟ୍ କ୍ଲିନର୍‌ରେ ବିମାନ ଭିତର ସଫେଇ



କରୋନା ମହାମାରୀର ଭୟ ଲୋକଙ୍କ ମନରେ ରହିଛି । ଲୋକେ ଭୟକୁ ମନରେ ରଖି ବାହାରକୁ ବାହାରିଲେଣି । ଚାକିରି, ବ୍ୟବସାୟ ଆଦି କାମରେ ପାଖ ସହର, ରାଜ୍ୟକୁ ଯା-ଆସ ଇତିମଧରେ ଆରମ୍ଭ ହୋଇଯାଇଛି । ବିମାନସେବା ମଧ ଧୀରେ ଧୀରେ ସ୍ୱାଭାବିକ ହେଉଛି । ବ୍ରିଟେନ୍‌ରେ ଆନ୍ତଃରାଜ୍ୟ ବିମାନ ଚଳାଚଳ ଆରମ୍ଭ ହୋଇଥିବାବେଳେ ଯାତ୍ରୀଙ୍କ ସଂଖ୍ୟା ପୂର୍ବଭଳି ନାହିଁ । ଲୋକେ ଅତି ଜରୁରୀ କାମରେ ବିମାନରେ ଯା-ଆସ କରୁଛନ୍ତି । ବ୍ରିଟେନ୍ ବିମାନ କର୍ତ୍ତୃପକ୍ଷ ବିମାନ ଭିତର ସ୍ଥିତିକୁ ନେଇ ପୂର୍ବାପେକ୍ଷା ଅଧିକ ସଚେତନ । ଏବେ ରୋବଟ୍ କ୍ଲିନର୍‌ର ସହାୟତା ନିଆଯାଇ ସଫା କରାଯାଉଛି । ରୋବଟ୍ କ୍ଲିନର୍‌ର ନାମ 'ନୋଭା ରୋଭର୍' ଓ ବିମାନ ଭିତରେ ଏହା ସ୍ୱୟଂଚାଳିତ ଭାବେ କାମ କରୁଥିବାର ପ୍ରକାଶ । ଏହାକୁ ସ୍ପ୍ରେ କଲେ, ୧୨ ଫୁଟ୍ ପର୍ଯ୍ୟନ୍ତ ପରିଷ୍କାର କରୁଥିବାର ଦେଖା ଯାଇଛି । ନ୍ୟୁଜିଲାଣ୍ଡର ଏକ କମ୍ପାନୀ ଏହି ରୋବଟ୍‌କୁ ତିଆରି କରିଥିବାବେଳେ ବିଭିନ୍ନ କାମ ମଧ କରିଥାଏ । ପ୍ରତ୍ୟେକ ସିଟ୍‌କୁ ପରିଷ୍କାର କରିବା ସହ ଯାତ୍ରୀଙ୍କ ଶରୀରର ତାପମାତ୍ରାକୁ ମଧ ମାପିପାରେ । ମହାମାରୀ ସମୟରେ ପୂର୍ବ ଭଳି ଅଧିକ କର୍ମଚାରୀଙ୍କୁ କାମରେ ଲଗାଇବା ପରିବର୍ତ୍ତେ ରୋବଟ୍ କ୍ଲିନର୍ ଜରିଆରେ କାମ ହୋଇପାରୁଥିବାର କର୍ତ୍ତୃପକ୍ଷ କହିଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅଧା ଓଡ଼ିଶା ବନ୍ୟା ବିପଦରେ...

ମହାନଦୀ, ବୈତରଣୀ, ବ୍ରାହ୍ମଣୀ ସମେତ ବିଭିନ୍ନ ନଦୀରେ ବନ୍ୟା ଆସିଛି । ରାଜ୍ୟର ଅଧିକାଂଶ ଜିଲ୍ଲାରେ ଅବିଶ୍ରାନ୍ତ ବର୍ଷା ଓ ଉପରମୁଣ୍ଡରୁ ଜଳ ନିଷ୍କାସନ ହେତୁ ଆସିଯାଇଛି ପ୍ରବଳ ବନ୍ୟା । ବିସ୍ତୀର୍ଣ୍ଣ ଅଞ୍ଚଳ ଜଳପ୍ଲାବିତ ହୋଇଛି ଓ ଜମି ଜଳମଗ୍ନ ହେବା ଫଳରେ ବ୍ୟାପକ କ୍ଷତି ହୋଇଛି । ବିଶେଷ କରି ହୀରାକୁଦ ଉପରମୁଣ୍ଡରେ ବର୍ଷା ଓ ଜଳପ୍ରବାହ ବୃଦ୍ଧି ଏହାର ମୁଖ୍ୟ କାରଣ ହୋଇଛି । ବାଙ୍କୀ, ବଡ଼ମ୍ବା, ଆଠଗଡ଼ ଓ ତିଗିରିଆ ଭଳି ଅନେକ ବ୍ଲକ୍‌ରେ ବନ୍ୟାବିପ୍ଳାବିତ ଭୟଙ୍କର ରୂପ ନେଇଛି । ହୀରାକୁଦ ଜଳଭଣ୍ଡାର ଜଳ ନିଷ୍କାସନ ଗେଟ୍ ଖୋଲିବା ସକାଶେ ଛତିଶଗଡ଼ ସରକାରଙ୍କ ପକ୍ଷରୁ ଚାପ ଫଳରେ ସ୍ଥିତି ଅଧିକ ସଙ୍କଟାପନ୍ନ ହୋଇଛି । କେବଳ ସେତିକି ନୁହେଁ, ବୈତରଣୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବଂଶଧାରା ଭଳି ନଦୀରେ ବନ୍ୟାବିପ୍ଳାବିତ ସ୍ଥିତିକୁ ଅଧିକ ସମସ୍ୟା ସୃଷ୍ଟି କରିଛି । ନଦୀଜଳ ସ୍ତର ବୃଦ୍ଧି ପାଇବା ସହିତ ତଳମୁଣ୍ଡରେ ରହୁଥିବା ବାସିନ୍ଦାଙ୍କ ପାଇଁ ଘାଇ ଓ ଘଳିଆ ସୃଷ୍ଟି କରିଛି ଅସୁମାରୀ ସମସ୍ୟା ହୀରାକୁଦରେ ଜଳ ନିଷ୍କାସନ ୨୬ଟି ଗେଟ୍ ଦେଇ ହେଉଥିଲା । ଉପରମୁଣ୍ଡରୁ ଚାପ ଫଳରେ ହ୍ରାସ କରି ଆଠଟି ଗେଟ୍ ଦେଇ ନିଷ୍କାସନ କରାଯାଇଛି । ଜଳ ନିଷ୍କାସନ ହେତୁ ମା' ଭଟ୍ଟାରିକା ମନ୍ଦିର ଜଳମଗ୍ନ ହୋଇଥିବାରୁ ମା'ଙ୍କ ପୂଜିତ ମୂର୍ତ୍ତିକୁ ନିକଟବର୍ତ୍ତୀ ପାହାଡ଼ ଉପରକୁ ସ୍ଥାନାନ୍ତର କରାଯାଇଛି । ବନ୍ୟା ଜଳପ୍ରବାହ ଏତେ ଅଧିକ ହୋଇଛି ପାଣି ମୁଖ୍ୟମନ୍ଦିର ମଥାନକୁ ଛୁଇଁସାରିଛି । ତେଣେ ହୀରାକୁଦ ଜଳସ୍ତର ୬୨୫ ଫୁଟରେ ମଙ୍ଗଳବାର ସକାଳରେ ଥିବାସ୍ଥଳେ ତାହାର ଜଳଧାରଣ କ୍ଷମତା ୬୩୦ ଫୁଟ ରହିଛି । କେନ୍ଦ୍ରାପଡ଼ା ସହରରେ ପାଣି ପଶିଲାଣି ଏବଂ ଜଗତସିଂହପୁରର ଦଳେଇ ଘାଇର ସ୍ଥିତି ସଂଗୀନ୍ ରହିଛି । ୧୯୮୨ରେ ସୃଷ୍ଟି ହୋଇଥିବା ଦଳେଇ ଘାଇର ଆଶଙ୍କା ଲୋକମାନଙ୍କୁ ଘାରିଲାଣି । ଦଳେଇ ଘାଇ ପାଖରେ ଜଳସ୍ତର ବଢ଼ିଥିବାରୁ ଆଶଙ୍କା ବହୁମାତ୍ରାରେ ବୃଦ୍ଧି ପାଇଛି । ମହାନଦୀରେ ବନ୍ୟାଜଳ ପ୍ରବାହ ବଢ଼ିବା ଫଳରେ ରାତି ଅନିଦ୍ରା ରହି ଲୋକମାନେ ଜଗି ରହିଛନ୍ତି । ବିଭିନ୍ନ ଶାଖା ନଦୀର ତଟବର୍ତ୍ତୀ ଜନସାଧାରଣ ଆତଙ୍କ ଭିତରେ ରହିଛନ୍ତି । ପ୍ରଶାସନିକ ତତ୍ପରତା ତୁରନ୍ତ ମିଳିବା ଉପରେ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉଥିବା ଭିତରେ ବିଭିନ୍ନ ଅଞ୍ଚଳର ଲୋକମାନଙ୍କ ଭିତରୁ ଆତଙ୍କ ଲିଭିନାହିଁ । ନୟାଗଡ଼ ଜିଲ୍ଲାର ବିଭିନ୍ନ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଖଣ୍ଡପଡ଼ା, ଗଣିଆ ପ୍ରଭୃତିର ବହୁଗ୍ରାମ ବାହ୍ୟଜଗତରୁ ବିଛିନ୍ନ ହୋଇ ରହିଛି । କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ଓ ଗରଦପୁର ଭଳି ଅଞ୍ଚଳରେ ବିପ୍ଳାବିତ ଦେଖାଦେଇଛି । ମୁଣ୍ଡଳି, ନରାଜରେ ଜଳପ୍ରବାହ ବୃଦ୍ଧି ପାଇବାରେ ଲାଗି ରହିଥିବା ଭିତରେ ପାଣିପାଗ ବିଭାଗ ପକ୍ଷରୁ ପୁଣି ଅଧିକ ବର୍ଷା ହେବାର ସୂଚନା ଥିବାରୁ ସମସ୍ତଙ୍କ ମନରେ ଛନକା ପଶିଗଲାଣି । ଚାଷଜମିରେ ମଣିଷ ଉଚ୍ଚାରେ ପାଣି ଜମି ରହିଥିବାରୁ ସ୍ଥିତି ବିଷମ ହୋଇଗଲାଣି । ଗେଟ୍ ବନ୍ଦ ରହିଥିବାରୁ ପଛୁଆ ପାଣି ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅଧିକାଂଶ ସ୍ଥାନରେ ହଜାର ସଂଖ୍ୟାରେ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି । ୧୯ ତାରିଖରେ ପୁଣି ଲଘୁଚାପ ସୃଷ୍ଟିର ଆଶଙ୍କା ଦୃଷ୍ଟିରୁ ପ୍ରଶାସନ କେତେଦୂର ଆଗୁଆ ସତର୍କତାମୂଳକ ପଦକ୍ଷେପ ନେଇପାରିବେ, ତାହା ସମସ୍ତଙ୍କ ପାଇଁ ମୁଖ୍ୟ ପ୍ରସଙ୍ଗ ହେବ । ଏବେ ବିଭିନ୍ନ ନଦୀରେ ଜଳପ୍ରବାହ ଜନିତ ସମସ୍ୟା ଅତିକ୍ରାନ୍ତ ହେବାପରେ ଲୋକମାନେ କେଉଁଭଳି ସମ୍ଭାବ୍ୟ ସଂକ୍ରମଣରୁ ରକ୍ଷା ପାଇବେ, ଲୋକମାନଙ୍କୁ ପାନୀୟ ଜଳ ଯୋଗାଇହେବ, ତାହା ସମସ୍ତଙ୍କ ପାଇଁ ବଡ଼ ଚିନ୍ତାର କାରଣ ସାଜିଛି । ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ଅବିଶ୍ରାନ୍ତ ବର୍ଷା କାରଣରୁ ତଳମୁଣ୍ଡ ବାସିନ୍ଦାଙ୍କ ପାଇଁ ଘୋର ଚିନ୍ତା ଆଣିଦେଇଛି । ଦେବୀ ନଦୀ ଏବେ ଟଳମଳ ରହିଛି । ସ୍ଥିତି ଉପରେ ନଜର ରଖାଯାଇଛି । ବନ୍ୟା ଜଳଘେରରେ ଥିବା ଲୋକମାନଙ୍କୁ କିଭଳି ସହାୟତା ଯୋଗାଇ ହେବ ସେଥିପାଇଁ ଉଚ୍ଚସ୍ତରୀୟ ସମୀକ୍ଷା ଚାଲିଛି । ଯୋବ୍ରା, ମୁଣ୍ଡଳି, ନରାଜ ଦେଇ ଜଳ ନିଷ୍କାସନ ସହର ଓ ଗ୍ରାମାଞ୍ଚଳବାସୀଙ୍କୁ ସମାନ ବିପଦରେ ପକାଇ ଦେଇଛି । ବିପନ୍ନଙ୍କୁ ଉଦ୍ଧାର ଓ ତୁରନ୍ତ ସହାୟତା ପ୍ରଦାନ ଅଗ୍ରାଧିକାର ଭିତ୍ତିରେ କରାଯିବା ପାଇଁ ପ୍ରଶାସନକୁ ଅଧିକ ଜରୁରି ପଦକ୍ଷେପ ନେବାକୁ ହେବ । ଯେହେତୁ ଅତ୍ୟଧିକ ମାତ୍ରାରେ ବର୍ଷା ପାଇଁ ଜନସାଧାରଣ ପ୍ରସ୍ତୁତ ନଥିଲେ, ସମ୍ଭାବ୍ୟ ବିପଦକୁ ଟାଳିବା ସକାଶେ କାହାରି ଭିତରେ ପ୍ରାୟତଃ ପୂର୍ବ ପ୍ରସ୍ତୁତି ନଥିଲା । ବନ୍ୟା ସ୍ଥିତିର ଗମ୍ଭୀରତା ନେଇ ସରକାରୀ ସ୍ତରରେ ପ୍ରସ୍ତୁତି ଉପରେ ବହୁ କିଛି ନିର୍ଭର କରୁଛି । ଦୁର୍ବଳ ବନ୍ଧ ମରାମତିଠାରୁ ଆରମ୍ଭ କରି ସଂକ୍ରମଣ ବିପଦ ଟଳିବାକୁ କିଭଳି ପ୍ରସ୍ତୁତି ରହୁଛି, ତାହାକୁ ସମସ୍ତେ ଚାହିଁ ରହିଛନ୍ତି । ଛତିଶଗଡ଼ ଓ ଓଡ଼ିଶା ସରକାରଙ୍କ ଭିତରେ ମହାନଦୀ ଜଳ ସ୍ରୋତ ନେଇ ବିବାଦ ଦିଲ୍ଲୀ ସ୍ତରକୁ ଯାଇ ଲଟକି ରହିଛି । ଛତିଶଗଡ଼ ସରକାର ବିଭିନ୍ନ ଆଡ଼ିବନ୍ଧ ନିର୍ମାଣ କରି ଶିଳ୍ପପତିମାନଙ୍କୁ ସାହାଯ୍ୟ କରୁଛନ୍ତି, ଏପଟେ ତିରୋଟ ସମୟରେ ମହାନଦୀ ଶୁଖୁଲା ପଡୁଛି । ଅସମୟରେ ବନ୍ୟା ପାଇଁ ଓଡ଼ିଶା ଦୁର୍ଭାଗର ଶିକାର ହେଉଛି । ଯୋଜନାହୀନତା ଓ ଜଳ ପରିଚାଳନାରେ ସମସ୍ୟାକୁ ସମସ୍ତେ ଦାୟୀ କରୁଛନ୍ତି ।

## ବିଭାଜନର ବିଭିଷିକା



ଗୋପାଳ ମହାପାତ୍ର

ଦେଶ ଏଇ ନିକଟରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିଛି । କିନ୍ତୁ ୧୯୪୭ ମସିହାର ଅଗଷ୍ଟ ୧୫ରେ ଦେଶ ସ୍ୱାଧୀନ ହେବା ସମୟରେ ଏବଂ ତା' ପୂର୍ବରୁ ଦେଶ ବିଭାଜନର ଯେଉଁ ବିଭିଷିକା ଦେଖାଦେଇଥିଲା ତାକୁ ଦେଶବାସୀ ଏଯାବତ୍ ଭୁଲି ପାରିନାହାଁନ୍ତି । ସ୍ୱାଧୀନତା ସଂଗ୍ରାମ ବେଳେ ମହାତ୍ମା ଗାନ୍ଧୀ ଆତ୍ମବିଶ୍ୱାସର ସହ କହିଥିଲେ ଯେ ଯଦି କଂଗ୍ରେସ ଦେଶ ବିଭାଜନକୁ ସ୍ୱୀକାର କରିବାକୁ ଚାହେଁ ତେବେ ମୋ ଶବ (ଲାସ୍) ଉପରେ ଯିବାକୁ ପଡ଼ିବ । ଯେ ପର୍ଯ୍ୟନ୍ତ ମୁଁ ବଞ୍ଚିଛି ସେ ପର୍ଯ୍ୟନ୍ତ ହିନ୍ଦୁସ୍ଥାନର ବିଭାଜନକୁ ସ୍ୱୀକାର କରିବି ନାହିଁ ଏବଂ କଂଗ୍ରେସକୁ ବିଭାଜନ ପାଇଁ ରାଜି ହେବାକୁ ଦେବିନାହିଁ । ଗାନ୍ଧୀଙ୍କ ଏଭଳି ଚେତାବନୀ ସତ୍ତ୍ୱେ ହଠାତ୍ କ'ଣ ହେଲା ଯେ ପଣ୍ଡିତ ଜବାହାରଲାଲ୍ ନେହେରୁ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ଦେଶ ବିଭାଜନ ପାଇଁ ରାଜି ହୋଇଗଲେ ? କଂଗ୍ରେସ ମୁସଲିମ୍ ବିଚ୍ଛିନ୍ନତାବାଦୀମାନଙ୍କ ଆଗରେ ମୁଣ୍ଡ ନୁଆଁଇଲା, ବ୍ରିଟିଶ୍ ସଂସଦ ଭାରତ ପାକିସ୍ଥାନ ସ୍ୱତନ୍ତ୍ରତା ଅଧିନିୟମକୁ ସ୍ୱୀକୃତି ଦେଲା । ବ୍ରିଟିଶ୍ ସରକାର ଅଖଣ୍ଡ ଭାରତକୁ ବିଭାଜିତ କରି ଦୁଇ ସ୍ୱାଧୀନ ଦେଶରେ ପରିଣତ କରିଦେଲା । ସଂପୂର୍ଣ୍ଣ ସ୍ୱତନ୍ତ୍ରତା ପ୍ରଦାନ କରିବା ପାଇଁ ୧୯୪୭ ଅଗଷ୍ଟ ୧୪ତାରିଖକୁ ଦିନଧାର୍ଯ୍ୟ କରାଯାଇଥିଲା । ଅଗଷ୍ଟ ୧୪ ତାରିଖକୁ ବ୍ରିଟିଶ୍ ସରକାର ଧାର୍ଯ୍ୟ କରିବାର କାରଣ ହେଉଛି ଏହି ତାରିଖରେ ଜାପାନ ମିତ୍ର ଦେଶ ମାନଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିବା ପାଇଁ ବାଧ ହୋଇଥିଲା । ପାକିସ୍ଥାନ ଅଗଷ୍ଟ ୧୪ ତାରିଖକୁ ସ୍ୱାଧୀନତାର ଦିନ ବୋଲି ମାନିନେଲା କିନ୍ତୁ ଭାରତ ମାନି ନଥିଲା । କାରଣ ବ୍ରିଟିଶ୍ ସରକାର ବିରୁଦ୍ଧରେ ଲଢେଇ କରିଥିବା ଆଜାଦ ହିନ୍ଦ୍ ଫୌଜ୍‌କୁ ଜାପାନ ସହାୟତା କରିଥିଲା । ଏଣୁ ଜାପାନର ଆତ୍ମସମର୍ପଣର ଦିନକୁ ଭାରତ ସ୍ୱାଧୀନତା ଦିବସ ଭାବେ ଗ୍ରହଣ ନକରି ୧୫ ଗଅଷ୍ଟକୁ ଦେଶର ସ୍ୱାଧୀନତା ଦିବସ ବୋଲି ମାନିନେଇଥିଲା । ସ୍ୱାଧୀନତା ପାଇଁ ଲଢେଇ ଭାରତ ପାଇଁ ଏଭଳି ଏକ ଦୁଃଖଦ ପରିଣାମ ଆଣି ଦେଇଥିଲା ଯାହାର ଫଳ ସ୍ୱରୂପ ପାକିସ୍ଥାନ ଏକ ସ୍ୱତନ୍ତ୍ର ଦେଶ ଭାବରେ ଅସ୍ତିତ୍ୱ ଲାଭ କଲା ଓ ଭାରତ ପାଇଁ ଏକ ସ୍ଥାୟୀ ସଂକଟ ଭାବେ ଉଭା ହେଲା ।

ବ୍ରିଟିଶ୍ ସରକାର ଭାରତରେ ଶାସନ କରିବା ପାଇଁ ଡିଭାଇଡ୍ ଆଣ୍ଡ ରୁଲ୍ ନୀତିକୁ ଆପଣେଇଥିଲେ । ବଙ୍ଗଳାର ବିଭାଜନ ମଧ୍ୟ ବ୍ରିଟିଶ୍ ସରକାରଙ୍କର ଏକ ଷଡ଼ଯନ୍ତ୍ରକାରୀ ଘଟଣାକ୍ରମ ଥିଲା । ଭାରତ ବିଭାଜନର ଏହା ମୂଳଦୁଆ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । କିନ୍ତୁ ବଙ୍ଗଳା ବିଭାଜନକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ବଢିଥିଲା ଓ ଆନ୍ଦୋଳନ ଜୋର୍‌ଦାର ହୋଇଥିଲା । ୧୮୫୭ର ପ୍ରଥମ ସ୍ୱାଧୀନତା ସଂଗ୍ରାମରୁ ଅନୁପ୍ରାଣିତ ହୋଇଥିବା କ୍ରାନ୍ତିକାରୀଙ୍କୁ ଦମନ କରିବା ପାଇଁ ବ୍ରିଟିଶ୍ ସରକାର ଭାଇସ୍‌ରାୟ ଲର୍ଡ କର୍ଜନଙ୍କୁ ଭାରତ ପଠାଇଥିଲେ । ଯଦିଓ ବଙ୍ଗ-ଭଙ୍ଗ ଆନ୍ଦୋଳନକୁ ବ୍ରିଟିଶ୍ ସରକାର ଦମନ କରିପାରିଥିଲେ ତଥାପି ଡର ଥିଲା କାଳେ ପୁଣି କ୍ରାନ୍ତିକାରୀ ମାନେ ଜାଗିଉଠିବେ । ଇଂରେଜମାନେ ଜାଣିଥିଲେ ଯେ ୧୮୫୭ର ପୁନରାବୃତ୍ତି ମଧ୍ୟ ହୋଇପାରେ । ଇଂରେଜମାନେ ଏକଥା ମଧ୍ୟ ଆଶଙ୍କା କରୁଥିଲେ ଯେ, କଂଗ୍ରେସ ମଧ୍ୟ କ୍ରାନ୍ତିକାରୀଙ୍କୁ ପ୍ରୋତ୍ସାହିତ କରିପାରେ । ଲର୍ଡ କର୍ଜନକିନ୍ତୁ କୁଟିଳ ପ୍ରୟୋଗ କରି ୧୯୦୫ ମସିହାରେ ବଙ୍ଗଳାକୁ ଦୁଇ ଭାଗ କରିଦେଲେ । ଯଦିଓ ବଙ୍ଗ-ଭଙ୍ଗ ଆନ୍ଦୋଳନରେ ଉଭୟ ହିନ୍ଦୁ ମୁସଲିମ୍ ଯୋଗଦେଇଥିଲେ ହେଲେ ବିଭାଜନରେ ମୁସ୍‌ଲିମ୍ ବହୁଳ ଅଞ୍ଚଳ ପୂର୍ବବଙ୍ଗଳା ଏବଂ ହିନ୍ଦୁ ବହୁଳ ଅଞ୍ଚଳ ପଶ୍ଚିମବଙ୍ଗଳାରେ ପରିଣତ ହେଲା ।

ଲର୍ଡ କର୍ଜନଙ୍କ ଚତୁରତା ବଙ୍ଗ-ଭଙ୍ଗ ସମୟରେ ଜଣାପଡ଼ିଥିଲା । କିନ୍ତୁ କର୍ଜନ ପୂର୍ବ ବଙ୍ଗଳା ଗଠନ କରି ହିନ୍ଦୁ ଓ ମୁସଲମାସ ମାନଙ୍କ ମଧ୍ୟରେ ଏକ ଖାଇ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ । ପରବର୍ତ୍ତି କାଳରେ ମୁସଲମାନ ମାନେ ହିନ୍ଦୁଙ୍କ ବିରୁଦ୍ଧରେ ଏକଜୁଟ୍ ମଧ୍ୟ ହୋଇଥିଲେ । କର୍ଜନ ଚତୁରତାର ସହ ଢାକାର ନବାବ ସଲିମୁଲ୍ଲାଙ୍କୁ ବଙ୍ଗଳା ବିଭାଜନ ପାଇଁ ରାଜି କରାଇପାରିଥିଲେ ଏବଂ ସ୍ୱଦେଶୀ ଆନ୍ଦୋଳନକୁ ବହିଷ୍କାର କରିବା ପାଇଁ ରାଜି କରାଇଥିଲେ । ଢାକାର ନବାବ ସଲିମୁଲ୍ଲା କର୍ଜନଙ୍କ କଥାରେ ଏତେ ପ୍ରଭାବିତ ହୋଇଥିଲେ ଯେ ସେ ଅନ୍ୟ କେତେକ ନବାବମାନଙ୍କୁ ପ୍ରବର୍ତ୍ତାଇ ୧୯୦୬ ମସିହା ଡିସେମ୍ବର ମାସରେ ମୁସଲିମ୍ ଲିଗ୍ ନାମକ ଏକ ସଂଗଠନ ଆରମ୍ଭ କରିଥିଲେ । କର୍ଜନଙ୍କ ପରେ ଭାରତକୁ ଆସିଥିଲେ ଲର୍ଡ ମିଣ୍ଟୋ । ମିଣ୍ଟୋ ବିଭାଜନ କର ଓ ଶାସନ କର ନୀତିକୁ ଆହୁରି ଆଗେଇ ନେଇଥିଲେ।

ଏସବୁ ପରେ ମଧ୍ୟ କଂଗ୍ରେସ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ଉପରେ ଭରଷା ରଖିଥିଲା ଓ ଜିନ୍ନା ସମନ୍ୱୟବାଦୀ ସହଯୋଗ କରିବେ ବୋଲି କଂଗ୍ରେସର ଆଶା ଥିଲା । ୧୯୦୯ରେ ମର୍ଲେ- ମିଣ୍ଟୋ ଶାସନ ସଂସ୍କାର ଅନୁସାରେ ମୁସଲିମ୍‌ମାନଙ୍କ ପାଇଁ ସ୍ୱତନ୍ତ୍ର ଭୋଟର ତାଲିକାର ଦାବିକୁ ଗ୍ରହଣ କରାଯାଇଥିଲା । ଏହା ହିନ୍ଦୁ ଓ ମୁସଲିମ୍‌ଙ୍କ ମଧ୍ୟରେ ଏକ ଫାଟ ସୃଷ୍ଟି କରିଥିଲା । ମୁସ୍‌ଲିମ୍ ମାନଙ୍କ ପାଇଁ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତ ଫଳରେ ବିଧାନ ପରିଷଦ ନିର୍ବାଚନ ପାଇଁ ମୁସଲିମ୍ ନେତାମାନଙ୍କୁ ଏକ ସ୍ୱତନ୍ତ୍ର ସୁଯୋଗ ମିଳିପାରିଲା । ଏସବୁ ସତ୍ତ୍ୱେ ଜିନ୍ନା, ମୌଲାନା ଆବୁଲ କାଲାମ ଆଜାଦ୍ ଓ ମହମ୍ମଦ ଅଲ୍ଲି କଂଗ୍ରେସ ସହ ରହିଥିଲେ । ଏପରିକି ଗାନ୍ଧୀଙ୍କ ଖିଲାପତ ଆନ୍ଦୋଳନ ଏବଂ ଅସହଯୋଗ ଆନ୍ଦୋଳନରେ ଉଭୟେ ସହଯୋଗ କରିଥିଲେ । ଆନ୍ଦୋଳନର ପ୍ରଭାବ ଦେଶବ୍ୟାପୀ ଦେଖିବାକୁ ମିଳିଥିଲା ଓ ବ୍ରିଟିଶ୍ ସରକାରକୁ ନାକେଦମ୍ ହେବାକୁ ପଡ଼ିଥିଲା । କିନ୍ତୁ ଚୌରୀ - ଚୌରାରେ ଘଟିଥିବା ହିଂସାକାଣ୍ଡ ପାଇଁ ଗାନ୍ଧୀ ଅସହଯୋଗ ଆନ୍ଦୋଳନ ପ୍ରତ୍ୟାହାର କରି ନେଇଥିଲେ । ୧୯୨୨ ମସିହା ଫେବୃୟାରୀ ୪ ତାରିଖରେ ଘଟିଥିବା ଏହି ଘଟଣା ହେଉଛି ଚୌରୀ-ଚୌରା ଥାନା ଅଧିକାରୀ କିଛି କଂଗ୍ରେସର କାର୍ଯ୍ୟକର୍ତ୍ତାଙ୍କୁ ନିସ୍ଥୁକ ମାଡ ମାରିଥିଲେ । ଫଳରେ ଉତ୍ତେଜିତ ଲୋକେ ଥାନାରେ ନିଆଁ ଲଗାଇ ଦେଇଥିଲେ । ଏହି ଘଟଣାରେ ୨୩ଜଣ ପୁଲିସ୍ କର୍ମଚାରୀଙ୍କର ମୃତ୍ୟୁ ହୋଇଥିଲା ଏବଂ ୩ଜଣ ସାଧାରଣ ଲୋକଙ୍କର ମୃତ୍ୟୁ ଘଟିଥିଲା ।

ସେହିପରି ୧୯୨୧ ମସିହା ଅଗଷ୍ଟ ୨୦ ତାରିଖରେ କେରଳରେ ଇଂରେଜମାନଙ୍କ ବିରୁଦ୍ଧରେ ମୋପଲା ବିଦ୍ରୋହ ହୋଇଥିଲା । ଉତ୍ତର କେରଳ ଅଞ୍ଚଳରେ ମୋ ପିଲା ମାନଙ୍କର ସଂଖ୍ୟା ଅଧିକ । ଉନବିଂଶ ଶତାବ୍ଦୀର ଆରମ୍ଭରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଉତ୍ତର କେରଳର ମାଲବାର ଉପକୂଳରେ ନିଜର ଆଧିପତ୍ୟ ବିସ୍ତାର କରିସାରିଥିଲା । ଅସନ୍ତୁଷ୍ଟ ମୋପଲା ସଂପ୍ରଦାୟର ଲୋକ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । ମୁସ୍‌ଲିମ୍ ଧର୍ମଗୁରୁମାନେ ଏହି ବିଦ୍ରୋହକୁ ପ୍ରୋତ୍ସାହିତ କରିଥିଲେ ଓ ଏହାକୁ ଏକ ସାମ୍ପ୍ରଦାୟିକ ଦଙ୍ଗାର ରୂପ ଦେଲେ । ସେ ସମୟରେ ଉତ୍ତର କେରଳ ଅଞ୍ଚଳରେ ଅଧିକାଂଶ ଜମିଦାର ବ୍ରାହ୍ମଣ ଥିଲେ । କିନ୍ତୁ ମୋ ପିଲାମାନେ ମୁସଲ୍‌ମାନ । ମୋପଲା ମାନେ ମୁସଲମାନ । ମୋପଲା ମାନେ ହିନ୍ଦୁ ପୂଜା ସ୍ଥଳ ଭଙ୍ଗାରୁଜା କରିଥିଲେ । ଏହି ବିଦ୍ରୋହରେ ପାଖାପାଖି ୧୦ ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା । କମ୍ୟୁନିଷ୍ଟମାନେ ଏହାକୁ ହିନ୍ଦୁ ଜମିଦାରମାନଙ୍କ ଶୋଷଣ ବିରୁଦ୍ଧରେ ବିଦ୍ରୋହର ଆଖ୍ୟା ଦେଇଥିଲେ ଓ ଏହାକୁ ସାଂପ୍ରଦାୟିକ ରୂପ ଦେଇଥିଲେ । ଏ ଘଟଣା ପରେ ମହମ୍ମଦ ଅଲ୍ଲି ଜିନ୍ନା ଭାବିନେଲେ ଯେ ଭାରତୀୟ ଉପମହାଦ୍ୱିପରେ ହିନ୍ଦୁ ଓ ମୁସଲମାନ ମାନଙ୍କ ମଧ୍ୟରେ ସମନ୍ୱୟ ରହିବା ଅସମ୍ଭବ । ଜିନ୍ନାଙ୍କ ଏହି ମାନସିକତା ତାଙ୍କୁ ମୁସଲିମ୍‌ଲିଗ୍‌ରେ ସାମିଲ୍ ହେବା ପାଇଁ ପ୍ରେରିତ କରିଥିଲା ଓ ସେ ଦ୍ୱିରାଷ୍ଟ୍ରବାଦୀ ସିଦ୍ଧାନ୍ତକୁ ନେଇ ଅଡିବସିଲେ । ଜିନ୍ନାଙ୍କର ଏହି ଦ୍ୱିରାଷ୍ଟ୍ରବାଦ ସିଦ୍ଧାନ୍ତ ଭାରତର ବିଭାଜନ ପାଇଁ ପଥ ସୁଗମ କରିଦେଲା । ପରିଶେଷରେ ଇଂରେଜମାନେ ଭାରତକୁ ବିଭାଜିତ କରିଦେଇଥିଲେ । ଲର୍ଡ ମାଉଣ୍ଟ ବାଟେନ୍‌ଙ୍କ ଆଗରେ ଗାନ୍ଧୀଙ୍କ ଆତ୍ମବିଶ୍ୱାସର କଥାର କିଛି ମୂଲ୍ୟ ରହିଲା ନାହିଁ । ମୁସଲିମ୍‌ମାନଙ୍କ ବିଚ୍ଛନ୍ନତାବାଦ ଆଗରେ କଂଗ୍ରେସ ମୁଣ୍ଡ ନୁଆଁଇଥିଲା ଫଳରେ ବ୍ରିଟିଶ ସଂସଦ ଭାରତ ଓ ପାକିସ୍ଥାନ ସ୍ୱାଧୀନତା ଅଧିନିୟମକୁ ସ୍ୱୀକୃତି ଦେଇଥିଲେ ।

ବାସ୍ତବରେ ଭାରତ ଏବଂ ପାକିସ୍ଥାନର ବିଭାଜନ ଦକ୍ଷିଣ ଏସିଆର ଇତିହାସରେ ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗ । ଏଥିରେ ଖୁସି, ଦୁଃଖ, କ୍ରୋଧ, ଘୃଣା ଏବଂ ଅନେକ ଭାବନା ସବୁ ଭରି ରହିଛି । ଏବେବି ଭାରତବାସୀଙ୍କ ମନରେ ବିଭାଜନ ସମ୍ପର୍କୀତ ଅନେକ ତଥ୍ୟକୁ ନେଇ ଅନେକ ମତ ମଧ୍ୟ ରହିଛି । ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ଆଶା କରାଯିବା ଉଚିତ୍ ଯେ ଯେମିତି ଆଉ ଦେଶକୁ ଓ ବିଶ୍ୱକୁ ବିଭାଜନର ବିଭିଷିକା ଦେଖିବାକୁ ନପଡୁ ।


♥ ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪


## ଆମ ଓଡ଼ିଆ ଭାଷା



ଅମୂଲ୍ୟ କୁମାର ପଣ୍ଡା

ପ୍ରତିବର୍ଷ ଫେବୃୟାରୀ ୨୧ ତାରିଖ ଦିନଟିକୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ରୂପେ ପାଳନ କରାଯାଇଥାଏ। ବିଶ୍ୱବ୍ୟାପୀ ଭାଷାଗତ ଓ ଚଳଣିଗତ ବିଭିନ୍ନତା ତଥା ବହୁ ଭାଷା ପଣ ପ୍ରଚାର ନିମନ୍ତେ ଏହା ପାଳିତ ହୋଇଥାଏ । ଏହା ପ୍ରଥମେ ଇଉନେସ୍କୋଦ୍ୱାରା ୧୯୯୯ ମସିହା ନଭେମ୍ବର ୧୭ ତାରିଖରେ ଆରମ୍ଭ ହୋଇଥିଲା। ଏହାର ପାଳନ ପ୍ରଥମେ ମିଳିତ ଜାତିସଂଘ ସାଧାରଣ ସଭାରେ ୨୦୦୮ ମସିହା ଅନ୍ତର୍ଜାତୀୟ ଭାଷା ବର୍ଷରେ ଗୃହୀତ ହୋଇଥିଲା। ଅନ୍ତର୍ଜାତୀୟ ମାତୃଭାଷା ଦିବସ ୨୦୦୦ ମସିହା ଫେବୃଆରୀ ପରଠାରୁ ପ୍ରତିବର୍ଷ ଭାଷାଗତ ଓ ଚଳଣିଗତ ବିଭିନ୍ନତା ତଥା ବହୁ ଭାଷା ପଣ ପ୍ରଚାର ନିମନ୍ତେ ପାଳିତ ହୋଇଆସୁଛି । ଆଉ ଏକ ତଥ୍ୟ ଅନୁସାରେ ଏହି ଦିବସଟି ୧୯୫୨ ମସିହାରେ ସେତେବେଳର ପାକିସ୍ତାନରେ ବଙ୍ଗଳା ଭାଷାକୁ ଦୁଇଟି ରାଷ୍ଟ୍ରୀୟ ଭାଷାର ମାନ୍ୟତା ଦାବୀ କରୁଥିବା ଢାକା ବିଶ୍ୱବିଦ୍ୟାଳୟ, ଜଗନ୍ନାଥ ବିଶ୍ୱବିଦ୍ୟାଳୟ, ଢାକା ମେଡ଼ିକାଲ କଲେଜର ଛାତ୍ରମାନଙ୍କ ଅଧୁନା ବଙ୍ଗଳାଦେଶର ରାଜଧାନୀ ଢାକାର ଉଚ୍ଚନ୍ୟାୟାଳୟ ନିକଟରେ ପୁଲିସ ଗୁଳିରେ ପ୍ରାଣ ହରାଇବାର ସ୍ମୃତିରେ ପାଳିତ ହୋଇଥାଏ। ଆମେ ଜନ୍ମ ହେଲାପରେ ପ୍ରଥମେ ଯେଉଁ ଭାଷାରେ କଥା କହିବା ଆରମ୍ଭ କରୁ ତାହା ହେଉଛି ଆମର ମାତୃଭାଷା।ବିଶ୍ୱରେ ଭାଷା ଏବଂ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ ଦେବା ହିଁ ମାତୃଭାଷା ଦିବସର ପାଳନର ଉଦ୍ଦେଶ୍ୟ।ଭାଷା ଆମକୁ ପରସ୍ପର ସହ ସମ୍ପର୍କ ଯୋଡ଼ିବାରେ ସହାୟକ ହୁଏ। ଆମ ମନର ଭାବନାକୁ ଅନ୍ୟ ପାଖରେ ପହଞ୍ଚାଇବାର ସର୍ବଶ୍ରେଷ୍ଠ ମାଧ୍ୟମ ହେଉଛି ଭାଷା। ମାତୃଭାଷା ଆମ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଭାଷା କେବଳ ଭାବର ଆଦାନ ପ୍ରଦାନ ନୁହେଁ ବରଂ ଏହା ସମାଜର ବିକାଶ ସାଧନର ମଧ୍ୟ ମାଧ୍ୟମ ଅଟେ। ସମାଜ ବିକାଶରେ ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି। ଭାଷା ହେଉଛି ଜୀବଜଗତରେ ମାନବର ସର୍ବୋତ୍ତମ ପରିଚୟ।ମାତୃଭାଷା ହିଁ ଭାବ ଓ ଭାବନାକୁ ବ୍ୟକ୍ତ କରିବାର ସର୍ବୋତ୍କୃଷ୍ଟ ମାଧ୍ୟମ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ମତରେ - 'ଉଚ୍ଚ ହେବା ପାଇଁ କର ଯେବେ ଆଶା। /ଉଚ୍ଚ କର ଆଗ ନିଜ ମାତୃଭାଷା' । କବିଙ୍କର ଏହି ପଂକ୍ତିଟି ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏକ ବିଶେଷ ବାର୍ତ୍ତା ବହନ କରେ। ବାସ୍ତବରେ ମାତୃଭାଷାର ବିକାଶରେ ହିଁ ଗୋଟିଏ ଜାତିର ବିକାଶ ସମ୍ଭ ହୋଇଥାଏ। ମାତୃଭାଷା ମାନବର ମନରେ ଜାତୀୟତା ଭାବ ସୃଷ୍ଟି କରିବାରେ ପୂର୍ଣ୍ଣ ରୂପେ ସକ୍ଷମ ହୋଇଥାଏ। ମାତୃଭାଷା ମାଧ୍ୟମରେ ବ୍ୟକ୍ତି ଜାତିର ଇତିହାସ, ସଂସ୍କୃତି ଓ ପରମ୍ପରା ବିଷୟରେ ସଚେତନ ହୋଇଥାଏ। ମାତୃଭାଷା ହିଁ ଶିଶୁର ଜ୍ଞାନ ଆହରଣର ବଳିଷ୍ଠ ମାଧ୍ୟମ ରୂପେ ଗଣା ହୋଇଥାଏ।ଆମ ମାତୃଭାଷା ହିଁ ଆମ ପରିଚୟର ମୂଳଦୂଆ। ତାକୁ ଅବହେଳା ନକରି କିପରି ବିଶ୍ୱସ୍ତରରେ ପରିଚୟ କରାଇବା ତାହା ଆମର ଦାୟିତ୍ୱ ହେବା ଉଚିତ।

ଆମ ଦେଶରେ ଆହୁରି ୧୯୬ ଗୋଟି ଭାରତୀୟ ଭାଷା ମରଣମୁଖୀ। ପୁରୁଣା ପିଢ଼ି ସରିସରି ଆସୁଛନ୍ତି। ଆଉ ନୂଆ ପିଢ଼ିଠାରୁ ଭାଷାର ବ୍ୟବହାର ବି ସରିସରି ଆସୁଛି। ଯଦି ଜଣେ ନିଜ ଭାଷା ପାଇଁ ନିଜେ ଚିନ୍ତା ନ କରେ ତେବେ ବାକିମାନେ ଚିନ୍ତା କରିବେ କଣ । ତେଣୁ ପ୍ରଥମ ନିଜ ଠାରୁ ହିଁ ଆରମ୍ଭ କରିବାକୁ ହୁଏ। ଭାଷାର ବିକାଶରେ ସାଧାରଣ ମଣିଷଟିଏର ଭୂମିକା କେତେ ଏକଥାଟି ସମସ୍ତେ ଭାବିବା ନିହାତି ଜରୁରୀ । ମରୁ ମରୁ ବଞ୍ଚିଥିବା ଏକ ଭାଷାର ଉଦାହରଣ ନିଆଯାଉ । ପୃଥିବୀର ଏକ ପୁରୁଣା ଭାଷା ଭିତରୁ ଗୋଟିଏ ଭାଷା ହେଲା ହିବ୍ରୁ । ହେଲେ ଏ ଭାଷାଟି ୧୫୦୦ ବର୍ଷରୁ ଅଧିକ କାଳ ସଂସ୍କୃତି ସଭ୍ୟତା ଠାରୁ ଦୂରେଇ ମୃତ୍ୟୁ ଲାଭ କରିଥିଲା କିନ୍ତୁ ପରବର୍ତ୍ତୀ ସମୟରେ ତାହା ଜୀବନ ପାଇଲା। ଏବେ ଏ ଭାଷାଟି ପାଖାପାଖି ୯୦ ଲକ୍ଷ ଲୋକଙ୍କ ଦ୍ୱାରା କଥିତ ଆଉ ଏ ଭାଷାରେ ଦେଶର ଶାସନ ଚଳେ ଆଉ କମ୍ପୁଟର ଅପରେଟିଂ ସିଷ୍ଟମ ଓ ମୋବାଇଲ ଇଣ୍ଟରଫେସରେ ଦିଶେ। ଏସବୁ ପଛରେ ରହିଛି ବିଜ୍ଞାନ ଓ କାରିଗରୀର କରାମତି। ଯଦି ଦେଶର ଶାସନ ନିଜ ଭାଷାରେ ହୁଏ ତେବେ ଶାସନ ପାଇଁ ଦରକାରୀ ସବୁ ଉପାଦାନ ନିଜ ଭାଷାରେ ତିଆରି ହୁଏ। ଆଉ ଏ ଉପାଦାନମାନ ତିଆରିବା ଲାଗି ଶିକ୍ଷା ବ୍ୟବସ୍ଥା ଗଢ଼ାହୁଏ। ଯିଏ ମାତୃଭାଷାକୁ ସମ୍ମାନ ଦେଇ ଜାଣି ନାହିଁ ତାହାଠାରୁ ଅଜ୍ଞାନ ସଂସାରରେ କେହି ବୋଧେ ଆଉ ନାହିଁ। ଭାଷାର ବିକାଶରେ ସାଧାରଣ ମଣିଷଟିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ଏହି କଥାଟି ଭାବିବା ନିହାତି ଜରୁରୀ ହୋଇ ପଡିଛି ବର୍ତ୍ତମାନର ସମୟରେ।

ସାରା ପୃଥିବୀରେ ଏଭଳି କେଉଁଠି ନାହିଁ ଯେ ସେଠିକାର ସ୍ଥାନୀୟ ବାସିନ୍ଦା ନିଜ ମାତୃଭାଷା ବ୍ୟତୀତ ଅନ୍ୟ କେଉଁ ଭାଷାରେ ଭାବର ଆଦାନପ୍ରଦାନ କରୁଥିବେ କାରଣ ଏହା ଧ୍ରୁବ ସତ୍ୟ ଯେ ନିଜ ମାତୃଭାଷାରେ ଭାବପ୍ରକାଶ କଲେ ବ୍ୟକ୍ତି ଚେତନାକୁ ଯେତେ ସହଜରେ ଆନ୍ଦୋଳିତ କରେ ତାହା ଅନ୍ୟ ଭାଷା କିମ୍ବା ବିଦେଶୀ ଭାଷା ଦ୍ୱାରା କଦାପି ସମ୍ଭବ ନୁହେଁ। ପୃଥିବୀରେ ପ୍ରାୟ ୬ହଜାର ୫୦୦ ପ୍ରକାର ଭାଷାଥିଲେ ମଧ୍ୟ ପ୍ରତି ଦୁଇ ସପ୍ତାହରେ ଗୋଟିଏ ଭାଷା ଲୋପ ପାଉଅଛି। ଓଡ଼ିଆ ଭାଷାର ପ୍ରାଚୀନତା ଓ ବର୍ଣ୍ଣାଢ୍ୟ ସାହିତ୍ୟ ଯୋଗୁଁ ଏହା ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିସାରିଛି ସତ କିନ୍ତୁ ବର୍ଷ ବର୍ଷ ବିତି ଗଲା ପରେ ବି ଓଡ଼ିଆ ଏବେ ଯାଏ ନା କୋର୍ଟ କଚେରି ନା କୌଣସି ସରକାରୀ ଅଫିସରେ ସରକାରୀ ଭାଷା ଭାବେ ପ୍ରଚଳିତ ହୋଇପାରିଛି। ଏପରିକି ସମସ୍ତ ସରକାରୀ ସଂସ୍ଥାର ନାମ ଫଳକ ମାତୃଭାଷାରେ ଲେଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଏହି ଯୋଜନା କେବଳ ଖାତା କଲମରେ ରହିଯାଇଛି ସିନା କାର୍ଯ୍ୟରେ ହୋଇପାରି ନାହିଁ। ଅପ୍ରିୟ ସତ କଥା ହେଲା ଶାସ୍ତ୍ରୀୟ ମାନ୍ୟତା ମିଳିବାର ଦୁଇ ବର୍ଷ ବିତିଗଲା ପରେ ବି ଓଡ଼ିଆ ଏବେ ଯାଏ କୋର୍ଟ କଚେରିର ଭାଷା ହୋଇପାରିଲା ନାହିଁ । ସରକାରୀ ସ୍ତରରେ ବିଭିନ୍ନ ରାଜ୍ୟର ଯେଉଁଭଳି ତାଙ୍କ ୱେବସାଇଟସବୁ ତାଙ୍କ ରାଜ୍ୟ ଭାଷାରେ ତିଆରି ଆମର ସେମିତି ହୋଇନାହିଁ । 'ଓଡ଼ିଶା ଡଟ୍ ଓଡ଼ିଶା ଡଟ୍ ଗଭର୍ଣ୍ଣମେଣ୍ଟ ଡଟ୍ ଇନ୍' ନାମରେ ସାଇଟଟିଏ ସରକାର ତିଆରି କରିଥିବା ବେଳେ ଏଥିରେ ବହୁ ଜିନିଷ ଅଭାବ ପରିଲକ୍ଷିତ ହୁଏ। ଗୁଗୁଲ ସର୍ଚ୍ଚରେ ଓଡ଼ିଆ ଆସୁନଥିବାର ମୁଖ୍ୟ କାରଣ ହେଲା ଇଣ୍ଟରନେଟରେ ଓଡ଼ିଆ ଲେଖାର ଅଭାବ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)






### ଭଙ୍ଗା ଘର

ତପନ ସାହୁ

ଏଥର ଖରାରେ
ତା ରକ୍ତ ଶୁଖି ଯିବ ନା ଜମାଟ ବାନ୍ଧିବ
ସେ ଚିନ୍ତାରେ ତାର,
ଉତୁରି ଗଲାଣି ବେଶ,
ଧୋଇ ଗଲାଣି ରଙ୍ଗ,
ମଉଳି ଗଲାଣି ରୂପ !

ଗତ ବର୍ଷ ଛୋଟ କଣାରୁ
ଦିଶୁ ଥିଲା ଜହ୍ନ
ଏଥର ଦିଶିଲାଣି ସମ୍ପୂର୍ଣ୍ଣ ଆକାଶ
ବର୍ଷା ଓ ଶୀତର ଆକ୍ରମଣରେ
ତା ଚାରି ହାତର ଗାମୁଛା ରେ ସାତଟି
କଣା
ନିଜେ ଢାଙ୍କି ହବ ନା ଢାଙ୍କିବ ତା ଭଙ୍ଗା
ଘର !!

ଏଥର ଖରାରେ
ତା ସ୍ୱପ୍ନ ଭାଙ୍ଗି ଯିବ ନା ନିଦ ଉଡ଼ିଯିବ
ସେ ଚିନ୍ତାରେ ତାର,
ଉଡ଼ି ଗଲାଣି ବାସ,
ଝଡି ଗଲାଣି ଦମ୍ଭ,
ନିଗିଡ଼ି ଗଲାଣି ଲୁହ !!!

ଆଙ୍ଗୁଠିରେ ସେ ଦାଗ ନେଇ
କେତେ ଥର ଫେରି ସାରିଛି ଘର
ଏଥର ବି ଫେରିବ
ଫେରିବ ସରକାରୀ ଚୌକିରେ
ବସେଇ ଜଣକୁ !

ଆଶା ରଖି ବଞ୍ଚିବ
ପୁଣି ପାଞ୍ଚବର୍ଷ ଭିତରେ
ପାଇବ ସରକାରୀ ଘର
ଆରମ୍ଭରେ ରହିବ,
ତେଲ ଲୁଣର ସଂସାରରେ
ବଦଳିବ ସମୟ,
ଉଦାସୀନ ଆକାଶ ରେ ହସୁଥିବ ଜହ୍ନ
ଯୋଉ ଜହ୍ନ ଆଲୁଅରେ
ସେ ଗଢ଼ିବ ନୂଆ ଏକ ଭବିଷ୍ୟତ !!!


♥ ବେଲଗାଁ, ଏମ୍.
ରାମପୁର, କଳାହାଣ୍ଡି,
ମୋ: ୯୦୧୯୩୧୧୮୬୮


### ତୁ

ରମାକାନ୍ତ ଦାସ

ତୁ ଗଲାପରେ
ତୋ ମୋ ଭିତରେ ଥିବା ଏ ଦୂରତା
ପ୍ରତିମୁହୂର୍ତ୍ତରେ ଦ୍ୱନ୍ଦରେ ପକାଇ ମୋତେ
ଅନେକ କଷ୍ଟ ଓ ଅନେକ ଯନ୍ତ୍ରଣା ଦେଉଛି
ପାଖରେ ଥିଲେ ସିନା ପରଖି ନିଅନ୍ତି ।

ତୋ ମୋ ମଧ୍ୟରେ ଥିବା
ଏ ଦୂରତାର ପାଚେରୀ
ଆଜି ଅଲଗା କରିଦେଇଛି ଆମ ଦୁହିଁଙ୍କୁ
ନା କଥା ଦେଇହୁଏ,
ନା କଥା ମାଗିହୁଏ
ମୁଁ ବୁଝିପାରେନାହିଁ
ମୋ ଓଠରେ ରହିଥିବା ହସ ତୁ....
ନା ଏକାନ୍ତରେ ଆଖିରୁ ଝରୁଥିବା ଲୁହ
ତୁ... ।

ମୋ ଆଖିର ହଜାର ହଜାର
ଲୁହ ଟୋପା ଭିତରେ
ମୁଁ ଖୋଜିପାଏ ଆମ ପ୍ରେମର ସ୍ମୃତି ସବୁ
ମତେ ଏବେ ବି ଅଜଣା
ଏ ପ୍ରେମ କେମିତି ହୁଏ..... ?
ଦୁହେଁ ଦୁହିଁଙ୍କୁ ନିଜଠୁ ବି
ଅଧିକ ନିଜର ଭାବିଲେ ପ୍ରେମ ହୁଏ
ନା ଆଖିରେ ଆଖି ମିଶିଲେ ପ୍ରେମ ହୁଏ
ଖୋଜିଲେ ବି ମୁଁ ଉତ୍ତର ପାଏନା
କିନ୍ତୁ, ଏତିକି ଜାଣେ
ଗୋଟିଏ ବୋଲି ହୃଦୟାକୁ ମୋର
ତୁ ଚୋରେଇ ନେଇଥିଲୁ
ଏ ଜହ୍ନ ଓ ସନ୍ଧ୍ୟାତାରାକୁ ସାକ୍ଷୀରଖି
ଦେଇଥିବା କଥାକୁ ଭାଙ୍ଗିଦେଇ
ଚାଲିଯାଇଛୁ ତୁ ବହୁତ ଦୂରକୁ
ଦେଇ ଯାଇଥିବା ବିରହ ଯନ୍ତ୍ରଣା
ତୁ.........
ନା ସମୟେ ସମୟେ
ଭାବନାରେ ହଜେଇ ଦେଇଥିବା
ଅତୃପ୍ତିର ମୁହୂର୍ତ୍ତିଟିଏ ତୁ.........।

ଆଖି ବନ୍ଦକରିଦେଲେ ଦିଶିଯାଏ
ମତେ ତୋର ସେ ହସହସ ମୁହଁ
ଛୁଇଁଯାଏ ଫଗୁଣର ମହକ
ଆଖି ଖୋଲିଲେ
ମୋ ଭାବନା ସହରରୁ ଚାଲିଯାଉ ତୁ
ବହୁତ ଦୂରକୁ
ଛଳନାର ଫାଶରେ ବାନ୍ଧିହୋଇଯାଏ ମୁଁ
ବହୁତ କଷ୍ଟଲାଗେ
ନିରାଶା ନୀରବ ପବନେ
ଉଡିଯାଏ ମୋର ସବୁ ସ୍ୱପ୍ନ ଓ ସବୁ ଆଶା
ଯେତେବେଳେ ତତେ ଖୋଜି ଖୋଜି
ନପାଇ ଥକିଯାଏ ମୁଁ
ସେତେବେଳେ ମୁଁ ବୁଝିପାରେ
ତୁ ହିଁ ମୁଁ.....
ମୁଁ ହିଁ ତୁ...... ।


♥ ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ-୯୬୬୮୮୧୫୩୬୯


### କଳାବତି

ଲକ୍ଷ୍ମୀଧର ସିଂ

ଆଖିରୁ ଲୁହ ନିଗିଡି ପଡୁଥିଲା
କାନ୍ଦୁଥିଲା କଳାବତି
ଆଞ୍ଜୁଳାରେ ଧରି ଆଞ୍ଜୁଳାଏ ଦୁଃଖ
ଯନ୍ତ୍ରଣାରେ ଛଟପଟ ମନ
କଷ୍ଟ ତ ନିଜ ଲୋକ ଦେଇଛି
କାହାକୁ କହିବ !
ଦୋଷ ତ ନିଜର
କଳା କର୍ମର ଫଳ ଭୋଗୁଛି
କାହାକୁ ଦୋଷ ଦବ !
ଆହତ ପକ୍ଷୀଣୀ
ଡେଣା ଫଡଫଡ କରିବା ପରି
ଦହଗଞ୍ଜ ହଉଥିଲା
ନିଜ ଭିତରେ ନିଜେ।
କଳାବତି ବହୁତ ଭଲ ପାଉଥିଲା,
ରାଜ କୁମାରକୁ
ରାଜ କୁମାର ବି କିଛି କମ ନ ଥିଲା
ସେ କଳାବତିକୁ ବାନ୍ଧି ରଖିଥିଲା
ପ୍ରେମର କୁହୁକରେ
ନିବିଡ଼ ଭାବରେ ଉଷୁମ ଆଲିଙ୍ଗନରେ।
କଳାବତି ପାଖରେ ଥିଲେ
ରାଜ କୁମାରକୁ
ଜହ୍ନଠି ଥିବାପରି ଲାଗୁଥିଲା
ଆଉ କଳାବତି ରାଜ କୁମାର
ଛାତିରେ ମୁଣ୍ଡ ରଖି
ଦେଖୁଥିଲା ସୁଖର ମହଣ ମହଣ ସପ୍ନ ।
ଆଉ ତା'ର ସବୁ ସ୍ୱପ୍ନର
ଗୋଟିଏ ସ୍ୱପ୍ନ ଥିଲା,
ଟୋପାଏ ସିନ୍ଦୁର, ଦି'ପଟ କାଚ
ହସିଲା ପୁରିଲା ସଂସାରଟେ
ରାଜ କୁମାର ସାଥିରେ,
ଜନ୍ମାନ୍ତର ଯାଏଁ ।
ଦୀର୍ଘ ତିନି ବର୍ଷର ପ୍ରେମ ପରେ
ଯେତେବେଳେ କଳାବତି
ଗାଲରେ ଚମକୁଥିଲା
ପୂର୍ଣ୍ଣମୀ ଚାନ୍ଦର ଆତ୍ମତୃପ୍ତି ହସ
ରାଜକୁମାର ଭାଙ୍ଗିଦେଇଥିଲା
ତା' ବିଶ୍ୱାସର ରାଜମହଲ
ନିଷ୍ଠୁର ନିର୍ଦ୍ଦୟ ଭାବରେ ।
ଭାଙ୍ଗିପଡିଥିଲା କଳାବତି ଏହାପରେ
ସ୍ୱପ୍ନସବୁ ଆଡେଇ ଦେଇ ନିଜଠୁ ଦୂରକୁ
ରାସ୍ତାଟେ ଖୋଜୁଥିଲା
ରାଜକୁମାର ଠିକଣାରେ
ଯେଉଁଠି ମୁହଁଲୁଚା ଅନ୍ଧାରରେ ଲୁଚିଥିଲା
ତା'ପିଲାର ପରିଚୟ
ତା' ସିନ୍ଥିର ସିନ୍ଦୁର ଆଉ
ତା'ନାରୀତ୍ୱର ଅସ୍ତିତ୍ୱ ।



କିଏ ବାଟ କଢେଇ ନବ ତାକୁ
ତା'ଜୀବନ ଠିକଣାକୁ ?
ଲୁହରେ ବତୁରି ଯାଇଥିବା
ହୃଦୟ ମନକୁ
ପଚାରୁଥିଲା କଳାବତି,
ଶୁନ୍ୟତାକୁ ଜାବୁଡି ଧରି ।
ତା'ର ପ୍ରେମ ନା
ତା'ଚାରିପାଖର ଦୁନିଆଁ !
ନା ଏ ସମାଜର ଆଇନ କାନୁନ !

କଳାବତି ନିଜ ଭିତରେ
ଅଣ୍ଡାଳୁଥିଲା ନିଜକୁ
ଠୁଳ କରୁଥିଲା ନିଜର ପାରିଲା ପଣକୁ
ଲଢ଼ିବାକୁ ଜୀବନର ଯୁଦ୍ଧ ......


♥ ଅଁଳାପାଳ,
ଗରଡିହି, ବାଲେଶ୍ୱର
ମୋ-୬୩୭୦୦୨୬୮୦୫

# ମେସମେରିଜିମ୍

ସୁନନ୍ଦା ମହାନ୍ତି



ଦୁର୍ଘଟଣାର ଶିକାର ହୋଇ ବାପା ମାଆ ବଂଚିଗଲେ ସତ, ହେଲେ ବାପା ଚାଲି ପାରୁନାହାନ୍ତି, ଆଉ ମାଆ ହରେଇଛି ସ୍ମୃତି ଶକ୍ତି। କେତେ ଚେଷ୍ଟା କଲେଣି ଭାଇ ଭଉଣୀ ଦୁହେଁ, ହେଲେ ବିଫଳ। ମାଆ କାହାକୁ ମଧ ଚିହ୍ନି ପାରୁନି। ଏମିତିକି ଆଇ ମାନେ ମାଆର ମାଆକୁ ବି ନୁହେଁ। ଆଇ ସହଜେ ଆଲଜାଇମାର ରୋଗୀ। ସେ ଏଣୁ ତେଣୁ ଗପେ ସତ ହେଲେ ନିଜ ପୁଅ ଝିଅଙ୍କୁ ବହୁତ ଭଲପାଏ ଏବଂ ଚିହ୍ନିଯାଏ। ମାଆକୁ ଦେଖି ଆଇ ମଧ ଚିହ୍ନି ପାରିଲା, ହେଲେ ମାଆ ଚିହ୍ନିବା ପରିବର୍ତ୍ତେ ଆବାକାବା ହୋଇ ଚାହିଁ ରହିଲା। ଭାଇ ଭଉଣୀ ମାନଙ୍କୁ ମଧ ଚିହ୍ନି ପାରିଲା ନାହିଁ।

ଡାକ୍ତରଙ୍କ ପରାମର୍ଶ କ୍ରମେ, ମାଆର ଯୋଉ ଯୋଉ ସ୍ଥାନରେ ଆକର୍ଷଣ ଥିଲା ସେସବୁ ସ୍ଥାନ ବୁଲାଇ ଆଣିବା ପରେ ମଧ କିଛି ପ୍ରତିକ୍ରିୟା ନଥିଲା, ତା ପସନ୍ଦର ଫଟୋ ସବୁ, ତା ଲିଖିତ ଗଳ୍ପ ବହି, କବିତା ବହି କିଛି ବି ମାଆର ସ୍ମରଣ ଶକ୍ତି ଫେରାଇ ଆଣି ପାରିଲା ନାହିଁ। ଭାଇ ଭଉଣୀ ଦୁହେଁ ଗାଡିରୁ ପଡ଼ିଯିବା ନାଟକରେ ସାମାନ୍ୟ ଇତସ୍ତତ ହେଲେ ବି ଯୋଉ ପ୍ରତିକ୍ରିୟା ଶୁନ୍ୟକୁ ସେହି ପ୍ରତିକ୍ରିୟା ଶୁନ୍ୟ ରହିଲା। ତାର ବହୁଦିନରୁ ଇଚ୍ଛା ଥିବା ଗୋଟେ କପରେ, ତା ନିଜ ମୁହଁର ଫଟୋ କରାଇ ଆଣିଲେ ବି, ଇଏ କିଏ ପଚାରୁଥିଲା। ଏମିତିକି ବାପାଙ୍କୁ ମଧ ଚିହ୍ନି ପାରୁନଥିଲା ତ ଭାଇ ଭଉଣୀ ଭାରି ବ୍ୟସ୍ତ ହୋଇ ତା ପାଇଁ ମାନସିକ ରଖି ରାରିଧାମ ଯିବା ସହ, ସେଥର ଯାଇଥାନ୍ତି ଆଜମୀରଠାରୁ ପ୍ରାୟ ପନ୍ଦର କିଲୋମିଟର ଭିତରେ ଥିବା, ପୁଷ୍କରଠାରେ ଥିବା ଏକମାତ୍ର ବ୍ରହ୍ମାଙ୍କ ମନ୍ଦିରକୁ। ଆଉ ମାନସିକ ସାରି ଫେରିଲା ବେଳେ ସେଠାରୁ ଏକ ଅଦ୍ଭୁତ ବାଲିର ଚଦର୍‌ଟିଏ ମାଆ ପାଇଁ ଆଣିଦେଇଥିଲେ। ଦୋକାନୀ ପାଖରେ ଥିବା ଏକମାତ୍ର, ସେହି ଅଦ୍ଭୁତ ବାଲିର ଚାଦର।

ତାହାର ବିଶେଷତ୍ୱ ହେଲା , ଯେମିତି ଆଜିକାଲି ମିଳୁଥିବା, ମ୍ୟାଜିକ ସିଲଟରେ କିଛି ଲେଖି, ଗୋଟେ ପାଖ ଟକ ଟାକ କରି ଲିଭେଇ ଦେଲା ପରେ ପୁଣି ଆଉ କିଛି ଲେଖିହେବ ଓ ଲିଭେଇହେବ। ସେହିଭଳି ବାଲି ବାଲି ପରି ଚାରିଆଡ଼େ ଲାଗୁଥିବା ଏହି ଚଦରରେ କିଛି ଆଙ୍କି ପୁଣି ଝାଡ଼ିଦେଲେ ତାହା ଲିଭିଯିବ। ଆଙ୍କିବା ପାଇଁ ମଧ ସୁଇଚ ଟିପିବାକୁ ପଡିବ। ଫେରିବାବେଳେ ମାଆ ପାଇଁ ସେଇଟି ନେଇଆସି ଥିଲେ ଭାଇଭଉଣୀ। କୋଉ ଗୋଟେ ଦେଶରେ ବାଲିରେ ହୋଟେଲ ହୋଇପାରୁଛି ବୋଲି ପଢ଼ିଥିଲେ ପେପରରୁ ଭାଇଭଉଣୀ, ହେଲେ, ଏମିତି ବାଲି ଚାଦର ଦେଖିନଥିଲେ। ମାଆ ଆଗରେ ସୁଇଚ ଟିପି ତାଜମହଲ, ଗଙ୍ଗା ଦେବୀଙ୍କ ଆଳତୀ ଇତ୍ୟାଦି କେତେ କେତେ ଫଟୋ ଯେତେ କଲେ ବି ମାଆ ପ୍ରତିକ୍ରିୟା ବିହୀନ, ଏମିତିକି, ପୁରୀ ଜଗନ୍ନାଥ୍ ମନ୍ଦିର ଦେଖି ଅଳ୍ପ ଅଳ୍ପ ଇତସ୍ତତଃ ହେଉଥିଲା ବେଳେ,କଣ ଭାବିଲେ ସ୍ୱାମୀ ,ସାକ୍ଷୀଗୋପୀନାଥ ମନ୍ଦିର ଫଟୋଚିତ୍ର ଆଣି ଗୋଟିଏ ପାଖେ ଦେଖାଇବାରୁ, ଅନ୍ୟ ପଟେ ବଡ ଆକାରରେ ଫଟୋ ଦେଖି ମାଆ ମୁଣ୍ଡିଆ ମାରିଲା। ତ ଭୁବନେଶ୍ୱରୁ ସିଧା ସାକ୍ଷୀଗୋପାଳ ମନ୍ଦିର ଅଣାଗଲା ତାକୁ, ତ ଆଶ୍ଚର୍ଯ୍ୟ ବାପାଙ୍କୁ ଘରକୁ ଯିବାକୁ କହି ପୁଅ ଝିଅଙ୍କୁ ଶୀଘ୍ର ଘରକୁ ଯିବା କହୁଥିଲା ମାଆ। ବାଲି ଚାଦର ବିସ୍ମୟର ମେସମେରିଜିମ୍ ହିସାବରେ ମାଆର ସ୍ମରଣ ଶକ୍ତି ଫେରେଇ ଆଣିଥିଲା, ଆଉ ସେଦିନ ଥିଲା, ପିତୃ ମାତୃ ବା ପ୍ୟାରେଣ୍ଟସ ଡେ, କିନ୍ତୁ ବାଲି ଚାଦରଟି ଆଉ କାମ ଦେଉନଥିଲା, ତ ତାହା ବ୍ରହ୍ମାଙ୍କ ବରଦାନ ବୋଲି ପାରିବାର ବନ୍ଧୁ ବାନ୍ଧବ ତଥା ଚିହ୍ନା ଜଣା କହୁଥିଲେ।



+ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫

# ପୁରୀ ଜଗନ୍ନାଥ ମନ୍ଦିରର ରହସ୍ୟ ଦଶକ

ଡାଃ ଅନୀତା ପଣ୍ଡା



ରଥଯାତ୍ରା ସମୟର ଶ୍ରୀ ଜଗନ୍ନାଥଙ୍କ ପହଣ୍ଡି ବିଜେ ଦେଖିବା ପାଇଁ କେବଳ ଭକ୍ତମାନେ ବିକଳ ହେଉ ନଥାନ୍ତି , ସତେ ଯେମିତି ପ୍ରଭୁ ନିଜେ ଏହି ଦିନଟି ପାଇଁ ବହୁ ପୂର୍ବରୁ ଚାହିଁ ରହିଥାନ୍ତି । ମନ୍ଦିରରୁ ପହଣ୍ଡି ବିଜେ କରି ଅନ୍ତର୍ଯ୍ୟାମୀ ପୁରୁଷ ସାତ ପାହାଚ ଉପରେ ବିରାଜମାନ କରନ୍ତି ଆଉ ତାଙ୍କ ମସ୍ତକରେ ଲଗାଯାଇଥାଏ ଟାହିଆ। ସେ ସବୁ ଦେଖିଲେ ମନେ ହୁଏ ସତେ ଯେମିତି ଶ୍ରୀ ଜଗନ୍ନାଥ ସ୍ୱାମୀ, ନୟନପଥଗାମୀ ନିଜ ଭକ୍ତ ଗଣଙ୍କୁ ଆଶୀର୍ବାଦ ପୂର୍ଣ୍ଣାଙ୍କ ଚାହାଣି ବିସ୍ତାର କରିଥାନ୍ତି ଯାହା ସମସ୍ତ ଜନତାକୁ ଭାବ ବିହ୍ୱଳ କରିଥାଏ । ଏହାତ ହେଲା ରଥ ଯାତ୍ରା ସମୟର ଅନୁଭୂତି , ଏ ସବୁ ବାହାରେ ସେଇ ଭାବ ବିନୋଦିଆ ପ୍ରଭୁଙ୍କ ଦ୍ୱାରା ରଚିତ ରହସ୍ୟ ମାନ ଅତ୍ୟନ୍ତ ବିସ୍ମୟ ଜନକ। ବର୍ତ୍ତମାନର ଆଲେଖ୍ୟଟି ସେଇ ରହସ୍ୟ ମୟ ମହାପ୍ରଭୁଙ୍କର ଦଶଗୋଟି ରହସ୍ୟ ସ୍ୱଷ୍ଟୀଭୂତ।

ଯେଉଁମାନେ ସ୍କନ୍ଦ ପୁରାଣ ପାଠ କରିଥିବେ ସେମାନେ ପୁରୀ ଜଗନ୍ନାଥ ଧାମ ବିଷୟରେ ଓତଃ ପ୍ରୋତଃ ଭାବେ ଅବଗତ ଥିବେ । ଯାହା ଅନୁସାରେ ପୁରୀ ଏକ ଦକ୍ଷିଣ ବର୍ତ୍ତୀ ଶଙ୍ଖର ଆକୃତି ଏବଂ ଏହା ୧୬ କି .ମି. କ୍ଷେତ୍ରରେ ବିସ୍ତୃତ । ଏହା ମଧ କୁହାଯାଇଥାଏ , ଏହାର ୨ କୋଶ କ୍ଷେତ୍ର ବଙ୍ଗୋପସାଗରରେ ଲୁପ୍ତ ହୋଇ ଯାଇଛି । ଉକ୍ତ ଶଙ୍ଖର ଉଦର ହେଉଛି ସମୁଦ୍ରର ସୁନେଲି ବାଲି ଯାହାକୁ ମହୋଦଧି ରାତି ଦିନ ଅବିଶ୍ରାନ୍ତ ଧୌତ କରିଥାଏ।

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମୁଖ୍ୟ ମନ୍ଦିର ଆଖ ପାଖରେ ପ୍ରାୟ ୩୦ ଗୋଟି ଛୋଟ ବଡ ମନ୍ଦିର ଅବସ୍ଥିତ । ପ୍ରଭୁ ଜଗନ୍ନାଥ ମନ୍ଦିରର ଚମତ୍କାରିତଓ ବାସ୍ତବିକ ଜନତାକୁ ଆଶ୍ଚର୍ଯ୍ୟର ଶୀର୍ଷ ସୀମାରେ ପହଂଚାଇ ଥାଏ।

୧. ସାଧାରଣତଃ ସମସ୍ତ ଉଦୀୟମାନ ବସ୍ତୁ ପବନର ସଂଗେ ସଂଗେ ଗତି କରିଥାନ୍ତି । ମାତ୍ର ଶ୍ରୀ ମନ୍ଦିରର ଲାଲ ଧ୍ୱଜା ବାୟୁର ବିପରୀତ ଦିଗରେ ଉଡ଼ିଥାଏ ।

୨.ଶ୍ରୀ ମନ୍ଦିରର ପରିଧି ୪ ଲକ୍ଷ ବର୍ଗ ଫୁଟ ଏବଂ ଉ ଉଚ୍ଚତା ୨୧୪ ଫୁଟ ହୋଇଥିଲେ ମଧ ଏହାର ଛାୟା ଗଣ ଗୋଷ୍ଠୀ ପାଇଁ ଅଦୃଶ୍ୟ।

୩. ଅନ୍ୟ ଏକ ଚମତ୍କାରିତ ଓ ଶ୍ରୀ ମନ୍ଦିର ଶୀର୍ଷକରେ ଉପସ୍ଥାପିତ ସୁଦର୍ଶନ ଚକ୍ର, ଯାହା ନୀଳ ଚକ୍ର ରୂପେ ବିଦିତ , ପୁରୀର ଯେ କୌଣସି ସ୍ଥାନରୁ ଅବଲୋକନ କଲେ ମଧ ଏହା ଦେଖଣାହାରୀର ସଂମୁଖସ୍ଥିତ ମନେହୁଏ।

୪ . ସାଧାରଣତଃ ଦେଖାଯାଇଥାଏ ବଡ଼ି ଭୋରୁ ଆରମ୍ଭ କରି ସନ୍ଧ୍ୟା ପର୍ଯ୍ୟନ୍ତ ବାୟୁ ସମୁଦ୍ରରୁ ଧରତୀ ଉପରକୁ ଆସିଥାଏ ଏବଂ ସନ୍ଧ୍ୟାରେ ବିପରୀତ ଦିଗକୁ । ମାତ୍ର ପୁରୀରେ ବାୟୁର ଗତିବିଧି ସଂପୂର୍ଣ୍ଣ ଓଲଟା ।

୫ . ସାରା ବିଶ୍ୱରେ ଦେଖା ଯାଇଥାଏ ମନ୍ଦିର ଉପରେ ଅନେକ ସଂଖ୍ୟାରେ ପକ୍ଷୀ ଉଡି ଆସି ବସିଥାନ୍ତି ଏବଂ ଉପରେ ମଧ ଆତଯାତ କରୁଥାନ୍ତି। ମାତ୍ର ପୁରୀ ମନ୍ଦିର ପାଇଁ ଏହା ସମ୍ଭବ ନୁହେଁ ।

୬ . କୁହାଯାଇଥାଏ ଶ୍ରୀ ଜଗନ୍ନାଥ ପ୍ରଭୁଙ୍କର ରୋଷାଇଘର ବିଶ୍ୱର ସମସ୍ତ ରୋଷାଇ ଘର ଅପେକ୍ଷା ବୃହତ୍ତର। ଯେଉଁଠାର ରନ୍ଧନ ପ୍ରତ୍ୟେକଦିନ ୨୦ ଲକ୍ଷ ଭକ୍ତଙ୍କ ନିମନ୍ତେ ଉଦ୍ଦିଷ୍ଟ। ଉକ୍ତ ହାଣ୍ଡିଶାଳ ଚୁଲୀ ପାଇଁ ବ୍ୟବହାର ହୋଇଥାଏ କେବଳ ଶୁଷ୍କ କାଠ । ପ୍ରତ୍ୟେକ ଚୁଲୀରେ ବଡରୁ ସାନ କ୍ରମାନ୍ୱୟରେ ସାତଗୋଟି ହାଣ୍ଡି ଉପରକୁ ଉପର ସଜ୍ଜିତ କରି ରଖା ଯାଇଥାଏ ।ଆଶ୍ଚର୍ଯ୍ୟ ବିଷୟ ଏହି ଯେ ସର୍ବ ପ୍ରଥମେ ସର୍ବୋଚ୍ଚ ଉପର ହାଂଡିଟିର ଖାଦ୍ୟ ଏବଂ ପରେ ପରେ ଉପର ଆଡୁ ଗୋଟିଏ ଗୋଟିଏ ହାଣ୍ଡିର ଖାଦ୍ୟ ପ୍ରସ୍ତୁତ ହୋଇ ଯାଇଥାଏ ।

୭ . ଅନ୍ୟ ଏକ ଚମତ୍କାର ବିଷୟ , ମନ୍ଦିର ବାହାରେ ସମୁଦ୍ର ଗର୍ଜନ ଶୁଣଓ ଯାଉଥି ଲେ ମଧ ଭିତରେ ଗୋଟିଏ ପାଦ ରଖନ୍ତେ ଗର୍ଜନ ଶୁଣା ଯାଇ ନଥାଏ।

୮ . କାଠରେ ନିର୍ମିତ ତିନି ଦେବଦେବୀଙ୍କର ୧୨ ବର୍ଷ ରେ ଥରେ କାୟା ପରିବର୍ତ୍ତନ ହୋଇଥାଏ । ମାତ୍ର ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଦୀର୍ଘ ୧ ୨ ବର୍ଷ ଅତିବାହିତ ହୋଇଯାଇଥିଲେ ମଧ ପ୍ରଭୁଙ୍କ ଶରୀରର ରଙ୍ଗ ମଳିନ ପଡି ନ ଥାଏ।

୯ .ବିଶ୍ୱର ସର୍ବଶ୍ରେଷ୍ଠ ରଥ ଯାତ୍ରା ପୁରୀଠାରେ ଅନୁଷ୍ଠିତ ହୋଇଥାଏ । ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କର ପତ୍ନୀ ରାଣୀ ଗୁଣ୍ଡିଚା ଶ୍ରୀ ଜଗନ୍ନାଥଙ୍କର ପରମ ଭକ୍ତ ଥିଲେ, ଯାହାଙ୍କୁ ପ୍ରଭୁ ନିଜ ମାଉସୀ ରୂପେ ସ୍ୱୀକାର କରିଥିଲେ । ରଥଯାତ୍ରାର ପ୍ରାରମ୍ଭ ଦିନ ଶ୍ରୀ ଜଗନ୍ନାଥ ନିଜ ଭାଇ ଭଉଣୀଙ୍କ ସହିତ ନନ୍ଦିଘୋଷ, ତାଳଧ୍ୱଜ ଏବଂ ଦର୍ପଦଳନ ନାମ୍ନୀ ତିନିଟି ରଥରେ ବିଜେ କରି ପ୍ରତ୍ୟେକ ବର୍ଷ ମାଉସୀ ଘରକୁ ଯାଆଓନ୍ତି ଏବଂ ସେଠାରେ ୮ ଦିନ ଅବସ୍ଥାନ କରି ମନ୍ଦିର ପ୍ରତ୍ୟାବର୍ତନ କରନ୍ତି । ସେଇ ଦିନଟି ବାହୁଡାଯାତ୍ରା ନାମରେ ପରିଚିତ।

୧୦ . ପୌରାଣିକ କଥା ଅନୁସାରେ ସମୁଦ୍ରର ଶକ୍ତିଶାଳୀ ଢେଉରେ ତିନି ଥର ଶ୍ରୀମନ୍ଦିର ଭାସିଯିବା ବାଦ ମହାପ୍ରଭୁ ତାଙ୍କର ପରମ ଭକ୍ତ ମହାଶକ୍ତିଶାଳୀ ହନୁମାନଙ୍କୁ ସମୁଦ୍ର କୂଳରେ ରହି ପରାକ୍ରମୀ ଢେଉ ମାନଙ୍କୁ ନିୟନ୍ତ୍ରଣ କରିବା କାର୍ଯ୍ୟରେ ନିୟୋଜିତ କରିଥିଲେ । ମାତ୍ର ଭକ୍ତ ହନୁମାନ ପ୍ରଭୁଙ୍କ ଦର୍ଶନର ଇଛାକୁ ସମ୍ବରଣ ନ କରିପାରି ଶ୍ରୀ ମନ୍ଦିର ଅଭିମୁଖୀ ହୁଅନ୍ତେ ସମୁଦ୍ରର ଜଳଧାରା ତାଙ୍କୁ ଅନୁଧଓବନ କରୁଥିଲା । ଏତଦ୍ୱାରା ଶ୍ରୀ ଜଗନ୍ନାଥ ତାଙ୍କର ଅସନ୍ତୋଷ ପ୍ରକଟ କରି ହନୁମାନଙ୍କ ପାଦରେ ଜଂଜୀର ବାନ୍ଧି ସମୁଦ୍ର କୂଳରେ ଛିଡା କରି ଦେଇଥିଲେ। ଯାହା ଆଜି ମଧ ସେଠାରେ ଦେଖିବାକୁ ମିଳିଥାଏ।

+ମୋ: ୯୮୧୮୯୮୬୩୦୩

# ଯେ ପାଞ୍ଚେ ପରମନ୍ଦ

## ସମ୍ପର୍କର ଗାଣ୍ଠି

ଶ୍ୱେତା ରାଉତ



ଆମ ଘରେ ଯେତେବଳେ କେହି ନଥାନ୍ତି ଏବଂ ଲାଇଟ୍, ଫ୍ୟାନ୍ ଚାଲୁଥାଏ, ଆମେ ବନ୍ଦ କରିଦିଅନ୍ତି, କାରଣ ଅନ୍ୟସରି ଶକ୍ତି ଅପଚୟ କରିବାକୁ ଚାହାନ୍ତିନି। କିନ୍ତୁ ଆମ ମନରେ ଯେତେବେଳେ ଗୁଡ଼ାଏ ଇଆଡୁ ସିଆଡୁ ବିଚାର ଆସେ, ମସ୍ତିଷ୍କରେ ଗୁଡ଼ାଏ ଅଦରକାରୀ ଚିନ୍ତା କରିଦିଅନ୍ତି, ଫଳରେ ଆମର ସକାରାତ୍ମକ ଉର୍ଜା କମିଥାଏ,ଆତ୍ମ ଶକ୍ତିର ଅପଚୟ ହୋଇଥାଏ, ଅଥଚ ସେଥିପ୍ରତି ଆମେ କେହି ଧ୍ୟାନ ଦେଇ ନଥାନ୍ତି। ବିଶେଷ କରି ମନରେ ଇର୍ଷାଭାବ, ଅସହିଷ୍ଣୁତାର ବୃଦ୍ଧି ଯୋଗୁଁ ଆମ ଭିତରର ସେବା ଭାବ, ଶ୍ରଦ୍ଧା ଭାବ ମରି ମରି ଯାଏ। ପଡୋଶୀ ଘରେ କିଛି ଉନ୍ନତି ଦେଖିଲେ ଆମର ଫିଉଜ୍ ଉଡିଯାଏ, ଆମେ ସେହି ପାରନ୍ତିନି ଏବଂ ପଡୋଶୀରେ ଯଦି କିଛି ଅସାମାନ୍ୟ ଘଟଣା ଘଟିଲା କିମ୍ବା କିଛି ବଡ଼ ଧରଣର କ୍ଷତି ହେଲା, ବହୁତ ଖୁସି ହୋଇଯାଆନ୍ତି ସମସ୍ତେ। କେହି କେହି ତ ଏମିତି କୁହନ୍ତି 'ଭଲ ହୋଇଛି, ଯେମିତି କର୍ମ କଲା, ଈଶ୍ୱର ତାକୁ ସେମିତି ଦଣ୍ଡ ଦେଇଛନ୍ତି'।

ଈଶ୍ୱର କାହାକୁ କେମିତି ବର ଦେବେ କି ଦଣ୍ଡ ଦେବେ ସେଇଟା ବ୍ୟକ୍ତିର କର୍ମ ଉପରେ ନିର୍ଭର କରେ। ଆମେ ସେଥିରେ ହସ୍ତକ୍ଷେପ କରିବା ଆଦୌ ଉଚିତ୍ ନୁହେଁ। ଅନ୍ୟ ପ୍ରତି ଅସହିଷ୍ଣୁ ଭାବ ରଖିବା ଆମର ସଂସ୍କାର ନୁହେଁ। ଆମକୁ ଆମ ସଂସ୍କାର ଉପରେ ଧ୍ୟାନ ଦେବାର ଅଛି। ଆଜି ଅନ୍ୟର ପରିସ୍ଥିତି ଦେଖି ଆମେ ହସୁଛନ୍ତି, କିଏ ଜାଣେ ତା ଠାରୁ ଆହୁରି ଖରାପ ପରିସ୍ଥିତି ଆମ ଜୀବନରେ ବି ଆସିପାରେ। ମଣିଷ ଯେତେ ପ୍ରଯତ୍ନ କଲେ ମଧ ଈଶ୍ୱରଙ୍କ ଲୀଳାକୁ ବଦଳାଇ ପାରିବନି। ଆଜି ଯିଏ ଧନୀ କାଲି ସିଏ ଗରିବ ହୋଇପାରେ, ଆଜି ଯିଏ ଗରିବ କାଲି ଧନୀ ହୋଇପାରେ,ଜୀବନ ସବୁବେଳେ ଅନିଶ୍ଚିତ।

ଅନ୍ୟକୁ ଅସୁବିଧାରେ ଦେଖି ଉପରେ ଉପରେ ଶୋକର ଅଭିନୟ କରି ମନ ଭିତରେ କୁରୁଳୁଥିବା ବ୍ୟକ୍ତିଙ୍କୁ ଈଶ୍ୱର କେବେ କ୍ଷମା କରନ୍ତିନି। କାରଣ ମଣିଷ ସିନା ଛଳନାରେ ଧୋକା ଖାଇଯାଏ, ହେଲେ ଈଶ୍ୱର ମନ ପଢ଼ିପାରନ୍ତି। ସେ ବିବେକ, ବିଚାର, ବୁଦ୍ଧି, ବାତ୍ସଲ୍ୟ ଦେଖି ମଣିଷର କର୍ମ ନିର୍ଦ୍ଧାରଣ କରନ୍ତି। ଯଦି ଆପଣଙ୍କ ଖରାପ ପରିସ୍ଥିତିରେ କେହି ଆପଣଙ୍କୁ ଉପରେ ସମବେଦନା ଜଣାଇ ମନରେ ଈର୍ଷା ଭାବ ପ୍ରତିଶୋଧ ଭାବ ରଖିଥାନ୍ତି, ଆପଣ ନିଶ୍ଚୟ ଜାଣି ପାରିବେ। କାରଣ ଆମ ଶରୀର ସବୁବେଳେ ମସ୍ତିଷ୍କର ନିର୍ଦ୍ଦେଶ ଦ୍ୱାରା ପରିଚାଳିତ। ଆମେ ମସ୍ତିଷ୍କରେ ଯାହା ଚିନ୍ତା କରନ୍ତି, ତାହା ଇନ୍ଦ୍ରୀୟମାନଙ୍କରେ ବା ମୁହଁରେ ପ୍ରତିଫଳିତ ହୁଏ ଏବଂ ଆଚରଣରେ ପ୍ରସ୍ଫୁଟିତ ହୋଇଥାଏ। ଛଳନା ଅଧିକ ସମୟ ଲୁଚିପାରେ ନାହିଁ। କାରଣ ସତ୍ୟ ସମସ୍ତ ସ୍ୱଭାବମାନଙ୍କ ଉର୍ଦ୍ଧରେ। ସତ୍ୟକୁ ଯେତେ ଲୁଚେଇଲେ ବି ବାହାରି ଆସେ। ପ୍ରକୃତ ବନ୍ଧୁକୁ ଚିହ୍ନିବା ସହଜ ହୋଇଥାଏ। ଠିକ୍ ସେମିତି ଆମେ ଯଦି କାହା ସହିତ ଛଳନା କରୁଥାନ୍ତି, ତାହା ମଧ ଅନ୍ୟକୁ ଜଣା ପଡିଯାଇଥାଏ।

ତେଣୁ ଆମ ସମ୍ପର୍କମନଙ୍କ ସହିତ ଆମେ ସବୁବେଳେ ସ୍ୱଷ୍ଟବାଦୀ ଓ ସ୍ୱଚ୍ଛଭାବ ରଖି ବ୍ୟବହାର କରିବା ଉଚିତ୍। ସବୁବେଳେ ଧ୍ୟାନ ରଖିବା ଉଚିତ୍ ଆମେ ପଛେ କାହା ଧୋକା, ଛଳନା, ଚକ୍ରାନ୍ତର ଶିକାର ହେଉ, ହେଲେ ଆମ ମନରେ କାହା ପ୍ରତି ସେଭଳି ନକାରାତ୍ମକ ବିଚାର ନ ରହୁ,ଆମ ପାଇଁ କେହି ଦୁଃଖ ନପାଉ, ଆମେ କାହା କ୍ଷତି ବା ଅଶାନ୍ତିର କାରଣ ନ ହେଉ। ଏହାହିଁ ଉତ୍ତମ ବ୍ୟକ୍ତିତ୍ୱର ଲକ୍ଷଣ। ଆମର ଗୋଟେ ଲୋକୋକ୍ତି ଅଛି 'ଯେ ପାଞ୍ଚେ ପରମନ୍ଦ ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ'। ତେଣୁ ପରର ମନ୍ଦ ଚିନ୍ତା କରି ନିଜର ସର୍ବନାଶକୁ ଡାକି ଆଣିବା କେବଳ ମୂର୍ଖାମୀ ମାତ୍ର।

+ରାଉତ୍ କମ୍ପ୍ଲେକ୍ସ,କଟକ ରୋଡ୍, ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ:୯୪୩୯୭୨୬୦୬୦

## ପ୍ରେମ ପକ୍ଷୀ

ସ୍ନିଗ୍ଧା ନାୟକ



ରାଗ ଅନୁରାଗେ ମନ ମଜେଇ
ଶୃଙ୍ଗାର ରସରେ ଦେହ ଭିଜେଇ
ସମ୍ପର୍କ ଥାଳିରେ ପ୍ରେମକୁ ରଖି
ହୃଦୟକୁ ଦେଲା ତା ପାଖେ ବିକି ।

ବିଜନତା କୋଳେ ଜାଣ ଲୋ ସଖୀ
ଏକୁଟିଆ ଥିଲା ବାଆଁରା ପକ୍ଷୀ
ନୀଡ଼ ଭୁଲି ଯାଇଥିଲା ସେ ଉଡି
ପ୍ରେମଉପବନ ଥିଲା ଉଜୁଡି।

ଆଶାର ସୁନେଲି କିରଣେ ଛାଇ
ପୂର୍ଣ୍ଣଗର୍ଭା ହେଲା ଶୁଖିଲା ନଈ
କଳ୍ପନାକଜଳ ଆଖିରେ ମାଖି
ଡେଣାଝାଡି ଉଡ଼େ ସେ ପ୍ରେମ ପକ୍ଷୀ ।

ଶବ୍ଦର ତରଙ୍ଗ ଭାଷାର ନଈ
କୁଳୁକୁଳୁ ହୋଇ ଯାଉଛି ବହି
ହାୟ' ରେ ଜୀବନ ହାୟ' ସେ ପ୍ରେମ
ମୁନି ଋଷିଙ୍କର ବି' ମତିଭ୍ରମ ।

ପ୍ରେମ ସଂଜୀବନୀ ମନ୍ତ୍ରକୁ ଫୁଙ୍କି
ପ୍ରେମଦିବସ ପାଳେ ଚନ୍ଦ୍ରମୁଖୀ
ଶତାବ୍ଦୀର ସୂର୍ଯ୍ୟ ଉଠିଛି ଚେଇଁ
ସମ୍ପର୍କର ସେତୁ ଗଢିଲା ବିହି ।

+ଓଡ଼ିଆ ବିଭାଗ ,
ଚିତ୍ରୋତ୍ପଳା ମହିଳା ମହାବିଦ୍ୟାଳୟ ,
କେନ୍ଦ୍ରାପଡ଼ା



## କାଲି ସହରରୁ ଚିଠି ଆସିଥିଲା...

ଲକ୍ଷ୍ମୀପ୍ରିୟା ମାଇତି



ଲେଖିଥିଲ ତମେ...
ଆମ ଗାଆଁରେ
ଏବେ ଜହ୍ନ ଉଇଁଲେ
କ'ଣ କଇଁ ହସୁଛି... ?

କେମିତି ବା କହିବି ତୁମକୁ
ପୋଖରୀ ଯେତେ ଠିକାରେ ଗଲାଣି
କଇଁକୁ ହତ୍ୟା କରାଗଲାଣି
ପରେ...
ତା ଆତ୍ମା ଖାଲି ପୁନେଇଁ ରାତିରେ କାନ୍ଦୁଛି
ଅଧୁରା ପ୍ରେମକୁ ଝୁରି ଝୁରି
ତୁମ ପରେ ଅଭିମାନ କରି
ଜହ୍ନ ଏବେ ଭାରି ରଷିଛି।

ତମେ ଲେଖିଥିଲ...
ଆମ ଗାଆଁ ଦାଣ୍ଡରେ
ପିଲାମାନେ କ'ଣ
ଧୂଳି ଘର କରି ଖେଳୁଛି... ?

ତୁମେ ତ ଦେଖିନ
ସବୁ ଏବେ ପକ୍କା
ଆମ ପିଲା ଦିନ ସ୍ମୃତି ଯେତେ
ଏବେ ମାଟି ତଳେ ପୋତା ଯାଇଛି।

ତମେ ପଚାରିଥିଲ...
ଗାଁ ନଈ ପଠା
କାଶତଣ୍ଡି ଫୁଲ
ଏବେ ବି କ'ଣ ହସୁଛି... ?

କି ଉତ୍ତର ଦେବି...
ନଦୀବନ୍ଧ ମରାମତି ହୋଇ
କେନାଲ ବ୍ରିଜ ପରା ହୋଇଛି
ଆମ ସ୍ୱପ୍ନର ପାରିଜାତ
ମଉଳି କି ସବୁ ଝଡିଛି।

ପୁଣି ବି ପ୍ରଶ୍ନ...
ତମ ଆମ ଅଗଣାରେ ସନ୍ଧ୍ୟାମଲ୍ଲୀ
ଜହ୍ନି,କାକୁଡି ଫୁଲ କ'ଣ ଫୁଟିଛି... ?

ଗାଁ ତ ସବୁ ବଦଳି ଗଲାଣି
ସହରୀ ଗୋଲାପ ?
କଲମୀ ଗଛରେ
ତମ ଆମ ବାଡି ସବୁ ଛାଇଛି।

ଶେଷରେ ଲେଖିଛ...
ତମେ ଆଉ କ'ଣ
କରୁଛ କୁଆଁର ପୁନେଇଁ
ଖୁଦୁରୁକୁଣୀ ଓଷା... ?

ଦୋହଲେଇ ଦେଲ ମନକୁ ମୋର
ବୁହାଇ ଦେଲ ଲୁହ
କେମିତି କହିବି ତମ ପାଇଁ
ସବୁ କରୁଥିଲି
ଏବେ ତ ତମ ବିନା ଶୂନ୍ୟ
ଫିକା ଲାଗେ ଗାଁ
ଝରିପଡେ ନିତି କୋହ
ଚିଠିର ଶବ୍ଦରେ
ଦେଖା ହୋଇଯାଏ
ତୁମର ସେ ସ୍ନେହ
ସହରୀ ଫେରନ୍ତା
ଆଉ ଅତୀତ ଭଲପାଇବାର ସୁଅ।

+ଏରସମା , ଜଗତସିଂହପୁର
ମୋ : ୯୪୩୯୫୩୭୫୯୨

## ମନ

ଶୁଭଦର୍ଶିନୀ ଦାଶ

ମନ ଖୋଜୁଥାଏ ନିଜ ମନର ଠିକଣା
ଅବୁଝା ମନ ନଇ ସୁଅରେ
ନିଜ ସୁନ୍ଦରତାକୁ ଖୋଜି ବୁଲୁଥାଏ
ପୂର୍ଣ୍ଣମୀର ପୁରିଲା ଚାନ୍ଦରେ।

ଦୁଃଖିନୀ ମନକୁ ପାଏ କେବେ କେବେ
ସାଗରର ଗର୍ଜିତ ଢେଉରେ
ମନ ମରିଯାଏ ବାହୁନି ବାହୁନି
ଅମାବାସ୍ୟାର ଅନ୍ଧାର ଗଳିରେ।

ଆନନ୍ଦିତ ମନ ଉଡ଼ି ବୁଲୁଥାଏ
ନୀଳ ଆକାଶର ଅରୁଣିମାରେ
ଭସା ବାଦଲରେ ବସିରହି ଭିଜେ
ମେଘର ବତୁରା ବର୍ଷାରେ।

ଇଚ୍ଛାମାନେ ପୁଣି ଚମକି ଖେଳନ୍ତି
ତାରାଙ୍କ ଫିକା ଆଲୁଅରେ
ଯୌବନ ତା ରଙ୍ଗ ଝୁରିହେଉଥାଏ
ଫୁଲର ଫାଖୁଡ଼ା କଅଁଳ ଛୁଆଁରେ।

ମନ ଅଟେ ଏକ ସପ୍ତରଙ୍ଗୀ ଧନୁ
ଢ଼ଳିଯାଏ ଧୁ ଧୁ ଖରା ସ୍ପର୍ଶରେ
କେବେ ହଜିଯାଏ କେବେ ପୁଣି ଦିଶେ
ଗୋଧୂଳି ସଞ୍ଜ ଆକାଶରେ।

+ଭୁବନେଶ୍ୱର

# ବନ୍ୟାଂଚଳର ପ୍ରତି ବ୍ଲକ୍‌ରେ ମୋବାଇଲ୍ ଭେଟେରିନାରୀ ୟୁନିଟ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୭/୦୮ (ନି.ପ୍ର): ରାଜ୍ୟରେ ସମ୍ଭାବିତ ବନ୍ୟା ପ୍ରଭାବିତ ପ୍ରାଣୀସଂପଦର ତୁରନ୍ତ ଚିକିତ୍ସା ନିମନ୍ତେ ବନ୍ୟାଂଚଳର ପ୍ରତ୍ୟେକ ବ୍ଲକ୍ ରେ ଗୋଟିଏ ଲେଖାଏଁ ମୋବାଇଲ୍ ଭେଟେରିନାରୀ ୟୁନିଟ୍ ପ୍ରସ୍ତୁତ ରଖିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତି ଟିମ୍ ରେ ଗୋଟିଏ ଗାଡି ସହ ଜଣେ ପ୍ରାଣୀଚିକିତ୍ସକ, ଜଣେ ପ୍ରାଣୀଧନ ନିରୀକ୍ଷକ ଓ ଜଣେ ସହାୟକ ରହିବେ । ସିଡ଼ିଭିଓମାନେ ଆବଶ୍ୟକ ଟୀକା ଓ ଜରୁରୀ ଔଷଧ ପ୍ରାଣୀ ଚିକିତ୍ସାଳୟ, ଭେଟେରିନାରୀ ଡିସ୍‌ପେନ୍‌ସାରୀ ଓ ଲାଇଭଷ୍ଟକ୍ କେନ୍ଦ୍ରମାନଙ୍କରେ ଆଗୁଆ ପଠାଇବା ପାଇଁ କୁହାଯାଇଛି । ଏଥି ସହିତ ପର୍ଯ୍ୟାପ୍ତ ପରିମାଣର ଜରୁରୀ ଔଷଧ ଗଚ୍ଛିତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ସମୟରେ ସମସ୍ତ କ୍ଷେତ୍ର କର୍ମଚାରୀମାନଙ୍କୁ ସଦର ମହକୁମାରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ପ୍ରଭାବିତ ଅଂଚଳରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୋଖାଦ୍ୟ ଯୋଗାଣ ନିମନ୍ତେ ଜିଲ୍ଲାପାଳମାନଙ୍କୁ ଅନୁରୋଧ କରିବା ପାଇଁ କୁହାଯାଇଛି ।

ସିଡିଭିଓ ସ୍ତରରେ କଂଟ୍ରୋଲରୁମ୍ ଖୋଲାଯାଇ କଟକସ୍ଥିତ ନିର୍ଦ୍ଦେଶାଳୟର କଂଟ୍ରୋଲ ରୁମ୍ କୁ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ନିୟମିତ ତଥ୍ୟ ପ୍ରେରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ, କଟକ ଠାରେ ୨୪ ଘଂଟିଆ କଂଟ୍ରୋଲ ରୁମ୍ (ଫୋନ୍ ନଂ-୦୬୭୧-୨୪୧୪୩୧୦, ୭୨୦୫୫୯୮୧୨୫) ଖୋଲାଯାଇଛି । ଆବଶ୍ୟକ ଔଷଧ ଓ ଭ୍ୟାକ୍‌ସିନ୍ ର ଯୋଗାଣକୁ ନିରୀକ୍ଷଣ କରିବା ପାଇଁ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । ଏଥି ସହିତ ବନ୍ୟା ସମୟରେ ପ୍ରାଣୀମାନଙ୍କ ମଧ୍ୟରେ କୌଣସି ପ୍ରକାର ରୋଗ ଦେଖାଯିବା କିମ୍ବା ବ୍ୟାପିବାକୁ ପ୍ରତିହତ କରିବା ପାଇଁ ବିଭାଗ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଛି ।

ସେହିପରି ମତ୍ସ୍ୟସଂପଦର ସୁରକ୍ଷା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ନିମନ୍ତେ ସମସ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମତ୍ସ୍ୟଚାଷୀମାନେ ଜଳାଶୟର ବନ୍ଧକୁ ମଜବୁତ୍ ରଖିବା ପାଇଁ ପରାମର୍ଶ ଦିଆଯାଇଛି, ଯେପରି ମାଛ, ଚିଙ୍ଗୁଡ଼ି କିମ୍ବା ଜାଅଁଳ ଭାସି ନଯାଆନ୍ତି । ଆବଶ୍ୟକ ସ୍ଥଳେ ଜଳାଶୟର ଜଳସ୍ତରକୁ କମ୍ ରଖିବା ପାଇଁ କୁହାଯାଇଛି । ଚିଙ୍ଗୁଡ଼ି ଚାଷରେ ନିୟୋଜିତ ଶ୍ରମିକମାନଙ୍କୁ ନିରାପଦ ସ୍ଥାନକୁ ଚାଲିଯିବା ପାଇଁ କୁହାଯାଇଛି । ଆବଶ୍ୟକ ହେଲେ ଜିଲ୍ଲା ପ୍ରଶାସନର ସହାୟତାରେ ସମ୍ବେଦନଶୀଳ ଅଂଚଳଗୁଡ଼ିକରୁ ମତ୍ସ୍ୟଜୀବୀ ଓ ଶ୍ରମିକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ କଂଟ୍ରୋଲ ରୁମ୍ ଖୋଲାଯାଇ ବନ୍ୟାର ସ୍ଥିତି ଓ ନିଆଯାଇଥିବା ପଦକ୍ଷେପ ସଂପର୍କରେ ନିୟମିତ ମତ୍ସ୍ୟ ନିର୍ଦ୍ଦେଶାଳୟକୁ ଅବଗତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ ବିଭାଗ ପକ୍ଷରୁ ସମୟ ସମୟରେ ପଠାଯାଉଥିବା ଆଡ୍‌ଭାଇଜରିଗୁଡ଼ିକୁ ନିଷ୍ଠାର ସହ ଅନୁପାଳନ କରିବା ପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ୩୨୬ ନମ୍ବର ଜାତୀୟ ରାଜପଥରେ ଭୁଶୁଡ଼ିଲା ପୋଲ

କୋରାପୁଟ,୧୭/୦୮ (ନି.ପ୍ର): କୋରାପୁଟରୁ ରାୟଗଡ଼ାକୁ ସଂଯୋଗ କରୁଥିବା ରାସ୍ତାରେ ଗୋଟିଏ ପୋଲ ଆଜି ଅପରାହ୍ନରେ ଭୁଶୁଡ଼ି ଯାଇଛି । ୩୨୬ନମ୍ବର ଜାତୀୟ ରାଜପଥର କୋରାପୁଟ ଜିଲ୍ଲା ଲେନ୍ଦିରିମାଳିଗୁଡା ଓ ବଙ୍ଗଳାଗୁଡା ନିକଟରେ ରହିଥିବା ଏହି ପୋଲ ପ୍ରାୟ ୫୦ବର୍ଷ ତଳେ ନିର୍ମାଣ ହୋଇଥିଲା । ଲଗାଣ ବର୍ଷାର ମାଡ଼ରେ ଦୁର୍ବଳ ହୋଇ ରହିଥିଲା । ଭାରୀଯାନ ଚଳାଚଳ କରିବାରୁ ଆପେଆପେ ଗୋଟିଏ ପାର୍ଶ୍ୱ ଦବି ଯାଇଥିଲା । ଶେଷରେ ଓଜନ ସମ୍ଭାଳି ନ ପାରି ଆଜି ଅପରାହ୍ନରେ ଗୋଟିଏ ପାର୍ଶ୍ୱ ସଂପୂର୍ଣ୍ଣ ଭୁଶୁଡ଼ି ଯାଇଛି । ଅନ୍ୟ ପାର୍ଶ୍ୱ ଏବେ ଝୁଲିବା ଅବସ୍ଥାରେ ରହିଛି । ସୌଭାଗ୍ୟ ବଶତଃ ସେହି ସମୟରେ କୌଣସି ଗାଡ଼ି ପୋଲ ଉପରେ ନଥିଲା । ନଚେତ ବଡ଼ ଅଘଟଣ ଘଟିଥାନ୍ତା ବୋଲି କୁହାଯାଉଛି । କୋରାପୁଟ ଜିଲ୍ଲା ସହ ରାୟଗଡ଼ା ଜିଲ୍ଲାକୁ ଯୋଡୁଥିଲା ଏହି ୪୦ଫୁଟ୍ ଓସାରିଆ ପୁରୁଣା ପୋଲ । ଛମାରୀ ନଦୀ ଉପରେ ୧୯୭୫ ମସିହାରେ ନିର୍ମାଣ କରାଯାଇଥିଲା । ଆଜି ସକାଳୁ ବି ପୋଲରେ ଯାତାୟାତ ସ୍ୱାଭାବିକ ରହିଥିଲା । କିନ୍ତୁ ଅପରାହ୍ନରେ ହଠାତ୍ ପ୍ରଚଣ୍ଡ ଶବ୍ଦ କରି ଗୋଟିଏ ପାର୍ଶ୍ୱ ତଳକୁ ଖସି ପଡ଼ିଥିଲା । ସ୍ଥାନୀୟ ଲୋକ ଶବ୍ଦ ଶୁଣିବା ପରେ ପୋଲ ନିକଟକୁ ଦୌଡ଼ିଥିଲେ । କିଛି ସେକେଣ୍ଡର ବିଳମ୍ବ ଯୋଗୁ ଗୋଟିଏ ଗ୍ୟାସ୍ ଟ୍ୟାଙ୍କର ଏବଂ ମହାପ୍ରୟାଣ ଗାଡ଼ି ଅଳ୍ପକେ ବର୍ତ୍ତି ଯାଇଥିଲା । କାରଣ ଉଭୟ ଗାଡ଼ି ପୋଲକୁ ଅତିକ୍ରମ କରିବା ପୂର୍ବରୁ ଏହି ଅଘଟଣ ଘଟିଥିଲା । ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକ ପୁଲିସ ଏବଂ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ । ଖବର ପାଇ ଘଟଣାସ୍ଥଳରେ ଜିଲ୍ଲାପାଳ ଅବଦଲ ଏମ୍. ଅଖତର, ଏସ୍‌ପି ବରୁଣ ଗୁଣ୍ଟୁପାଲୀ, ଆର ଆଣ୍ଡ ବି ନିର୍ବାହୀ ଯନ୍ତ୍ରୀ ସତ୍ୟ ନାରାୟଣ ଖୁରା ଓ କୋରାପୁଟ ବିଡିଓ ନରେନ୍ଦ୍ର ନାୟକ ପହଞ୍ଚିଥିଲେ । ପୋଲର ଦୁଇ ପାର୍ଶ୍ୱରେ ରହିଥିବା ଗାଡ଼ିକୁ ଅନ୍ୟ ରାସ୍ତାରେ ପଠାଇବା ବ୍ୟବସ୍ଥା କରିଥିଲେ । କୋରାପୁଟରୁ ବାହାରିଥିବା ଗାଡ଼ି ଗୁଡ଼ିକୁ ମସ୍ତିପୁଟ-ମହାଦେଇପୁଟ-ଆଲମଣ୍ଡା ଦେଇ ପୋଡାଗଡ ପଠାଯାଇଥିଲା । ସେହିପରି ରାୟଗଡ଼ା ପଟୁ ଆସୁଥିବା ଗାଡ଼ିକୁ ପୋଡାଗଡରୁ ସେମିଳିଗୁଡା ଯିବା ବ୍ୟବସଥା କରାଯାଇଥିଲା । ଏଣ୍ଡ ସ୍ୱାନ୍ ଦୁର୍ବଳ ହୋଇଯାଇଥିବାରୁ ଭୁଶୁଡ଼ିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

# ଗୋ ମାତାଙ୍କ ଅନନ୍ତ ମହିମା ନାମକ ତୈଳଚିତ୍ର ଉନ୍ମୋଚିତ

ଜୟପୁର,୧୭/୦୮ (ନି.ପ୍ର): ପଣ୍ଡିତ ଗଙ୍ଗାଧର ନନ୍ଦଙ୍କ ସଦ୍ୟତମ ସଙ୍କଳନ ଗୋ ମାତାଙ୍କ ଅନନ୍ତ ମହିମା ନାମକ ତୈଳଚିତ୍ର ହିନ୍ଦି ଓ ଓଡିଆରେ ତରୁଣ ପ୍ରଜ୍ଞା ଭାରତୀ ତରଫରୁ ପ୍ରକାଶ ପାଇଛି । ଏହାକୁ ଶ୍ରୀକ୍ଷେତ୍ର ପୁରୀ ଠାରେ ଗୋଧୁଳି ବେଳାରେ ଗୋବର୍ଦ୍ଧନ ପୀଠାଧିଶ ଜଗଦଗୁରୁ ସ୍ୱାମୀ ଶ୍ରୀଶ୍ରୀ ନିଶ୍ଚଳା ନନ୍ଦ ସରସ୍ୱତୀଙ୍କ କରକମଳରେ ଦେବାର୍ପିତ ହୋଇ ଉନ୍ମୋଚିତ କରାଯାଇଛି । ଏହି ତୈଳଚିତ୍ର ଭାରତରେ ପ୍ରଥମ ଥର ପାଇ ପ୍ରସ୍ତୁତ କରାଯାଇଥିବାରୁ ଜଗଦଗୁରୁଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି । ଏଥି ପୂର୍ବରୁ ଭାରତୀୟ ସଂସ୍କୃତିର ରକ୍ଷା ଓ ଗୋମାତାଙ୍କ ଆଧାରତି ୨୫ରୁ ଅଧିକ ପୁସ୍ତକ ଇଂରାଜୀ, ଓଡିଆ ଓ ଅନ୍ୟାନ୍ୟ ଭାଷାରେ ପ୍ରକାଶିତ ହୋଇଛି । ପଣ୍ଡିତ ଗଙ୍ଗାଧର ନନ୍ଦ ଜୟପୁର ମହାରାଜା ସ୍ୱର୍ଗତ ବିକ୍ରମଦେବ ବର୍ମାଙ୍କ ରାଜପୁରୋହିତ ପଣ୍ଡିତ ବିଦ୍ୟାଭୂଷଣ ନନ୍ଦଙ୍କ ନାତି ଅଟନ୍ତି । ପଣ୍ଡିତ ନନ୍ଦ ପ୍ରତିନିଧିତ୍ୱ କରି ପୁରୀ ଠାରେ ଏହି କାର୍ଯ୍ୟକ୍ରମକୁ ରୁପାନ୍ତରିତ କରିଥିଲେ । କୋରାପୁଟ ଜିଲା ପତଞ୍ଜଳି ମହିଳା ପ୍ରଭାରୀ ମଞ୍ଜୁଳା ପାତ୍ର ଏବଂ କୋଟିନି ତିରୁପତି ପାତ୍ର, ପୁରୀରେ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ । ବିନୋଦିନୀ ଦାଶ, ପାବତୀ ଦେଓ, ସଂନ୍ଧ୍ୟାରାଣୀ ସାହୁ, ଜାନକ ପାଣିଗ୍ରାହୀ ବାବି ମିଶ୍ର , ପ୍ରତିମା ନାୟକ ଅଣ୍ଣପୁଣ୍ଣା ଦାସ, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ, ସୁଭାଷିନୀ ପାତ୍ର, ସରସ୍ୱତୀ ଆଚାର୍ଯ୍ୟ, ସୁଜାତା ସାନ୍ତ୍ରା, ସବିତା ପଣ୍ଡା ପିଙ୍କି ପ୍ରଧାନ ପ୍ରମୁଖ ଜୟପୁରରୁ ଯାଇ ପୁରୀରେ ଜଗଦଗୁରୁଙ୍କୁ ସାକ୍ଷାତ କରିଥିଲେ ।

# ସରକାରୀ ଆୟୁର୍ବେଦ ଚିକିତ୍ସକ ସଂଘର ୱେବସାଇଟ୍ ଉଦ୍‌ଘାଟିତ




ଭୁବନେଶ୍ୱର,୧୭/୦୮ (ନି.ପ୍ର): ଓଡ଼ିଶା ସରକାରୀ ଆୟୁର୍ବେଦ ଚିକିତ୍ସକ ସଂଘର ନିଜସ୍ୱ ୱେବସାଇଟ୍ ଆଜି ଉଦ୍‌ଘାଟିତ ହୋଇଛି । ରାଜ୍ୟ ଆୟୁଷ ନିର୍ଦ୍ଦେଶକ ଭୁପେଶ କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଛନ୍ତି । ରାଜ୍ୟରେ କାର୍ଯ୍ୟରତ ସରକାରୀ ଆୟୁର୍ବେଦ ଡାକ୍ତରମାନେ ଏହି ୱେବସାଇଟ୍ ଜରିଆରେ ନିଜର ପଞ୍ଜୀକରଣ କରିପାରିବେ । ଏହାସହ ପ୍ରତିଦିନର ସମାଚାର, କାର୍ଯ୍ୟପନ୍ଥା ତଥା ଘଟଣା ଜାଣିବା ଲାଗି ଏହି ୱେବସାଇଟ୍ ଏକ ପ୍ରକୃତ ମାଧ୍ୟମ ହେବ ବୋଲି କୁହାଯାଇଛି । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସଂଘର ସାଧାରଣ ସଂପାଦକ ଡା.ଚିତ୍ତରଂଜନ ବେହେରା, କାର୍ଯ୍ୟକାରୀ ସଭାପତି ଡା.ଅନନ୍ତ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେଣୁପ୍ରଭା ମହାପାତ୍ର, ବିଜୟ କୁମାର ପଣ୍ଡା, ଭବାନୀ ଶଙ୍କର ପାଲ, ଏସ୍‌ପି ବିଶ୍ୱାଳ, ମାଧମ କୁମାର ସାମନ୍ତରାୟ ପ୍ରମୁଖ ସାମିଲ ହୋଇଥିଲେ । ଭିଆଇଟି-ଇଣ୍ଡିଆ ଏହି ୱେବସାଇଟ୍‌କୁ ଡିଜାଇନ୍ କରିଛନ୍ତି ।

# ନୂଆ ପାଠ୍ୟକ୍ରମ ପ୍ରସ୍ତୁତ ପାଇଁ ସର୍ଭେରେ ଅଂଶଗ୍ରହଣ କରିବାକୁ ଅପିଲ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୭/୦୮ (ନି.ପ୍ର): ଜାତୀୟ ଶିକ୍ଷା ନୀତି - ୨୦୨୦ (ଏନଇପି) ଅଧୀନରେ ଏକ ନୂଆ ପାଠ୍ୟକ୍ରମ ବିକଶିତ କରିବା ପାଇଁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନ୍ୟାସନାଲ କରିକୁଲମ ଫ୍ରେମୱାର୍କ(ଏନସିଏଫ) ତଥା ଜାତୀୟ ପାଠ୍ୟକ୍ରମ ରୂପରେଖ ପାଇଁ ଆରମ୍ଭ ହୋଇଥିବା ଜନସର୍ଭେରେ ଅଂଶ ଗ୍ରହଣ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ଜାତୀୟ ଶିକ୍ଷା ନୀତିର ମାର୍ଗଦର୍ଶିକା ଅନୁସାରେ ଏକ ଗତିଶୀଳ ନ୍ୟାସନାଲ କରିକୁଲମ ଫ୍ରେମୱାର୍କ ବିକଶିତ ଭାରତର ଲକ୍ଷ୍ୟକୁ ହାସଲ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ । ଏଥିପାଇଁ ଏକ ଗତିଶୀଳ, ସମାବେଶୀ ଓ ଭବିଷ୍ୟତବାଦୀ ଜାତୀୟ ପାଠ୍ୟକ୍ରମ ରୂପରେଖ ବିକଶିତ କରିବା ଆବଶ୍ୟକ । ଯାହା ଦ୍ୱାରା ଆଗାମୀ ପିଢିଙ୍କ ମଧ୍ୟରେ ସାଂସ୍କୃତିକ ସୁଦୃଢ଼ତାକୁ ଏକତ୍ରିତ କରିବା ସହ ବୈଶ୍ୱିକ କଳ୍ପନା ତିଆରି କରିହେବ ଏବଂ ଶିକ୍ଷାକୁ ଉପନିବେଶୀକରଣ ମୁକ୍ତ କରି ଯୁବପିଢିଙ୍କ ମଧ୍ୟରେ ଗୌରବର ଭାବନା ଉଜ୍ଜୀବିତ କରି ହେବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ପାଠ୍ୟକ୍ରମ ରୂପରେଖ ଗଠନ ଏବଂ ପରବର୍ତ୍ତୀ ସମୟରେ ସିଲା ବସ୍, ପାଠ୍ୟ ପୁସ୍ତକ ଏବଂ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବା ପାଇଁ ଅନଲାଇନ ମାଧ୍ୟମରେ ଜନସାଧାରଣଙ୍କ ପରାମର୍ଶ ଲୋଡ଼ାଯାଇଛି । ଜାତୀୟ ଏବଂ ରାଜ୍ୟ ସ୍ତରରେ ନ୍ୟାସନାଲ ଫୋକୋସ ଗ୍ରୁପ, ନ୍ୟାସନାଲ ଷ୍ଟିୟରିଂ କମିଟି, ଷ୍ଟେଟ୍ ଫୋକୋସ ଗ୍ରୁପ ଏବଂ ଷ୍ଟେଟ୍ ଷ୍ଟିୟରିଂ କମିଟି ଗଠନ କରାଯାଇଛି । ଯାହା ମାଧ୍ୟମରେ ଷ୍ଟେକ୍ ହୋଲଡରଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ଲୋଡ଼ାଯିବ । ଶିକ୍ଷକ, ସ୍କୁଲର ପ୍ରଧାନ ଶିକ୍ଷକ କିମ୍ବା ପ୍ରିନ୍ସିପାଲ, ଶିକ୍ଷାବିତ, ଅଭିଭାବକ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ, ବିଶେଷଜ୍ଞ, ଜନପ୍ରତିନିଧି, କଳାକାର, ଚାଷୀ ତଥା ସ୍କୁଲ ଓ ଶିକ୍ଷକଙ୍କ ଶିକ୍ଷାରେ ଆଗ୍ରହ ରଖୁଥିବା ବ୍ୟକ୍ତିବିଶେଷ ମାନେ ଓଡ଼ିଆ ସମେତ ୨୩ଟି ଭାଷାରେ ହେଉଥିବା ଅନଲାଇନ ସର୍ଭେ ଦ୍ୱାରା ଅଂଶଗ୍ରହଣ କରି ନିଜ ମତାମତ ଦେଇପାରିବେ । ଅନଲାଇନ ସାଇଟ୍ https://ncfsurvey.ncert.gov.in କୁ ଯାଇ ଲୋକମାନେ ନିଜର ମତାମତ ଦେଇପାରିବେ । ଶିଶୁଙ୍କ ସାମଗ୍ରିକ ବିକାଶ କରିବା ସହ ଦକ୍ଷତା ଉପରେ ଗୁରୁତ୍ୱ ଦେବା ଏବଂ ଶିକ୍ଷକଙ୍କ କ୍ଷେତ୍ରରେ ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା, ମାତୃଭାଷାରେ ଶିକ୍ଷାଲାଭ ଏବଂ ସଂସ୍କୃତିର ମୂଳଦୁଆ ଉପରେ ଗୁରୁତ୍ୱ ଦେବା ନେଇ ଜାତୀୟ ପାଠ୍ୟକ୍ରମ ରୂପରେଖ ପ୍ରସ୍ତୁତ କରାଯାଇଛି ।

# ୩ ଶିକ୍ଷା ସମ୍ମାନରେ ଚତୁର୍ଥ ଓ ସପ୍ତମ ସ୍ଥାନରେ ଜୟପୁର ଝିଅ

ଜୟପୁର,୧୭/୦୮ (ନି.ପ୍ର): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ୩ (ସ୍ନାତକ) ପରୀକ୍ଷା ଫଳ ପ୍ରକାଶ ପାଇଛି । ଏହି ପରୀକ୍ଷାରେ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ସ୍ତରରେ ସଫଳତା ଅର୍ଜନ କରିଛନ୍ତି । ସ୍ନାତକ ଶିକ୍ଷା ସମ୍ମାନରେ ପି ବି ହାରିକା ଚତୁର୍ଥ ଓ ଶିବାନୀ ପଟ୍ଟନାୟକ ସପ୍ତମ ସ୍ଥାନ ଅଧିକାର କରି ମହାବିଦ୍ୟାଳୟ ଓ ଜିଲ୍ଲାକୁ ଗୌରବ ଆଣିଛନ୍ତି । ସୂଚନାଯୋଗ୍ୟ ଯେ, ଶିକ୍ଷା ସମ୍ମାନରେ ଚଉଦ ଶହ ନମ୍ବରରୁ ସାଇ ହାରିକା ୧୨୭୭ ଓ ଶିବାନୀ ପଟ୍ଟନାୟକ ୧୨୫୩ ନମ୍ବର ରଖି ଏହି କୃତିତ୍ୱ ଅର୍ଜନ କରିଛନ୍ତି । ଶିକ୍ଷାର୍ଥୀ ମାନଙ୍କ ଏହି ସଫଳତା ପାଇଁ ମହାବିଦ୍ୟାଳୟର ଅଧକ୍ଷା ଡ. ମନୋରମା ଦେବୀ, ଶିକ୍ଷାଶାସ୍ତ୍ର ବିଭାଗର ମୁଖ୍ୟ ଶ୍ରୀ ଶିବପ୍ରସାଦ ଜେନା, ଅଧାପକ ଡ ମନୋରଞ୍ଜନ ପ୍ରଧାନ,ଜି ସନ୍ତୋଷ ରାଓ ଓ ବୃନ୍ଦାବତୀ ସାହୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳ ଭବିଷ୍ୟତ ନିମନ୍ତେ କାମନା କରିଛନ୍ତି ।

# ବାଘମାରି ଓ ସାରୁଅରେ ଜାତୀୟ ରାଜପଥ ସିଲ୍

ଖୋର୍ଦ୍ଧା,୧୭/୦୮ (ନି.ପ୍ର): ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ-୫୭ ଉପରେ ୨ଫୁଟର ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ପ୍ରଶାସନ ସେହି ରାସ୍ତାକୁ ସିଲ୍ କରି ଦେଇଛି । କୌଣସି ଅଘଟଣ ନ ଘଟିବା ଆଶଙ୍କାରେ ପ୍ରଶାସନ ବାଘମାରି ଓ ସାରୁଅଠାରେ ଜାତୀୟ ରାଜପଥ-୫୭କୁ ପ୍ରଶାସନ ସିଲ୍ କରିଛି । ଆଜି ସକାଳେ ବାଘମାରିରେ ବନ୍ୟା ଜଳ ପ୍ରବାହିତ ହୋଇ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ-୫୭ ବୁଡ଼ିଯାଇଥିଲା । ରାସ୍ତା ଉପରେ ୨ଫୁଟ୍ ଉଚ୍ଚରେ ପାଣି ଚାଲୁଥିଲା । ମହାନଦୀର ଶାଖା ନଦୀ ରଣ ନଦୀର ବନ୍ୟା ପାଣି ଆସିବା ଯୋଗୁ ରାସ୍ତା ଉପରେ ବନ୍ୟା ପାଣି ପ୍ରବାହିତ ହୋଇଥିଲା । ଫଳରେ ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା ।

# ୨୮ ଟନ୍ କୋକ୍ ବୋଝେଇ ଟ୍ରକ୍ ଜବତ : ଚାଳକ ଗିରଫ



ଭୁବନେଶ୍ୱର,୧୭/୦୮ (ନି.ପ୍ର): ରାଜ୍ୟରେ ଚୋରାରେ କୋକ୍ କାରବାର ଚଳାଉଥିବା ଏକ ଗ୍ୟାଙ୍ଗ୍‌କୁ ଧରିଛି କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ । ୨୮ ଟନ୍ କୋକ(ଅଷ୍ଟ୍ରେଲିଆରୁ ଆମଦାନି) ବୋଝେଇ ଟ୍ରକ୍‌କୁ ଜବତ କରିବା ସହ ଚାଳକକୁ ଗିରଫ କରିଛି । ଏସ୍‌ଟିଏଫ୍ ଟିମ୍‌କୁ ଚକ୍‌ମା ଦେଇ ମାଫିଆମାନେ ବଲେରୋ ଛାଡ଼ି ପଳାଇଛନ୍ତି । ଗିରଫ ହୋଇଥିବା ଟ୍ରକ୍ ଚାଳକ ଭଦ୍ରକ ବାଂଶଡ଼ାର ପର୍ଶୁରାମ ମହାଲିକଙ୍କ ସୂଚନା ଓ ବଲେରୋର ତଥ୍ୟ ଅନୁସାରେ ଫେରାର ମାଫିଆମାନଙ୍କୁ ଠାବ କରିବାକୁ ଏସ୍‌ଟିଏଫ୍ ଉଦ୍ୟମ ଚଳାଇଛି । ଜବତ କୋକ୍‌ର ବଜାର ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଉଛି ।

ସୂଚନା ମୁତାବକ ଟ୍ରକ୍‌ଟି ଧାମରା ବନ୍ଦର ନିକଟରୁ ମାଲ୍ ନେଇ ଆସୁଥିଲା । ପୂର୍ବରୁ ଏହି ଖବର ଏସ୍‌ଟିଏଫ୍ ଟିମ୍ ହାତରେ ଲାଗିଥିବାରୁ ସେମାନେ ଭଦ୍ରକ ପୁଲିସକୁ ବି ସହଯୋଗ ପାଇଁ ଅନୁରୋଧ କରିଥିଲେ । ତେଣୁ ଯୋଜନାନୁସାରେ ଧାମରା ଚରମ୍ପା ରାସ୍ତାରେ ପୁଲିସର ୨ଟି ଟିମ୍ ଅଲଗା ଅଲଗା ହୋଇ ଛକି ରହିଥିଲେ । ରାତି ପ୍ରାୟ ସାଢ଼େ ୨ଟା ପରେ ଟ୍ରକ୍‌ଟି ଚରମ୍ପା ନିକଟରେ ପହଞ୍ଚିଥିବା ବେଳେ ଭଦ୍ରକ ପୁଲିସ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲା । କିନ୍ତୁ ଟ୍ରକ୍ ଚାଳକ ଦ୍ରୁତବେଗରେ ଗାଡ଼ ଚଳାଇ ପୁଲିସକୁ ଅତିକ୍ରମ କରିଯାଇଥିଲା । ମାତ୍ର ଆଗରେ ଥିବା ଏସ୍‌ଟିଏଫ୍ ଟିମ୍ ଗାଡ଼ିକୁ ଅତିକ୍ରମ କରିପାରିନଥିଲା । ସେହିଭଳି ଟ୍ରକ୍‌କୁ ଏସ୍କର୍ଟ କରୁଥିବା ବଲେରୋରେ ଥିବା ୩ ମାଫିଆ ବି ଖସିବା ବାଟ ବନ୍ଦ ହୋଇଯିବା ଦେଖି ଗାଡ଼ି ଛାଡ଼ି ପଳାଇଥିଲେ । କିନ୍ତୁ ଟ୍ରକ୍ ଚାଳକ ମହାଲିକ ଖସିପାରିନଥିଲା । ଟ୍ରକ୍‌ରେ ଥିବା କୋକ୍‌କୁ ଯାଞ୍ଚ କରିବା ପରେ ତାହା ଅଷ୍ଟ୍ରେଲିଆନ୍ ମାଲ୍ ବୋଲି ଜଣାପଡ଼ିଥିଲା । ତେଣୁ ଏହା ଧାମରା ପୋର୍ଟକୁ ଆସିଥିବା କୋକ୍ ବୋଲି ଅନୁମାନ କରାଯାଉଛି । ତଦନ୍ତ ଚାଲିଥିବାରୁ ପୁଲିସ ଏହି କୋକ୍ ଚାଲାଣ ଉପରେ ସବିଶେଷ ବିବରଣୀ ଦେଇନାହିଁ । କିନ୍ତୁ ଅଷ୍ଟ୍ରେଲିଆରୁ ଆମଦାନି ହୋଇଥିବା ଏହି କୋକ୍ ବେଆଇନ ଭାବେ କିଭଳି ମାଫିଆଙ୍କ ହାତକୁ ଆସିଲା, ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସାଧାରଣତଃ ଏଭଳି କୋକ୍ ଅଷ୍ଟ୍ରେଲିଆ, ରୁଷ ଭଳି ବିଦେଶରୁ ଜାହାଜ ଯୋଗେ ବନ୍ଦରକୁ ଆସିଥାଏ ।

ବଡ଼ବଡ଼ କାରଖାନା ବା ବ୍ୟବସାୟୀମାନେ ଏହାକୁ ବିଦେଶରୁ ଆମଦାନି କରିଥାଆନ୍ତି । ତେବେ ଏହା ମାଫିଆଙ୍କ ହାତକୁ କିଭଳି ଆସିଲା ଏହା କୌଣସି ବଡ଼ଧରଣର ରାକେଟ୍‌ର କାମ କି ଏହି ଚୋରା ଚାଲାଣ ପଛରେ କାହାର ହାତ ରହିଛି ଏହି ଚୋରା ବ୍ୟବସାୟର ଚେର ବିଦେଶକୁ ଲମ୍ବିଛି କି ? ଫେରାର୍ ହୋଇଯାଇଥିବା ମାଫିଆମାନଙ୍କୁ ଗିରଫ କରିବା ପରେ ଏସବୁ ପ୍ରଶ୍ନର ଉତ୍ତର ମିଳିପାରିବ । ତେଣୁ ଗିରଫ ହୋଇଥିବା ଚାଳକ ମହାଲିକକୁ ରିମାଣ୍ଡରେ ଆଣିବାକୁ ଏସ୍‌ଟିଏଫ୍ ଯୋଜନା କରୁଛି । ପ୍ରକାଶ ଥାଉ କି କିଛି ଦିନ ତଳେ ଏସ୍‌ଟିଏଫ୍ ଓ ଖୋର୍ଦ୍ଧା ଟାଉନ୍ ଥାନା ପୁଲିସ୍ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଚଢ଼ଉ କରି ୨ ବ୍ୟବସାୟୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୨୭୮.୫୨ ମେଟ୍ରିକ୍ ଟନ୍ ହାର୍ଡ କୋକ୍ ଜବତ କରିଥିଲା ।

# କଳା ବ୍ୟାଚ ପିନ୍ଧି କାମକରୁଛନ୍ତି ବ୍ଲଡ୍ ବ୍ୟାଙ୍କ୍ କର୍ମଚାରୀ

ବଲାଙ୍ଗିର,୧୭/୦୮ (ନି.ପ୍ର): କଂଟାବାଞ୍ଜି ରକ୍ତଭଣ୍ଡାର କଂଟାବାଞ୍ଜି ଅଂଚଳରେ ରକ୍ତ ଯୋଗାଇଦେଇ ରୋଗୀମାନଙ୍କୁ ଜୀବନ ବଂଚାଇବାରେ ପ୍ରମୁଖ ଭୂମିକା ନେଉଛନ୍ତି ରକ୍ତଭଣ୍ଡାର କର୍ମଚାରୀ ହେଲେ ସାମାଜିକ ସୁରକ୍ଷା ତ ଭିନ୍ନ କଥା ସାମାନ୍ୟତମ ସରକାରୀ ସୁବିଧା ପାଉନଥିବା ରକ୍ତଭଣ୍ଡାରରେ କାର୍ଯ୍ୟରତ କର୍ମଚାରି । କର୍ମଚାରୀମାନଙ୍କ ଜୀବନ ଏବେ ଦୁର୍ବିସହ ହୋଇପଡ଼ିଛି । ଆଗରୁ ରାଜ୍ୟର ରକ୍ତଭଣ୍ଡାରଗୁଡ଼ିକ ରେଡ଼କ୍ରସ ସୋସାଇଟି ଦ୍ୱାରା ପରିଚାଳିତ ହୋଇଥିଲା । ଗତ ସେପଟ୍ଟେମ୍ବର ୨୦୧୭ରେ ଓଡ଼ିଶା ସରକାର ରାଜ୍ୟର ୫୭ଟି ରକ୍ତଭଣ୍ଡାରକୁ ନିଜ ଅଧୀନରେ ନେଇଗଲେ । ରାଜ୍ୟ ସରକାର ରକ୍ତଭଣ୍ଡାର ରେ କାର୍ଯ୍ୟରତ ରାଜ୍ୟର ୧୮୦ ଜଣ ଅସ୍ଥାୟୀ କର୍ମଚାରୀଙ୍କ ଭବିଷ୍ୟତ ବିଷୟରେ କୌଣସି ଚିନ୍ତା କଲେ ନାହିଁ । ଏହି ଅସ୍ଥାୟୀ କର୍ମଚାରୀମାନଙ୍କୁ ସରକାରୀ କର୍ମଚାରୀମାନଙ୍କ ବେତନ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା ଏବଂ ୨୪ ଘଂଟିଆ ଜରୁରୀକାଳୀନ ସେବାରେ ଥିବାରୁ ଡାକ୍ତରଖାନା ପରିସରରେ ସରକାରୀ କ୍ୱାର୍ଟସ ଯୋଗାଇ ଦେବା ପାଇଁ ସଂଘ ରାଜ୍ୟ ସରକାରଙ୍କଠାରେ ବାରଂବାର ଦାବି କରିଆସୁଛି । ଆଗରୁ ରକ୍ତଭଣ୍ଡାରରୁ ରକ୍ତ ପାଇଁ ରୋଗୀମାନେ ପଇସା ଦେଉଥିଲେ । ସେହି ବାବଦକୁ ମିଳୁଥିବା ଅର୍ଥରାଶିରୁ ଏହି ଅସ୍ଥାୟୀ କର୍ମଚାରୀମାନେ ଦରମା ପାଉଥିଲେ । ସରକାର ରକ୍ତଭଣ୍ଡାରଗୁଡ଼ିକୁ ନିଜ ଅଧୀନକୁ ନେବା ପରେ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ମାଗଣାରେ ରକ୍ତ ଯୋଗାଇ ଦିଆଯାଉଛି । କେବଳ ନର୍ସିଂହୋମ୍ ଘରୋଇ ଡାକ୍ତରଖାନାଗୁଡ଼ିକରେ ଚିକିତ୍ସିତ ହେଉଥିବା ରୋଗୀମାନେ ରକ୍ତନେବା ବେଳେ ପଇସା ଦେଉଛନ୍ତି । ଏଥିରୁ ପ୍ରାପ୍ତ ଅର୍ଥରାଶିରୁ ଅସ୍ଥାୟୀ କର୍ମଚାରୀମାନଙ୍କୁ ଦରମା ଦିଆଯାଉଛି । ୨୦୧୮ ମସିହାରୁ ଏପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ସହିତ ଅନେକ ଥର ଆଲୋଚନା ହୋଇଛି । କର୍ମଚାରୀମାନେ ଆନ୍ଦୋଳନ ମଧ କରିଛନ୍ତି । ବିଭିନ୍ନ ସମୟରେ ଅନେକ ଥର ସ୍ୱାସ୍ଥ୍ୟମନ୍ତ୍ରୀ ,ସ୍ୱାସ୍ଥ୍ୟ ସଚିବଙ୍କୁ ଭେଟିବା ପରେ ବି କିଛି ଲାଭ ହୋଇନାହିଁ । ଓଡ଼ିଶା ରାଜ୍ୟ ରକ୍ତଭଣ୍ଡାର କର୍ମଚାରୀ ସଂଘ୍ ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ଏକ ଦାବିପତ୍ର ଦିଆଯାଇଛି । ଏଥିରେ ସମାନ କାମକୁ ସମାନ ଦରମା ଦେବାକୁ ଦାବି କରାଯାଇଥିଲା । ଯାହା ପୂରଣ ନ ହେବାରୁ ୧୨ ତାରିଖରୁ କଳା ବ୍ୟାଜ୍ ପିନ୍ଧି କାମ କରୁଛନ୍ତି କଂଟାବାଞ୍ଜି ରକ୍ତ ଭଣ୍ଡାର କର୍ମଚାରି । ଉଲ୍ଲେଖଯୋଗ୍ୟ ଯେ , ଗତ ବର୍ଷ ମେ ମାସରେ ଓଡ଼ିଶା ରାଜ୍ୟ ରକ୍ତଭଣ୍ଡାର କର୍ମଚାରି । କୌଣସି କାରଣରୁ ଯଦି ରକ୍ତ ଭଣ୍ଡାରରେ କାର୍ଯ୍ୟରତ କର୍ମଚାରିଙ୍କ ମୃତ୍ୟୁ ହେଲେ କର୍ମଚାରୀମାନଙ୍କ ମୃତ୍ୟୁ ସହିତ ପରିବାରର ଆୟର ବାଟ ବନ୍ଦ ହୋଇଯାଇଛି । ସରକାରୀ ମାନ୍ୟତା ମିଳିନଥିବାରୁ ରକ୍ତଭଣ୍ଡାର କର୍ମଚାରୀଙ୍କ ମୃତ୍ୟୁ ପରେ ସେମାନଙ୍କ ପରିବାରବର୍ଗଙ୍କୁ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ରକ୍ତଭଣ୍ଡାର କର୍ମଚାରୀ ପକ୍ଷରୁ କହାଯାଇଛି । ଆଗକୁ ସରକାର ଯଦି ତାଙ୍କ ଦାବି ପୁରଣ ନ କଲେ ସେମିତି କଳା ବ୍ୟଚ ପିନ୍ଧି ସେମାନେ କାର୍ଯ୍ୟରତ ରହି ସରକାରଙ୍କୁ ବିରୋଧ ପ୍ରଦର୍ଶନ କରୁଥିବେ ବୋଲି କାର୍ଯ୍ୟରତ କର୍ମଚାରି ଶିବ କୁମାର ସାହୁ,ଦୁର୍ଗା ତାଣ୍ଡି,ପ୍ରଶାନ୍ତ କୁମାର ସାହୁ, ଗୁରୁବାରୁ ରଣା କହିଥିଲେ ।

# ଉଦଘାଟନର ୪ ଦିନ ପରେ ଟ୍ରାଫିକ ଲାଇଟ ଅଚଳ

ସୁବର୍ଣ୍ଣପୁର,୧୭/୦୮ (ନି.ପ୍ର): ସହରର ବ୍ଲକ ଛକରେ ନୂତନ ଭାବେ ଲଗାଯାଇଥିବା ଟ୍ରାଫିକ ଲାଇଟ ଅଚଳ ହୋଇ ପଡିଛି । ଦୀର୍ଘ ଦିନର ଦାବି ପରେ ଜନଗହଳି ପୂର୍ଣ୍ଣ ଏହି ଛକରେ ଟ୍ରାପିକ ଲାଇଟ ଲଗାଯାଇଥିଲା । ଲୋକସଭା ସାଂସଦ ସଂଗୀତା ସିଂ ଦେଓ ଓ ରାଜ୍ୟ ଅର୍ଥ ମନ୍ତ୍ରୀ ନିରଂଜନ ପୂଜାରୀ ଅତିଥି ଭାବେ ଯୋଗ ଦେଇ ଏହି ଟ୍ରାଫିକ ପୋଷ୍ଟର ଲାଇଟ ଉଦଘାଟନ କରିଥିଲେ । ଗତ ୧୨ ତାରିଖ ଅପରାହ୍ନରେ ଏହି ଲାଇଟ ଉଦଘାଟନ କରାଯାଇଥିବା ବେଳେ ଗତକାଲି ସୋମବାର ଦିନ ଅପରାହ୍ନରେ ଏହି ଲାଇଟ ଆଉ କାର୍ଯ୍ୟକ୍ଷମ ହେଉ ନ ଥିବା ଦେଖିବାକୁ ମିଳିଥିଲା । ତେବେ ଆଜି ସେହି ଲାଇଟ ପୋଷ୍ଟର ଅପରେଟିଂ କାର୍ଡଟି ପୋଡି ଯାଇଥିବା ଜଣା ପଡିଛି । ତେବେ ଏହି ନୂତନ ଉଦଘାଟିତ ହୋଇଥିବା ଲାଇଟ ପୋଷ୍ଟକୁ ନେଇ ବିଭିନ୍ନ ରାଜନୈତିକ ଦଳର ନେତା ଓ ବୁଦ୍ଧିଜିବୀମାନେ ଉଭୟ ସାଂସଦ ଓ ମନ୍ତ୍ରୀଙ୍କୁ ସମାଲୋଚନା କରିବା ଆରମ୍ଭ କରି ଦେଇଛନ୍ତି । ଏହି ଐତିହାସୀକ ସହରରେ ସାଧାରଣ ଲାଇଟ ପୋଷ୍ଟ ଉଦଘାଟନ କରିବା ଦୁଇ ଦିନ ପରେ ଅଚଳ ହୋଇ ପଡିବା ସାଂସଦ ଓ ମନ୍ତ୍ରୀଙ୍କ ପାରିବା ପଣିଆଁକୁ ସ୍ୱଷ୍ଟ କରିଛି ବୋଲି ଅଭିଯୋଗ ହେଉଛି ।

# ସମ୍ଭାବ୍ୟ ବନ୍ୟା ପରିସ୍ଥିତ ନେଇ ପ୍ରଶାସନ ପ୍ରସ୍ତୁତ, ଏନଡ୍ରାଫ ଓ ଓଡ୍ରାଫ ଟିମ ମୁତୟନ

ଖୋର୍ଦ୍ଧା,୧୭/୦୮ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ନେଇ ପ୍ରଶାସନ ପ୍ରସ୍ତୁତ ରହିଛି । ଜିଲ୍ଲାରେ ରାଜୁଆ ଓ ଦୟା ନଦୀ ପ୍ରଭାବରେ ବାଲିଅନ୍ତା, ବାଲିପାଟଣା ଓ ଖୋର୍ଦ୍ଧା ବ୍ଲକ ପ୍ରଭାବିତ ହେବା ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ତିନୋଟି ବ୍ଲକର ୧୦ଟି ପଞ୍ଚାୟତର ୧୬ଟି ଗ୍ରାମର ୪୪୯୮ ଜଣ ପ୍ରଭାବିତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩୩୮ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇ ବାତ୍ୟା ଆଶ୍ରୟସ୍ଥଳୀରେ ସୁରକ୍ଷିତ ଭାବେ ରଖାଯାଇଥିବା ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ସୂଚନା ଦେଇଛନ୍ତି । ଏମାନଙ୍କୁ ଖାଦ୍ୟ, ପାନୀୟ ବ୍ୟବସ୍ଥା କରାଯାଇଛି । ବାଲିଅନ୍ତାର ୩ଟି ଓ ଖୋର୍ଦ୍ଧା ବ୍ଲକର ୨ଟି ସ୍ଥାନରେ ଫ୍ରି କିଚେନ ବ୍ୟବସ୍ଥା କରାଯାଇଛି । ବାଲିପାଟଣା ବ୍ଲକରେ ଏନଡ୍ରାଫ ଓ ଖୋର୍ଦ୍ଧା ବ୍ଲକରେ ଓଡ୍ରାଫ ଟିମ ମୁତୟନ କରାଯାଇଛି । ୮ଟି ଯନ୍ତ୍ରଚାଳିତ ଡଙ୍ଗା ସମେତ ୫୮ଟି ଡଙ୍ଗା ପ୍ରସ୍ତୁତ କରାଯାଇଛି । ଜିଲ୍ଲାରେ ଥିବା ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ହୋଇ ରହିଛି । ଶୁଖିଲା ଖାଦ୍ୟ, ପାନୀୟ ଜଳ, ଔଷଧ, ପଶୁ ଖାଦ୍ୟ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ହୋଇ ରହିଛି । ଆବଶ୍ୟକ ସ୍ଥଳେ ନିରବଚ୍ଛିନ୍ନ ଯୋଗାଯୋଗ ନିମନ୍ତେ ଅଗ୍ନିଶମ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ ଓ ଡାକ୍ତରୀ ଦଳ ପ୍ରସ୍ତୁତ ହୋଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ଶ୍ରୀ ପାଢୀ ସୂଚନା ଦେଇଛନ୍ତି । ଜିଲ୍ଲାରେ ଜରୁରୀକାଳୀନ ସେବା ଯେପରି ଅବ୍ୟାହତ ରହିବ ସଜାଗ ରହିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ପୂର୍ବରୁ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପରାମର୍ଶ ଦେଇଛନ୍ତି । ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରହିବ ଓ ସମସ୍ତ ସରକାରୀ ଅଧିକାରୀ ମାନଙ୍କ ଛୁଟି ବାତିଲ କରାଯାଇଛି । ଆସନ୍ନା ପ୍ରସବା ମାନଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯିବାକୁ ବ୍ୟବସ୍ଥା କରାଯାଇଛି । ସଂପୃକ୍ତ ଅଞ୍ଚଳରେ ବୟସ୍କ ବ୍ୟକ୍ତି ଓ ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ଓ ଯତ୍ନ ଉପରେ ଗୁରୁତ୍ୱ ଦିଆଯାଇଛି । ପଶୁଖାଦ୍ୟ ଓ ଗୃହପାଳିତ ପଶୁ ମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯିବାକୁ କୁହାଯାଇଛି ।

## ଆମ ଓଡ଼ିଆ ଭାଷା

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଏବେ ସାରା ଓଡ଼ିଶାରେ ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ସଂରକ୍ଷଣ କରି ରଖିବା ପାଇଁ ତଥା ଏହାର ସୁରକ୍ଷା ଲାଗି ଚିନ୍ତା ହେଉଛି। ଓଡ଼ିଶାରେ ଓଡ଼ିଆ ଭାଷାର ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ପୂର୍ବରୁ ଅନେକ କିଛି କାର୍ଯ୍ୟ ହୋଇଛି କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ବେସରକାରୀ ସ୍ତରରେ ହେଉ କିମ୍ବା ସରକାରୀ ସ୍ତରରେ ଯେଉଁଭଳି ଭାବରେ ଇଂରାଜୀ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଅଛି ତାହା ଓଡ଼ିଆ ଭାଷା ପାଇଁ ଏକ ବିପଦ କହିଲେ ଭୁଲ୍ ହେବ ନାହିଁ। ଓଡ଼ିଆ ପାଇଁ ଯେତେକ ଆନ୍ଦୋଳନ ଏବେ ଚାଲିଛି ସବୁ କେବଳ ସାହିତ୍ୟ ଓ ଶାସନକୁ ନେଇ କିନ୍ତୁ କେଉଁ କେଉଁ ଉପାଦାନକୁ ନେଇ ବାକି ଅନ୍ୟ ରାଜ୍ୟର ଭାଷାଏ ଆଗକୁ ବଢ଼ିଛନ୍ତି ଆଉ ଓଡ଼ିଆରେ କି କି ପର୍ଯ୍ୟାୟ ଏଥିପାଇଁ ନିହାତି ଆବଶ୍ୟକ ତା' ଲାଗି ଆକଳନ ଲୋଡ଼ା। ତେବେ ଅନ୍ୟ ଭାଷା ସଙ୍ଗେ ଓଡ଼ିଆକୁ ସମକକ୍ଷ କରିବା ଲାଗି ଆହୁରି ଅନେକ ଉଦ୍ୟମ ଲୋଡ଼ା। ବିଶେଷ କରି ସରକାରଙ୍କ ପାଖେ ସଚେତନତା ଲୋଡ଼ା। ଓଡିଆ ଭାଷା ହେଉଛି ସମଗ୍ର ଓଡିଆ ଜାତି ପାଇଁ ପ୍ରକୃଷ୍ଟ ପରିଚୟ। ଉତ୍କଳୀୟ ମାଟି ପାଣି ପବନରେ ସମୃଦ୍ଧ ଆମର ପ୍ରାଚୀନତମ ଓଡିଆ ଭାଷା, ଯାହାକୁ ନେଇ ପ୍ରତ୍ୟେକ ଓଡିଆ ଗର୍ବ କରନ୍ତି ଓ ଆଗାମୀ ଦିନ ପାଇଁ ଭାଷାକୁ ଅଧିକ ସମୃଦ୍ଧ କରିବାର ପଥ ଖୋଜନ୍ତି। ସେହି ମାତୃଭାଷାର ସୁରକ୍ଷା କରି ଏହାକୁ ସମୃଦ୍ଧ କରାଯାଇପାରିଲେ ହିଁ ଓଡ଼ିଶାର ବିକାଶ ଓ ଉନ୍ନତି ସହଜରେ ହୋଇପାରିବ ଏଥିରେ କୌଣସି ଦ୍ୱିମତ ନାହିଁ।

ଅରଙ୍ଗାବାଦ, ବରୀ, ଯାଜପୁର, ମୋ: ୯୯୩୮୯୦୬୦୭୦

# ଭଦ୍ରକ ବିଧାନସଭା ଯୁବ କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା



ଭଦ୍ରକ,୧୭/୦୮ (ନି.ପ୍ର): ଭଦ୍ରକ ବିଧାନସଭା କ୍ଷେତ୍ରରେ ଅଣ୍ଟା ସଳଖୁଛି କଂଗ୍ରେସ। ଦଳକୁ ତୃଣମୂଳସ୍ତରରୁ ଅଧିକ ଶକ୍ତିଶାଳୀ କରିବାକୁ ସାଂଗଠନିକ ସ୍ତରରେ ଦଳ ଉଦ୍ୟମ ଜାରୀ ରଖିଛି। ବିଶେଷକରି ସାଂଗଠନିକ ପୁର୍ନବିନ୍ୟାସ ସମୟରେ ଯୁବବର୍ଗଙ୍କୁ ଦଳ ଗୁରୁତ୍ୱ ଦେଉଛି। ଏହିକ୍ରମରେ ଭଦ୍ରକ ବିଧାନସଭା କ୍ଷେତ୍ର ପାଇଁ ଯୁବ କଂଗ୍ରେସ ସଭାପତି ଭାବେ ଇଲିୟାସ ଅଲ୍ଲୀ ଖାନଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ତାଙ୍କୁ ଭଦ୍ରକ ବିଧାନସଭା କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ତେବେ ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତି ରଂଜନ ଲେଙ୍କା ଇଲିୟାସଙ୍କୁ ଏହି ପଦବୀ ପାଇଁ ମନୋନୀତ କରିଛନ୍ତି। ଇଲିୟାସ ଏହି ଅବସରରେ ଏଆଇସିସି ଅଧକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବିଭି, ରାଷ୍ଟ୍ରୀୟ ଯୁବ କଂଗ୍ରେସ ପ୍ରଭାରୀ କ୍ରିଷ୍ଣା ଆଲୁଭେରା, ପ୍ରଦେଶ ଯୁବ କଂଗ୍ରେସ ପ୍ରଭାରୀ ଶେଷ ନାରାୟଣ ଓଝା, ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସହ ପ୍ରଭାରୀ ଅଭିବନ ସିଦ୍ଧାର୍ଥ ଭଗତ, ରାଜ୍ୟ ଯୁବ କଂଗ୍ରେସ ସଭାପତି ଶ୍ରୀ ଲେଙ୍କା, ପିସିସି ମୁଖ୍ୟ ଶରତ ପଟ୍ଟନାୟକଙ୍କ ସମେତ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ଭଦ୍ରକ ବିଧାନସଭା ନେତା ନଳିନୀକାନ୍ତ ମହାନ୍ତି, ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ହେମନ୍ତ ମହାପାତ୍ର, ସୁବ୍ରତ ବେହୁରିଆଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଦଳ ଯେଉଁ ଦାୟିତ୍ୱ ଦେବ, ତାହାକୁ ସେ ସୁଚାରୁ ରୂପେ ପାଳନ କରିବେ। ବୁଥ ସ୍ତରରୁ ସମସ୍ତ ଯୁବବର୍ଗଙ୍କୁ ସାଙ୍ଗରେ ନେଇ ଦଳକୁ ଅଧିକ ଶକ୍ତିଶାଳୀ କରିବେ ବୋଲି ଇଲିୟାସ ନିଜ ପ୍ରତିକ୍ରିୟାରେ କହିଛନ୍ତି।

## କଂଗ୍ରେସ ପକ୍ଷରୁ ରାଜ୍ୟସ୍ତରୀୟ ବନ୍ୟା ରିଲିଫ କମିଟି ଗଠିତ

ଭୁବନେଶ୍ୱର,୧୭/୦୮ (ନି.ପ୍ର): ସଂପ୍ରତି ରାଜ୍ୟରେ ବନ୍ୟା ପରିସ୍ଥିତି ଉଗ୍ରରୂପ ଧାରଣ କରିଛି। ବନ୍ୟା ଦୁର୍ଗତ ଜନସାଧାରଣଙ୍କୁ ସାହାଯ୍ୟ କରିବାପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏକ "ରାଜ୍ୟସ୍ତରୀୟ ବନ୍ୟା ରିଲିଫ କମିଟି" ଗଠନ କରାଯାଇଛି। ଏହି କମିଟିରେ ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ ଅଧକ୍ଷ ରହିଥିବା ବେଳେ ପୂର୍ବତନ ବିଧାୟକ, ଡ. ଲଲାଟେନ୍ଦୁ ମହାପାତ୍ର, ଚିନ୍ମୟ ପ୍ରସାଦ ବେଉରା, ବରିଷ୍ଠ କଂଗ୍ରେସ ନେତା ବିଭୁତି ମିଶ୍ର, ସନତ ଦାସ, ଅମୀୟ କୁମାର ପଟ୍ଟନାୟକ, ବିଧାୟକ ପ୍ରାର୍ଥୀ ସନ୍ତୋଷ ନନ୍ଦ ଓ ମନୋଜ ସାହୁ ସଦସ୍ୟ ରହିଛନ୍ତି। ଏହି କମିଟି ଜିଲ୍ଲା କଂଗ୍ରେସ ସଭାପତି ମାନଙ୍କ ସହିତ ଯୋଗାଯୋଗ କରି ଏଭଳି ବନ୍ୟା ପରିସ୍ଥିତି ସମୟରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଯେଉଁ ସବୁ ସହାୟତା ବନ୍ୟା ପ୍ରପିଡ଼ିତଙ୍କୁ ଯୋଗାଇ ଦିଆଯିବ ସେ ସଂପର୍କରେ ସମନ୍ୱୟ ରକ୍ଷାକରି ରିଲିଫ ସାମଗ୍ରୀର ସୁଚାରୁ ବଂଟନ ଦାୟିତ୍ୱର ତଦାରଖ କରିବେ ବୋଲି ପିସିସି ପକ୍ଷରୁ କୁହାଯାଇଛି।

## ଆକିନିଆ ଆନନ୍ଦମାର୍ଗ ବିଦ୍ୟାଳୟରେ ବୃକ୍ଷରୋପଣ

ବାଲେଶ୍ୱର,୧୭/୦୮ (ନି.ପ୍ର): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅମୃତ ମହୋତ୍ସବ ଅବସରରେ ଲାୟନ୍ସ କ୍ଲବ ବାଲେଶ୍ୱର ସ୍ୟାଣ୍ଡସିଟି ପକ୍ଷରୁ ଆକିନିଆ ଆନନ୍ଦମାର୍ଗ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀଙ୍କ ସହ ମିଶି କ୍ଲବର କର୍ମକର୍ତ୍ତା ତଥା ସଦସ୍ୟମାନେ ବୃକ୍ଷରୋପଣ କରିଥିଲେ। ଏଥି ସହିତ ଖାଦ୍ୟ ନିରାପତ୍ତା ସମ୍ପର୍କିତ ବିଧିବଦ୍ଧ ଯୋଜନା ପ୍ରଣୟନ ସମ୍ପର୍କରେ ଆୟୋଜିତ ଆଲୋଚନାଚକ୍ରରେ ସମସ୍ତେ ମତାମତ ରଖିଥିଲେ। ଡକ୍ଟର ଭାସ୍କର ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉନ୍ନତି ସାଙ୍ଗକୁ ମୂଲ୍ୟବୋଦ ଶିକ୍ଷାଦାନ ସମ୍ପର୍କରେ କ୍ଲବର କର୍ମକର୍ତ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ସମ୍ପୂର୍ଣ୍ଣ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଚାଲିଥିବା ଏହି ବିଦ୍ୟାଳୟର ଉନ୍ନତି ପାଇ ପୂର୍ବରୁ କ୍ଲବ ପକ୍ଷରୁ ଯେ ଭଳି ସହାୟତା ପ୍ରଦାନ କରାଯାଉଥିଲା, ଆଗାମୀ ଦିନରେ ବି ଏହି ଧାରା ବଜାୟ ରହିବ ବୋଲି କର୍ମକର୍ତ୍ତାମାନେ ସ୍ପଷ୍ଟ କରିଥିଲେ। ଶେଷରେ ପରିକ୍ଷିତ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠରେ ସ୍ୱାଧୀନତା ଦିବସ



ବାସୁଦେବପୁର, ୧୭/୦୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିସ୍ମତ କୃଷ୍ଣପୁର ପଂଚାୟତ ର କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠ ରେ ୭୬ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେଶ ବେହେରା ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଛାତ୍ରଛାତ୍ରୀ ମାନେ ମହାତ୍ମା ଗାନ୍ଧୀ କି ଜୟ,ନେତାଜୀ ସୁଭାଷ କି ଜୟ, ସ୍ୱାଧୀନ ଭାରତ କି ଜୟ,ବନ୍ଦେ ମାତରମ ସ୍ଲୋଗାନ ଦେଇଥିଲେ । ଏହି ଅବସରରେ ଏକ ସାଧାରଣ ସଭା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ବାରିକ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ । ଏହି ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ବାରିକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନସୀ ନାଥ, ବିଜୟଲକ୍ଷ୍ମୀ ବେହେରା, ଲିପିକା ସେନାପତି, ରାକେଶ ନାୟକ, ପ୍ରଦୀପ୍ତ ମହାନ୍ତି, ସୁନୀଲ ନାୟକ, ପ୍ରତାପ ବାରିକ,ବଳରାମ ବାରିକ ପ୍ରମୁଖ ସଂକ୍ଷିପ୍ତ ବକ୍ତବ୍ୟ ଦେଇଥିଲେ । ବିଶ୍ୱଜିତ ବାରିକ, ବଳରାମ ବାରିକ, ମନୋରମା, ରୂପାଳି ମହାକୁଡ, ପୂଜା, କ୍ରିଷ୍ଣ ବେହେରା ଓ ଅନ୍ୟାନ୍ୟ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ ।

## ଅଙ୍ଗନୱାଡି କର୍ମୀଙ୍କ ବିୟୋଗ



ଜଳେଶ୍ୱର, ୧୭/୮(ନି.ପ୍ର): ଜଳେଶ୍ୱର ବ୍ଲକ ଅଧିନ ଲକ୍ଷ୍ମଣନାଥ ପଞ୍ଚାୟତର ଅଙ୍ଗନୱାଡି କେନ୍ଦ୍ରରେ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିବା କନ୍ୟାକୁମାରୀ ପତି (୫୦)ଙ୍କ ଆଜି ଦେହାନ୍ତ ହୋଇଛି। ସ୍ୱରୂପ ପତିଙ୍କ ପତ୍ନୀ ସ୍ୱର୍ଗତ କନ୍ୟାକୁମାରୀ ଜଣେ ସୁଗୃହିଣି ଭାବେ ପରିଚିତ ଥିବା ବେଳେ ସେ ଜଣେ ଆଦର୍ଶ ଅଙ୍ଗନୱାଡି କର୍ମୀଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ଦୀର୍ଘ ଦିନ ଧରି କେନ୍ସର ରୋଗରେ ପୀଡତ ଥାଇ ଚିକିତ୍ସିତ ହେଉଥିବା ବେଳେ ଆଜି ହଠାତ୍ ମୃତ୍ୟୁ ବରଣ କରିଛନ୍ତି । ଫଳରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

## ଯୁବଶକ୍ତି ଓ ଏସ୍‌ଟିଏ ଗ୍ରୁପ ପକ୍ଷରୁ ରକ୍ତଦାନ ଶିବିର : ୫୧ ୟୁନିଟ୍ ସଂଗୃହୀତ

ଜଳେଶ୍ୱର, ୧୭/୮(ନି.ପ୍ର): ଜଳେଶ୍ୱର ବ୍ଲକର ତେଘରୀସ୍ଥିତ ଯୁବଶକ୍ତି ଓ ଏସ୍‌ଟିଏ ଗ୍ରୁପର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଶିବିରକୁ ଶୈଳେଶ ବଡାସିଆ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଜୟ କରଣ, ନୟନ ଯେନା ପ୍ରମୁଖ ଯୋଗ ଦେଇଥିବା ବେଳେ ଜୟନ୍ତ ଜେନା, ବିକାଶ ଯେନା, ବଳରାମ ରାଉଳ, ମଧୁମିତା ଯେନା, ରତନ ଗିରି, ଦୁର୍ଗାଶଙ୍କର ଯେନା, ହେମନ୍ତ ଗିରି, ରାହୁଲ ଗିରି, ଶିବାକୁମାର ଯେନା, ଆଶିଷ ଗିରି ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଏଥିରେ ମୋଟ ୫୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା ।

## ରାଜଧାନୀରେ ୫୩ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୧୭/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ବୁଧବାର ମୋଟ ୫୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୩୩ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୪ ହଜାର ୪୧୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୨ ହଜାର ୧୫୮ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୭ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୦୩୮ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୪୦ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆଜି ରାତି ଗୁରୁତ୍ୱପୂର୍ଣ୍ଣ, ସମସ୍ତେ....

ସତର୍କ ନଜର ମଧ ରଖିଛନ୍ତି। ଆଗାମୀ ୨୪ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ମୁଣ୍ଡଳିରେ ଆଜି ସକାଳ ପର୍ଯ୍ୟନ୍ତ ୧୨ ଲକ୍ଷ କ୍ୟୁସେକ୍‌ରୁ ଅଧିକ ପାଣି ଛଡ଼ା ଯାଉଥିଲା। ରାତି ୩ଟା ଭିତରେ ଏହି ପାଣି ଖଲାସ ହୋଇଯିବ ବୋଲି ଆଶା ରହିଥିଲେ। ହେଲେ ଏହି ପାଣି ଖଲାସ ହେବା ନିମନ୍ତେ ୯ ଘଣ୍ଟା ସ୍ଥାନରେ ୧୨ ଘଣ୍ଟା ସମୟ ନେଇଥିଲା। ପୂର୍ବାହ୍ନ ୧୦ଟା ପରେ ମୁଣ୍ଡଳି ଠାରେ ବନ୍ୟା ପାଣିର ସ୍ତର ୧୭ ହଜାର କ୍ୟୁସେକ୍ କମିଛି। ଆଶା ରହିଛି ଆଜି ଅପରାହ୍ନ ୨ଟା ପରେ ୨୫ ହଜାର କ୍ୟୁସେକ୍ ପାଣି ଖସିବ। ଏବେ ହୀରାକୁଦରୁ ୬ ଲକ୍ଷ ୭୯ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି। ତେଲ ନଦୀର ପାଣି ଗତରାତିରେ ୨ ଲକ୍ଷ କ୍ୟୁସେକ୍ ତଳକୁ ଖସି ଆସିବ ବୋଲି ଆଶା ଥିଲା। ହେଲେ ଏହା ହେଲା ନାହିଁ। ଏହା ବର୍ତ୍ତମାନ ଖସି ୧.୮୫ କ୍ୟୁସେକ୍ ?କୁ ଆସିଛି। ତେବେ ଖଇରାମାଳ ଦେଇ ବନ୍ୟାର ମୁଖ୍ୟ ସ୍ରୋତ ପାଣି ଖଲାସ ହୋଇଯାଇଛି। ତେଣୁ ଆଗକୁ ମହାନଦୀର ପାଣି କମିବ। ୨୪ ଘଣ୍ଟା ପରେ କଟକ ମୁଣ୍ଡଳି ଠାରେ ମଧ ପାଣି ଖସିବ। ଏହି ବନ୍ୟା ପାଣି ସମୁଦ୍ରରେ ମିଶିବାକୁ ଆଉ ୯ ଘଣ୍ଟା ସମୟ ଲାଗିବ। ତେଣୁ ଆସନ୍ତା ୧୨ ଘଣ୍ଟା ପରେ ଧିରେଧିରେ ବନ୍ୟା ପାଣି କମିଯିବ। ଏହି ସମୟରେ ନଦୀ ବନ୍ଧ ଧଶିବାର ଆଶଙ୍କା ରହିଥିବାରୁ ସମସ୍ତଙ୍କ ସତର୍କ ନଜର ରଖିବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗ ସହ ସମନ୍ୱୟ ରଖି ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ପର୍ଯ୍ୟାପ୍ତ ପରିମାଣର ସାପ କାମୁଡା ଇଂଜେକ୍ସନ ଓ ଅନ୍ୟ ଔଷଧ ମହଜୁଦ୍ ରଖିବାକୁ କୁହାଯାଇଛି।

## ଜ୍ୟାକଲିନଙ୍କ ବଢିଲା ଅଡୁଆ....

ଅଭିନେତ୍ରୀ ଫାଇଦା ନେଇଥିଲେ । ଯଦି ଇଡି କୋର୍ଟରେ ଜ୍ୟାକଲିନଙ୍କ ନାଁରେ ଚାର୍ଜସିଟ ଦାଖଲ କରିବ ତେବେ ଅଭିନେତ୍ରୀଙ୍କ ଗିରଫ ସମ୍ଭାବନା ବୃଦ୍ଧିପାଇବ । କାରଣ ମାରଥନ ଜେରା ଓ ତଦନ୍ତ ପରେ ଏବଂ ଜ୍ୟାକଲିନଙ୍କୁ ଠକେଇ ମାମଲାର ଜଣେ ଅଭିଯୁକ୍ତ ବୋଲି କହିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଠକେଇ ମାମଲାରେ ଜ୍ୟାକଲିନଙ୍କ ବିରୋଧରେ ଦିଲ୍ଲୀ କୋର୍ଟରେ ଗୁରୁତ୍ୱପୂର୍ଣ୍ଣ ସପ୍ଲିମେଂଟାରୀ ଚାର୍ଜସିଟ ଦାଖଲ କରିପାରେ ଇଡି । ଏହି ଚାର୍ଜସିଟ୍ ପ୍ରିଭେସନସନ ଅଫ୍ ମନି ଲଣ୍ଡ୍ରିଂ ଆକ୍ଟ ଅନୁଯାୟୀ ଦାଖଲ କରାଯିବ । ଅନ୍ୟପଟେ ସୁକେଶ ଚନ୍ଦ୍ର ଶେଖରଙ୍କ ସହ ସମ୍ପୃକ୍ତ ୨୦୦କୋଟି ଟଙ୍କା ପୁନରୁଦ୍ଧାର ମାମଲାରେ ଏକ ସପ୍ଲିମେଂଟାରୀ ଚାର୍ଜସିଟ କରାଯିବ । ତେବେ ଜ୍ୟାକଲିନଙ୍କ ଏବେ ସୁଦ୍ଧା କେବଳ ଜେରାର ସମ୍ମୁଖୀନ ହୋଇସାରିଛନ୍ତି ଆଉ ଏବେ ତାଙ୍କୁ ଅଭିଯୁକ୍ତ କହିଛି ଇଡି । ତେଣୁ ଆଗକୁ ତାଙ୍କର ଗିରଫଦାରୀ ସମ୍ଭାବନା ମଧ ବୃଦ୍ଧି ପାଇଛି । ତଦନ୍ତ ଆରମ୍ଭ ହେବା ପରେ ଇଡି ନାୟିକାଙ୍କ ୭କୋଟିର ଅଧିକ ମୂଲ୍ୟର ସମ୍ପତି ଆଟାଚ୍ କରିସାରିଛି । ୨୦୦କୋଟି ଟଙ୍କା ବଟି ଆଦାୟ ମାଲାର ଖୁଲ୍ଲାସା କରୁ କରୁ ଇଡି କନ୍ମ୍ୟାନ ସୁକେଶ ଚନ୍ଦ୍ରଶେଖରଙ୍କ ନିକଟରେ ପହଁଚିଥିଲା । ପରେ ଜ୍ୟାକଲିନଙ୍କ ସହ ସୁକେଶର ସମ୍ପର୍କ ଥିବା ଜାଣିବା ପରେ ଇଡି ଅଭିନେତ୍ରୀଙ୍କୁ ତଦନ୍ତ ପରିସରକୁ ଆଣିଥିଲା ।

## ବନ୍ୟା ବେଳେ ଆସୁଛି....

କନ୍ଧମାଳ, ବୌଦ୍ଧ, ବଲାଙ୍ଗିର, ସୋନପୁର, କଳାହାଣ୍ଡି । ଅର୍ଥାତ ଏହି ଜିଲ୍ଲାଗୁଡିକରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ଆଶଙ୍କା ରହିଛି । ୭ରୁ ୨୦ ସେଂଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ବାକି ୧୩ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଅଗଷ୍ଟ ୨୦ ତାରିଖରେ ୮ଟି ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବ । ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି ଜିଲ୍ଲା ପାଇଁ ଅରେଂଜ ୱାର୍ଣ୍ଣିଂ ଜାରି କରିଛି ଆଂଚଳିକ ପାଣିପାଗ କେନ୍ଦ୍ର । ପଶ୍ଚିମ ଓଡ଼ିଶାରେ ଅତିପ୍ରବଳ ବର୍ଷା ଆଶଙ୍କା ଥିବା ବେଳେ ଆଭ୍ୟନ୍ତର ଓଡ଼ିଶାର ପ୍ରବଳ ବର୍ଷା ହେବ । ସେପଟେ ୨୦ ଓ ୨୧ ତାରିଖରେ ଛତିଶଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ମଧ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ୧୯ ତାରିଖରେ ସୃଷ୍ଟି ହେବାକୁ ଯାଉଥିବା ଲଘୁଚାପ ବନ୍ୟା ଭୟକୁ ଆହୁରି ବଢ଼ାଇ ଦେଇଛି ।

## ବିଶ୍ୱର ସବୁଠାରୁ ପ୍ରଦୂଷିତ....

ସ୍ଥାନରେ ରହିଛନ୍ତି। ବୁଧବାର ଆମେରିକା ଭିତ୍ତିକ ହେଲ୍ଥ ଇଫେକ୍ଟସ ଇନଷ୍ଟିଚ୍ୟୁଟର ଷ୍ଟେଟ ଅଫ ଗ୍ଲୋବାଲ ଏୟାର ଇନିସିଏଟିଭ ପକ୍ଷରୁ ଏପରି ତାଲିକା ଜାରି କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ୨୦୧୦ରୁ ୨୦୧୯ ମଧ୍ୟରେ ସହରଗୁଡ଼ିକର ବାୟୁର ଗୁଣବତ୍ତା ଓ ସ୍ୱାସ୍ଥ୍ୟ ଜନିତ ତଥ୍ୟକୁ ଆଧାର କରି ତାଲିକା ପ୍ରସ୍ତୁତ କରାଯାଇଛି। ତଥ୍ୟରୁ ଜଣାପଡ଼ିଛି ଯେ ଦୁଇ ପ୍ରକାରର ପ୍ରଦୂଷଣ ବାୟୁମଣ୍ଡଳରେ ବଢ଼ିବାରେ ଲାଗିଛି। ସ୍ୱଳ୍ପ ଓ ମଧ୍ୟମ ଆୟ କରୁଥିବା ଦେଶଗୁଡ଼ିକର ସହରରେ ପିଏମ ୨.୫ ପ୍ରଦୂଷଣ ଅଧିକ ରହୁଛି। ସେହିପରି ବିକଶିତ ରାଷ୍ଟ୍ରଗୁଡ଼ିକରେ ଥିବା ସହରଗୁଡ଼ିରେ ନାଇଟ୍ରୋଜେନ ଡାଇଅକ୍ସାଇଡ୍ ?(ଏନଓ୨) ଜନିତ ପ୍ରଦୂଷଣ ଅଧିକ ଦେଖିବାକୁ ମିଳୁଛି। କିଛି ସ୍ୱଳ୍ପ ଓ ମଧ୍ୟମ ଧରଣର ଆୟକାରୀ ଦେଶର ସହରଗୁଡ଼ିକରେ ମଧ ନାଇଟ୍ରୋଜେନ ଡାଇଅକ୍ସାଇଡ୍ ଜନିତ ପ୍ରଦୂଷଣ ବୃଦ୍ଧି ପାଉଛି।

# ବାସୁଦେବପୁରରେ ୭୬ ତମ ସ୍ୱାଧୀନତା ଦିବସ ପାଳିତ




ବାସୁଦେବପୁର, ୧୭/୦୮ (ନି.ପ୍ର): ବାସୁଦେବପୁର ପୌରପାଳିକା ପକ୍ଷରୁ ୭୬ ତମ ସ୍ୱାଧୀନତା ଦିବସ ଅଟଳ ବିହାରୀ ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି । ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ବାସୁଦେବପୁର ପୌରପାଳିକା ର ଅଧକ୍ଷା ନିବେଦିତା ବେହେରା, ସମାଜସେବୀ ଶୁଭେନ୍ଦୁ ଭୂଷଣ ବେହେରା, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ଅଟଳ ବିହାରୀ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଯାମିନି କାନ୍ତ ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ବାସୁଦେବପୁର ପ୍ରେସକ୍ଲବ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ପ୍ରେସକ୍ଲବ ର ସଭାପତି ରମାକାନ୍ତ ବାରିକ,ସମ୍ପାଦକ ନିରଦ ଦାଶ ଓ ଅନ୍ୟାନ୍ୟ ସଦସ୍ୟ ଏହି ଅବସରରେ ଯୋଗଦେଇଥିଲେ । ସେଇପରି ସହିଦ ତୀର୍ଥଯାତ୍ରୀ ସଂଘ,ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବସ ଓ ଟ୍ରକ ମାଲିକ ସଂଘ,ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ବାସୁଦେବପୁର ଥାନା, ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟ, ରୟାଲ ଆବାସିକ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶିଶୁ ବିହାର, ରାମକୃଷ୍ଣ ବିଦ୍ୟା ନିକେତନ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ,ବରଣ୍ଡୁଆ ଜଗବନ୍ଧୁ ଉଚ୍ଚ ବିଦ୍ୟାପୀଠ, ବେତଡା ପଂଚାୟତ ହାଇସ୍କୁଲ, ନରସିଂହପୁର ହାଇସ୍କୁଲ ପ୍ରଭୃତି ଶିକ୍ଷା ଅନୁଷ୍ଠାନ ରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ରକ୍ତତୀର୍ଥ ଇରମ ରେ ଥିବା ଜାତୀୟକବି ବାଞ୍ଛାନିଧି ମହାନ୍ତି ଓ ବାସୁଦେବପୁର ରେ ଥିବା ସ୍ୱାଧୀନତା ସଂଗ୍ରାମୀ ନୀଳମଣି ରାଉତରାୟଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

# ଅଗଷ୍ଟ ୨୦ ରୁ ଜିଲ୍ଲାରେ ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ଆରମ୍ଭ

ଭଦ୍ରକ, ୧୭/୦୮ (ନି.ପ୍ର): ସରକାରୀ ନିର୍ଦ୍ଦେଶମତେ ଜିଲ୍ଲାର ୭ଟି ଯାକ ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜନ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ପ୍ରସ୍ତୁତି ସରିଛି । କୋଭିଡ୍ ନିୟମ ଅନୁପାଳନ ଆଧାରରେ ଏହି ଶିବିର ଆୟୋଜନ ନେଇ ସମସ୍ତ ବି.ଡ଼ି.ଓ.ମାନଙ୍କୁ ସୂଚନା ପ୍ରଦାନ କରାଯାଇଛି । ଅଗଷ୍ଟ ମାସର ୨୦ ତାରିଖରେ ଭଣ୍ଡାରିପୋଖରୀ ବ୍ଲକ୍ ପାଇଁ ଭଣ୍ଡାରିପୋଖରୀ ଜୁନିୟର କଲେଜରେ, ୨୩ରେ ଭଦ୍ରକ ପୌରାଞ୍ଚଳ ପାଇଁ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ଭଦ୍ରକରେ, ୨୪ରେ ଚାନ୍ଦବାଲି ବ୍ଲକ ଓ ଏନ୍.ଏ.ସି. ପାଇଁ ମତୋ ସରକାରୀ ଉଚ୍ଚ ବିଦ୍ୟାଳୟରେ, ୨୫ରେ ବନ୍ତ ବ୍ଲକ ପାଇଁ ନେହେରୁ ସରକାରୀ ଉଚ୍ଚ ବିଦ୍ୟାଳୟ ଗଣିଜାଙ୍ଗ, ୨୬ରେ ଧାମନଗର ବ୍ଲକ ଓ ଏନ୍.ଏ.ସି. ପାଇଁ ଶହିଦନଗର ହାଇସ୍କୁଲ କଟ୍‌ସାହି, ୩୦ରେ ତିହିଡ଼ି ବ୍ଲକ୍ ପାଇଁ ତିହିଡ଼ି କଲେଜ୍, ସେପ୍ଟେମ୍ବର ମାସର ୨ ତାରିଖରେ ଭଦ୍ରକ ବ୍ଲକ୍ ପାଇଁ ୟୁ.ଏନ୍.ହାଇସ୍କୁଲ, ଜଳଙ୍ଗା, ଗେଲଟୁଆ, ୩ରେ ବାସୁଦେବପୁର ବ୍ଲକ୍ ପାଇଁ ଏ.ବି.କଲେଜ ବାସୁଦେବପୁର, ୭ରେ ବାସୁଦେବପୁର ପୌରାଞ୍ଚଳ ପାଇଁ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଏହି ଶିବିର ଆୟୋଜିତ ହେବ । ଏହି ଶିବିରକୁ ଆସିବାକୁ ଥିବା ଦିବ୍ୟାଙ୍ଗମାନଙ୍କ ପରୀକ୍ଷା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦ୍ୱାରା ବିଶେଷଜ୍ଞ ଡ଼ାକ୍ତରମାନଙ୍କୁ ପ୍ରେରଣ କରାଯିବାର ବ୍ୟବସ୍ଥା କରାଯାଇଛି । ପ୍ରମାଣପତ୍ର ପାଇ ନଥିବା ଦିବ୍ୟାଙ୍ଗମାନେ ଏହି ଶିବିରକୁ ଆସି ଡ଼ାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇ ପ୍ରମାଣପତ୍ର ପାଇବାକୁ ନାମ ତାଲିକା ଭୁକ୍ତ କରାଇ ସୁଯୋଗ ନେଇପାରିବେ । ଏଥିପାଇଁ ଉଦ୍ଦିଷ୍ଟ ୟୁଡ଼ିଆଇଡ଼ି ପୋର୍ଟାଲରେ ପୂର୍ବରୁ ପଞ୍ଜିକରଣ କରିଥିବା ନବୀକରଣ ହୋଇନଥିବା ଦିବ୍ୟାଙ୍ଗମାନେ ମଧ୍ୟ ଏହି ଶିବିରକୁ ଆସି ନବୀକରଣ କରାଇ ନେବାର ସୁବିଧା ପାଇପାରିବେ । ଉଲ୍ଲେଖଯୋଗ୍ୟକି ବିଶେଷ କରି ଶୂନ ରୁ ୬ବର୍ଷ ପର୍ଯ୍ୟନ୍ତ ପୂର୍ବରୁ ସର୍ଭେ ଅନୁଯାୟୀ ଚିହ୍ନିତ ଶିଶୁମାନଙ୍କୁ ଏହି ଶିବିରରେ ପରୀକ୍ଷା କରାଯାଇ ପ୍ରମାଣପତ୍ର ସହ ଶୀଘ୍ର ଚିହ୍ନଟ ଓ ପ୍ରତିକାରାତ୍ମକ ଚିକିତ୍ସା ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଜିଲ୍ଲା ପ୍ରଶାସନର ସାମାଜିକ ସୁରକ୍ଷା ଅନୁଭାଗ ଦ୍ୱାରା ଏହି ଶିବିର ଆୟୋଜନ ନେଇ ପ୍ରସ୍ତୁତି କରାଯାଇଛି ।

# କିଟ ବିଶ୍ୱବିଦ୍ୟାଳୟ ଦ୍ୱାରା ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ଉପଲବ୍ଧ ହେବ ଇ-ଲାଇବ୍ରେରୀ ସୁବିଧା



ବାରିପଦା, ୧୭/୦୮ (ନି.ପ୍ର): ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅଧକ୍ଷ ପ୍ରଦୀପ କୁମାର ନାୟକ ଏବଂ କିଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସସ୍ମିତା ସାମନ୍ତଙ୍କ ମଧ୍ୟରେ ଚଳିତ ଅଗଷ୍ଟ ମାସ ୧୨ ତାରିଖ କିଟ୍ ବିଶ୍ୱବିଦ୍ୟାଳୟଠାରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତି ମୁତାବକ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକାମାନେ ଇ-ଲାଇବ୍ରେରୀର ସମସ୍ତ ସୁବିଧା ପାଇ ପାରିବେ। ଏହା ଦ୍ୱାରା ୫,୦୦୦ରୁ ଉର୍ଦ୍ଧ କୋର୍ନାଲ ଏବଂ ଲକ୍ଷ ଲକ୍ଷ ଇ-ବୁକ୍ସ ପଢିବାର ସୁବିଧା ପାଇବେ। ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଛାତ୍ରଛାତ୍ରୀ ଓ ଅଧ୍ୟାପକ କିଟ୍ ବିଶ୍ୱବିଦ୍ୟାଳୟର ଲାବୋରେଟୋରୀକୁ ରିସର୍ଚ୍ଚ କରିବା ନିମନ୍ତେ ମଧ ବ୍ୟବହାର କରିପାରିବେ । ଛାତ୍ରଛାତ୍ରୀମାନେ କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ଜ୍ଞାନ ମଧ ବଢାଇ ପାରିବେ । ବାରିପଦାରେ ଇ-ଲାଇବ୍ରେରୀର ସୁବିଧା ଯୋଗାଇ ଦେଇଥିବାରୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସସ୍ମିତା ସାମନ୍ତ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ଡକ୍ଟର ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଅବକାରୀ ଚଢାଉରେ ତିନିମାସରେ ୧୪,୬୮୮ ଗିରଫ

ଭୁବନେଶ୍ୱର,୧୭/୦୮ (ନି.ପ୍ର): ଜୋରଦାର ଅବକାରୀ ଚଢଉ ଯୋଗୁଁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ୧୪,୬୮୮ ଜଣ ବ୍ୟକ୍ତି ଗିରଫ ହୋଇଛନ୍ତି, ଯାହାକି ଗତବର୍ଷର ଏହି ସମୟ ତୁଳନାରେ ୭୦ ପ୍ରତିଶତରୁ ଅଧିକ । ସେହିଭଳି ୫୮୩ ଏନଡିପିଏସ ମାମଲା ରୁଜୁ ହୋଇଛି । ୧୮,୧୪୫ଟି ମାମଲା ରୁଜୁ ହୋଇଛି ଯାହାକି ପୂର୍ବବର୍ଷର ଏହି ସମୟ ତୁଳନାରେ ୭୨ ପ୍ରତିଶତରୁ ଅଧିକ। ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂହ ଆଜି ବିଭାଗର ଧରପଗଡ ଓ ଅନ୍ୟାନ୍ୟ କାର୍ଯ୍ୟ ସଂକ୍ରାନ୍ତରେ କରିଥିବା ସମୀକ୍ଷାରୁ ଏହା ଜଣାପଡିଛି । ଅବକାରୀ କମିଶନରଙ୍କ ଏହି ଭର୍ଚୁଆଲ ସମୀକ୍ଷା ବୈଠକରେ ବିଭାଗର ଯୁଗ୍ମ କମିଶନର, ଇଡିସି, ସମସ୍ତ ସୁପରିଟେଣ୍ଡେଣ୍ଟ ପ୍ରମୁଖ ଯୋଗ ଦେଇଥିଲେ। ସମୀକ୍ଷାରୁ ଜଣାଯାଇଛି ଯେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସ ଅର୍ଥାତ ମଇ ରୁ ଜୁଲାଇ ମାସ ମଧ୍ୟରେ ଅବକାରୀ ଧରପଗଡ ଜୋରଦାର ଯୋଗୁଁ ୧୮,୧୪୫ ମାମଲା ରୁଜୁ ସହିତ ୧୪,୬୮୮ ଜଣ ଗିର' ହୋଇଛନ୍ତି। ସେହିଭଳି ଏହି ସମୟରେ ୫,୩୧,୩୮୯ ଲିଟର କାରଖାନା ତିଆରି ଦେଶୀ ମଦ, ୬୦,୩୯,୬୮୦ ଲିଟର ମଦ ପ୍ରସ୍ତୁତ ସାମଗ୍ରୀ, ୧୦,୯୩୦ ବୋତଲ ବିୟର, ୫୬୫୭ କିଲୋ ଭାଙ୍ଗ, ୪୧୭୭ ଲିଟର ଦେଶୀ ମଦ, ୯୪୨୪ ଲିଟର ମହୁଲି ମଦ ଓ ୮୧ ଲିଟର ଟିକସ 'ାଙ୍କି ବିଦେଶୀ ମଦ ଜବତ ହୋଇଛି। ଏଥି ସହିତ ୭୬୫ଟି ବିଭିନ୍ନ କିସମର ଗାଡିମୋଟରକୁ ଅବକାରୀ ଅଧିକାରୀମାନେ ଜବତ କରିଛନ୍ତି । ଗତବର୍ଷ ଏହି ସମୟରେ ୬୫୯ଟି ଗାଡିମୋଟର ଜବତ ହୋଇଥିଲା। ଭାଙ୍ଗ ଜବତ ପରିମାଣ ଗତବର୍ଷ ତୁଳନାରେ ୩୫୦ ପ୍ରତିଶତ ବଢିଥିବା ଜଣାଯାଇଛି । ସେହିଭଳି ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନି ମାସରେ ୫୮୩ଟି ଏନଡିପିଏସ ମାମଲା ରୁଜୁ ହୋଇଛି ଯାହାକି ପୂର୍ବବର୍ଷର ଏହି ସମୟ ତୁଳନାରେ ୨୩୫ ପ୍ରତିଶତ ଅଧିକ। ଗତ ଆର୍ଥିକ ବର୍ଷର ମଇ ରୁ ଜୁଲାଇ ମଧ୍ୟରେ ମାତ୍ର ୧୭୪ଟି ଏନଡିପିଏସ ମାମଲା ରୁଜୁ ହୋଇଥିଲା । ସେହିଭଳି ଗିରଫଦାରୀ ସଂଖ୍ୟା ୬୬୬ ରହିଛି ଯାହାକି ପୂର୍ବବର୍ଷ ତୁଳନାରେ ୨୦୮ ପ୍ରତିଶତ ଅଧିକ । ଗତବର୍ଷ ଏହି ସମୟରେ ଏନଡିପିଏସ ମାମଲାରେ ୨୧୬ଜଣ ଗିରଫ ହୋଇଥିଲେ । ଚଳିତବର୍ଷ ମଇରୁ ଜୁଲାଇ ମଧ୍ୟରେ ଅବକାରୀ ବିଭାଗ ୧୨,୭୧୦ କିଲୋ ଗଞ୍ଜେଇ, ୬୨୧୪ ଗ୍ରାମ ବ୍ରାଉନସୁଗାର ଓ ୩୨୦ ଲିଟର କ' ସିରପ ଜବତ ହୋଇଛି । ଜବତ ସାମଗ୍ରୀର ମୂଲ୍ୟ ୬୪ କୋଟି ଟଙ୍କା ଆକଳନ କରାଯାଇଛି ଯାହାକି ଗତବର୍ଷ ତୁଳନାରେ ୨୬୦ ପ୍ରତିଶତ ପ୍ରତି ଅଧିକ ।

# ବନ୍ୟା ପ୍ରଭାବିତଙ୍କୁ ସହଯୋଗ କରିବା ପାଇଁ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୭/୦୮ (ନି.ପ୍ର): ରାଜ୍ୟର ୧୨ରୁ ଅଧିକ ଜିଲ୍ଲାରେ ବନ୍ୟା ପରିସ୍ଥିତି ଅସମ୍ଭାଳ ହେଉଥିବା ଏସଆରସି ରିପୋର୍ଟ ଦେଇଛନ୍ତି। ବନ୍ୟା ଜଳରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିଲାବେଳେ ୩୩୭ଟି ଗାଁ ସମ୍ପୂର୍ଣ୍ଣ ପାଣି ଘେରରେ ରହିଛି। ଜନସାଧାରଣ ଏକାଠି ହୋଇ ନିଜ ଗାଁରେ ବଂଚାଇବା କାର୍ଯ୍ୟ କରୁଥିବାବେଳେ ରାଜ୍ୟ ସରକାର କେବଳ ପ୍ରଚାର ଏବଂ ନୋଟିସ୍ ଜାରି କରିବାରେ ବ୍ୟସ୍ତ ଅଛନ୍ତି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଶ୍ରୀ ମହାନ୍ତି କହିଛନ୍ତି ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ,ବାଲେଶ୍ୱର, ଖୋର୍ଦ୍ଧା, ନୟାଗଡ ଓ କେନ୍ଦୁଝର ପ୍ରଭୃତି ଜିଲ୍ଲାର ବିଭିନ୍ନ ଅଂଚଳ ବନ୍ୟା ପ୍ରଭାବିତ ହୋଇଛି। ସେହିପରି ରାଜଧାନୀ ଭୁବନେଶ୍ୱର, କଟକ, ସମ୍ବଲପୁର ଭଳି ପ୍ରମୁଖ ସହରରେ ଅନେକ ତଳି ଅଂଚଳରେ ବର୍ଷା ଜଳ ପଶି ଲୋକେ ହନ୍ତସନ୍ତ ହେବା ସହ ଖାଇବାକୁ ପାଉନାହାନ୍ତି। ଏନେଇ ବନ୍ୟା ପ୍ଲାବିତ ଜନସାଧାରଣଙ୍କୁ ବିଜେପିର କାର୍ଯ୍ୟକର୍ତ୍ତା ନିଷ୍ଠାର ସହ ଆଗେଇ ଆସି ଉଦ୍ଧାର କାର୍ଯ୍ୟ, ରିଲିଫ କାର୍ଯ୍ୟ ସହ ଜଳ ବନ୍ଦୀରେ ଥିବା ଲୋକଙ୍କ ପାଖରେ ପଂହଚିବାକୁ ଶ୍ରୀ ମହାନ୍ତି ଆହ୍ୱାନ ଦେଇଛନ୍ତି। ହୀରାକୁଦ ବନ୍ଧର ଜଳ ପରିଚାଳନା ପାଇଁ ୧୯୬୨ ମସିହାରେ ଏକ 'କର୍ଭ୍ କୋର୍ଡ' ପ୍ରସ୍ତୁତ କରାଯାଇଥିଲା। ଯାହାକୁ ପରବର୍ତୀ ସମୟରେ ୧୯୮୪ ମସିହାରେ ଦ୍ୱିତୀୟ ଥର ପାଇଁ ସଂଶୋଧନ କରାଯାଇଥିଲା। ଏ ଭିତରେ ୩୮ବର୍ଷ ବିତିଗଲାଣି ଅଥଚ 'କର୍ଭ କୋର୍ଡ'ର ସଂଶୋଧନ କରଯାଇନାହିଁ। ଯାହାଫଳର ଜଳ ପରିଚାଳନାରେ ତ୍ରୁଟି ପରିଲକ୍ଷିତ ହେଉଛି। ମହାନଦୀ ଉଚ୍ଛୁଳିବାରୁ ଶାଖା ନଦୀଗୁଡ଼ିକର ସ୍ଥିତି ଅସମ୍ଭାଳ ହୋଇଛି ଏବଂ ନଦୀ ବନ୍ଧ ଅତଡା ଖସିବା ସହ ସାଧାରଣ ଲୋକଙ୍କ ଘରେ ପାଣି ପଶିଯାଇଛି। ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ଜଳକା ନଦୀ ବିପଦ ମୁହାଁ। ବନ୍ୟା ପ୍ରଭାବିତଙ୍କୁ ସାହାଯ୍ୟ ଓ ସହଯୋଗ କରିବା ପାଇଁ ବିଜେପି କାର୍ଯ୍ୟକର୍ତ୍ତାମାନେ ନିରନ୍ତର କାର୍ଯ୍ୟ କରୁଛନ୍ତି ଏବଂ ଏହି କାର୍ଯ୍ୟରେ ସାମିଲ ହେବା ପାଇଁ ଯୁବପୀଢ଼ିକୁ ଆଗେଇ ଆସିବାକୁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି।

# ନିମ୍ନମାନର ରାସ୍ତା କାମକୁ ନେଇ ଅସନ୍ତୋଷ : ଆନ୍ଦୋଳନ ଚେତାବନୀ



ବାଲେଶ୍ୱର,୧୭/୦୮ (ନି.ପ୍ର): ବାଲେଶ୍ୱର ସହରରେ ନିର୍ମାଣ ହେଉଥିବା ରାସ୍ତାଘାଟର ଗୁଣବତ୍ତା ନେଇ ଉଠିଛି ପ୍ରଶ୍ନବାଚୀ। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ରାସ୍ତା ୨ମାସରେ ନଷ୍ଟ ହେଉଥିବା ବେଳେ ନିର୍ବାଚିତ ଲୋକ ପ୍ରତିନିଧିମାନେ ଚୁପ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୁବ ସଂଗଠକ ବିକ୍ରମ ପଣ୍ଡାଙ୍କ ସମେତ ସଚେତନ ନାଗରିକ ତଥା ବୁଦ୍ଧିଜୀବୀମାନେ ଆରୋପ ଉଠାଇଛନ୍ତି। ସ୍ଥାନୀୟ ଫାଣ୍ଟାସି ହୋଟେଲ ପରିସରରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡାଙ୍କ ସମେତ ପୂର୍ବତନ ପୌର ଉପାଧ୍ୟକ୍ଷା ବିଳାସିନୀ ବେହେରା, ପୂର୍ବତନ କାଉନସିଲର ଗୋପାଳ ଥାପା ଓ ନାସିର ଖାନ, ପ୍ରତିମା ପଣ୍ଡା, ବିନତି ବାରିକ, ସୁଶାନ୍ତ କୁମାର ରଣା, ସୁଶୀଳ ଜେନା, ସଂଯୁକ୍ତାରାଣୀ ବେହେରା, ସଞ୍ଜୀବ କୁମାର ବାରିକ ପ୍ରମୁଖ ଯୋଗଦେଇ ବାଲେଶ୍ୱର ସହରରେ ଚାଲିଥିବା ରାସ୍ତାଘାଟ ନିର୍ମାଣରେ ଘୋର ଦୁର୍ନୀତି ହେଉଥିବା ଅଭିଯୋଗ କରିଥିଲେ। ସଦର ଉପ-ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା ୧୫୫ କୋଟି ଟଙ୍କା ଏବେ କେଉଁ କେଉଁ ପ୍ରକଳ୍ପରେ ଖର୍ଚ୍ଚ ହେଉଛି, ତା'ର ହିସାବ କେହି ଦେଉ ନାହାନ୍ତି। ଇତି ମଧ୍ୟରେ ସହରର ୨୦ଟି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହେବା ସାଙ୍ଗକୁ ବହୁ ରାସ୍ତା ନବୀକରଣ କାର୍ଯ୍ୟ ବି ଶେଷ ହୋଇଛି। ସଦର ବିଧାୟକ ଧୁମଧାମରେ ସମ୍ପୃକ୍ତ ରାସ୍ତାର ଶିଳାନ୍ୟାସ ମଧ୍ୟ କରିଥିଲେ। ରାସ୍ତା ନିର୍ମାଣ ହେଲା ମାତ୍ର ୨ ମାସ ମଧ୍ୟରେ ପିଚୁ ଉଠିଗଲାଣି। ମାତ୍ର ବିଧାୟକ ଚୁପ ରହୁଛନ୍ତି କାହିଁକି ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି। ପୂର୍ତ୍ତ ବିଭାଗ ସହ ଠିକାଦାରଙ୍କ ମିଳିଭଗତରେ ବିଧାୟକ ସମ୍ପୃକ୍ତ ଥିବା ସେ ଅଭିଯୋଗ କରିଛନ୍ତି। ସହରର କେଉଁ ରାସ୍ତା ନବୀକରଣ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି, ଆସନ୍ତା ୧୫ ଦିନ ମଧ୍ୟରେ ବିଧାୟକ ତଥା ପୂର୍ତ୍ତ ବିଭାଗ ପକ୍ଷରୁ ଶ୍ୱେତପତ୍ର ପ୍ରକାଶ କରା ନ ଗଲେ ସମସ୍ତଙ୍କ ସହଯୋଗରେ ଆନ୍ଦୋଳନ ଆରମ୍ଭ ହେବ ବୋଲି ଶ୍ରୀ ପଣ୍ଡା ଚେତାବନୀ ଦେଇଛନ୍ତି।

# ଜଳେଶ୍ୱର ବିଡିଓ ଭାବେ କାର୍ଯ୍ୟରେ ଯୋଗଦେଲେ ପୁନମ୍ ରାଉତ



ଜଳେଶ୍ୱର, ୧୭/୮(ନି.ପ୍ର): ଦୀର୍ଘ ଦିନର ବ୍ୟବଧାନ ପରେ ଆଜି ଦ୍ୱିପ୍ରହରରେ ପୁନମ୍ ରାଉତ ଜଳେଶ୍ୱରର ନୂତନ ବିଡିଓ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବହୁ ଚର୍ଚ୍ଚିତ ଆୟ ବହିଭୁତ ସମ୍ପତ୍ତି ଠୁଳ ମାମଲାରେ ପୂର୍ବତନ ବିଡିଓ ଅଶ୍ୱିନୀ ଦାସଙ୍କୁ ଭିଜିଲାନ୍ସ ଗିରଫ କରିବା ପରେ ଜଳେଶ୍ୱର ତହସିଲଦାର ସ୍ମୃତିରଂଜନ ମଲ୍ଲିକ ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ଫଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ଆଜି ନୂତନ ବିଡିଓଙ୍କ ଯୋଗଦାନ ପରେ ତାଙ୍କୁ କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିବା ବେଳେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟ ସେ କନ୍ଧମାଳ ଜିଲାର ଫିରିଙ୍ଗିଆ ବ୍ଲକର ସଢେ ତିନିବର୍ଷ ତହସିଲଦାର ଭାବେ କାର୍ଯ୍ୟ କରିଥିବା ଜଣାଯାଇଛି। ଯୋଗଦାନ ପରେ ଗଠନ ମୂଳକ କାର୍ଯ୍ୟ କରିବେ ବୋଲି ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି।

# ହେଲଦୀ ଲାଇଫର ୭୬ତମ ସ୍ୱାଧୀନତା ଦିବସ ପାଳିତ



ବାଲେଶ୍ୱର, ୧୭/୦୮ (ନି.ପ୍ର): ହେଲଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ୍ ଅଫ୍ ନେଚର କିୟର୍ ଏଣ୍ଡ ଯୋଗିକ୍ ସାଇନ୍ସ ଚିଡ଼ିଆପୋଲ ବିବେକାନନ୍ଦ ମାର୍ଗ ସ୍ଥିତ ୭୬ତମ ସ୍ୱାଧୀନତା ଦିବସ ଓ ଅମୃତସ୍ତୋବ ହରଘରକି ତ୍ରିରଙ୍ଗାର ମୁଖ୍ୟ ଅତିଥି ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ପ୍ରତିଷ୍ଠାତା ସୃଷ୍ଟିଧର ପରିଡ଼ା ଯୋଗ ଦେଇ ଭାରତ ୭୫ବର୍ଷ ଅତିକ୍ରାନ୍ତ ପରେ ଶକ୍ତିଶାଳୀ ଭାରତ ରୂପେ ସାରା ବିଶ୍ୱରେ ମାନ୍ୟତା ପାଉଛି। ନିଜ ଦେଶରେ ଗୋଳା ବାରୁଦ ପରମାଣୁ ଅସ୍ତ୍ର, ଅଗ୍ନି, ତ୍ରିଶୁଳ ବିଭିନ୍ନ କ୍ଷେପଣାସ୍ତ୍ର ତିଆରି କରି ବିଶ୍ୱରେ ଶ୍ରେଷ୍ଠ ଶକ୍ତିରେ ପରିଣତ ହେବାକୁ ଯାଉଛି। କୋଭିଡ୍-୧୯ ପରେ ଭାରତ ମଧ ସେଇ ଶକ୍ତିରେ ଅଧିକାରୀ ହୋଇ ପାରିଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡା. ଚିତ୍ତରଂଜନ ସାହୁ, ନିଜ ଘରକୁ ଓ ନିଜର ଭାଉଭଉଣୀଙ୍କୁ ଯେମିତି ଭଲ ପାଉଛେ ଠିକ୍ ସେମିତି ଭାରତକୁ ଭଲ ପାଇବା ଦରକାର, ତ୍ରିରଙ୍ଗା ପତାକାକୁ ଭଲ ପାଇଲେ ଆମେ ଆମ ଭାରତକୁ ଭଲ ପାଇବା। ଯୋଗ ମହାବିଦ୍ୟାଳୟର ଅଧକ୍ଷ ଦେବୀ ଅର୍ଚ୍ଚନା ଦାସ, ଆମ ଦେଶର ସ୍ୱଦେଶୀ ଖାଦ୍ୟ ଓ ଚିକିତ୍ସା ଯୋଗ ଓ ପ୍ରାକୃତିକ ଚିକିତ୍ସାକୁ ଆପଣେଇ ପାରିଲେ ଆମେ ଧନ୍ୟ ହେବୁ ଅନ୍ୟମାନଙ୍କ ମଧରେ ଅଧାପିକା ମମିତା ମହାରଣା, ଅଧାପକ ଅଭିଷେକ ଦାସ, ମତାମତ ଦେଇଥିଲେ। ସମାଜସେବୀ କଳା ଓ କଳାକାର ଯାତ୍ରା ଦହୁରୀ କୈଳାସ ଚନ୍ଦ୍ର ଦାସ ସ୍ୱାଧୀନତା ସଂଗ୍ରାମ ବିଷୟରେ କହିଥିଲେ, ଏମ.ଏ. ଇନ୍ ଯୋଗା ପ୍ରଥମ ବର୍ଷ ଛାତ୍ରଛାତ୍ରୀ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ନେଇ ଯୋଗ କର୍ମଶାଳା ସମୂହ ସୂର୍ଯ୍ୟ ନମସ୍କାର ପ୍ରଦର୍ଶନ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ଜଳେଶ୍ୱର, ୧୭/୮(ନି.ପ୍ର): ଉତ୍ତର ବାଲେଶ୍ୱରର ଜଳେଶ୍ୱର ବ୍ଲକ ପଶ୍ଚିମବଂଗ ସୀମାକୁ ଲାଗି ରହିଛି। ଏଠାରେ ବିଭିନ୍ନ ଭାଷାଭାଷୀର ଲୋକମାନେ ରହିଥିବା ବେଳେ ରେଳ, ଡାକ, ନିର୍ମାଣ, ଜାତୀୟ ରାଜପଥ ପ୍ରାଧିକରଣ, ପୁଲିସ୍ ଓ ପ୍ରତିରକ୍ଷା ବିଭାଗରେ ବହୁ ଅନ୍ୟ ରାଜ୍ୟର ଲୋକମାନେ ନିଯୁକ୍ତି ପାଇ ବସବାସ କରିଆସୁଛନ୍ତି। ସେମାନଙ୍କ ପିଲାଙ୍କ ପାଠପଢା, ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ଜାତୀୟ ସ୍ତରୀୟ ଶିକ୍ଷା ଗ୍ରହଣ, ପଡୋଶୀ ପଶ୍ଚିମବଂଗର ଶିକ୍ଷାର୍ଥ ମାନଙ୍କ ଶିକ୍ଷାଲାଭ ଲାଗି ଜଳେଶ୍ୱରରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଲାଗି ବିଭିନ୍ନ ସମୟରେ ସଂପୃକ୍ତ ଅଧିକାରୀ ମାନଙ୍କୁ ଅବଗତ କରାଯାଇ ଆସୁଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିପାରି ନାହିଁ। ଜଳେଶ୍ୱରରେ ଆବଶ୍ୟକ ଭିତ୍ତି ଭୂମୀ ରହିଥିବା ବେଳେ ଏଠାରେ ବିଦ୍ୟାଳୟ ସ୍ଥାପନକୁ ନେଇ ସ୍ଥାନୀୟ କାର୍ଯ୍ୟକାରୀ କମିଟି ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି। ଏ ସଂପର୍କରେ ନବନିଯୁକ୍ତ ଜିଲାପାଳ ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେଙ୍କ ମିଳିତ ଜନଶୁଣାଣିରେ କମିଟିର ସଭାପତି ଦିଲ୍ଲିପ କୁମାର ଗିରି, ଅଶୋକ କୁମାର ଜେନା, ସୁବ୍ରତ ବେରା, ସମୀର ପାତ୍ରଙ୍କ ସହିତ ବହୁ ସଦସ୍ୟ ଉପସ୍ଥିତ ରହି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ପାଠୋତ୍ସବ



ବାସୁଦେବପୁର, ୧୭/୦୮ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱାଧୀନତା ର ଅମୃତ ମହୋତ୍ସବ ପାଳନ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଦେଶାତ୍ମବୋଧକ କବିତା ପାଠୋତ୍ସ୍ୱ ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସର ପତ୍ରିକାର ସମ୍ପାଦକ କବି ବନମାଳି ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ କବି ଶିବ ପ୍ରସାଦ ଦାଶ, କବି ଓ ଅନୁବାଦକ ଅଭିମନ୍ୟୁ ବେହେରା, ପ୍ରାବନ୍ଧିକ ଡକ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି, ସାମ୍ବାଦିକ ଓ ସମାଜସେବୀ କିଶୋର କୁମାର ମହାପାତ୍ର ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ସାହିତ୍ୟ ଓ କଳା ସଂସ୍କୃତି ର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ବାଇ ଚଢେଇ ପତ୍ରିକାର ସମ୍ପାଦକ କବି ବିକାଶ ଶତପଥୀ ମଞ୍ଚ ସଂଯୋଜନା କରିଥିଲେ। ଏହି କବିତା ପାଠ ଉତ୍ସବ ରେ କବି କୈଳାସ ପାଢ଼ୀ, ସ୍ନିଗ୍ଧା ମହାନ୍ତି, ପିତାମ୍ବର ମିଶ୍ର, ପ୍ରହ୍ଲାଦ ବାରିକ,ଶାନ୍ତିଲତା ପଣ୍ଡା, ସୁଦର୍ଶନ ଅଗସ୍ତି, ସତ୍ୟପ୍ରିୟ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ରତ୍ନାକର ବାରିକ, ଡକ୍ଟର ବସନ୍ତ ଦାସ, ରଞ୍ଜନ ନାୟକ, ବଂଶୀଧର ଡାଙ୍ଗୁଆ,ଭାଗିରଥି ପଲେଇ, ଦିବାକର ଭୋଇ ପ୍ରମୁଖ କବିତା ପାଠ କରିଥିଲେ। ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ,କବି ରତ୍ନାକର ପଣ୍ଡା, ସୂର୍ଯ୍ୟ ସାରଥି ବାରିକ ପ୍ରମୁଖ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ।

# ୩୬ତମ ରାଜ୍ୟସ୍ତରୀୟ ବାସ୍କେଟବଲ ନିମନ୍ତେ ଭଦ୍ରକ ଦଳ ଘୋଷିତ





ଭଦ୍ରକ,୧୭/୦୮ (ନି.ପ୍ର): ଆଜିଠାରୁ ଆରମ୍ଭ ହୋଇଥିବା ୩୬ତମ ଅଣ୍ଡର ୧୬ ରାଜ୍ୟସ୍ତରୀୟ ଯୁବ ବାସ୍କେଟବଲ ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଜିଲ୍ଲା ଉଭୟ ବାଳକ ଓ ବାଳିକା ଦଳ ଘୋଷଣା କରିଛି। ଏହି ଦଳ କଟକର ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍କୁଲର ଖେଳାଳିଙ୍କ ମଧ୍ୟରେ ପ୍ରତିଯୋଗତା ମାଧ୍ୟମରେ ଦଳ ଚୟନ କରାଯାଇଛି ବୋଲି କ୍ରୀଡା ପ୍ରଶିକ୍ଷକ ତଥା କୋଚ୍ ମନୋଜ ସାହୁ ଜଣାଇଛନ୍ତି। ଏହି ଖେଳାଳିଙ୍କୁ ଜିଲ୍ଲା ସମ୍ପାଦକ ଧୀରେନ୍ ପଲେଇ ଶୁଭେଚ୍ଛା ଜଣାଇଛନ୍ତି। ଖେଳାଳିଙ୍କ ସହିତ କୋଚ୍ ଶ୍ରୀଯୁକ୍ତ ସାହୁ, ସହକାରୀ କୋଚ୍ ପାପାଲୀ ପାତ୍ର ଓ ସୁଇଟସ୍ମିତା ଜେନା ଗସ୍ତ କରିଛନ୍ତି।

# ପାଚିକା ଚୟନରେ ଅନିୟମିତତାକୁ ନେଇ ଜିଲ୍ଲାପାଳଙ୍କଠାରେ ଫେରାଦ

ବାଲେଶ୍ୱର,୧୭/୦୮ (ନି.ପ୍ର): ପାଚିକା ଭାବେ ଦୀର୍ଘ ୭ବର୍ଷଧରି କାର୍ଯ୍ୟ କରିଆସୁଥିବା ଭୋଗରାଇ ବ୍ଲକ ଗୋଛିଦା ଦେଘୋରୀ ଅଞ୍ଚଳର ପାର୍ବତୀ ପାତ୍ରଙ୍କୁ ଡିଟିଏଲକେ ଉଚ୍ଚ ବିଦ୍ୟାଳୟ କମିଟି ବାହାର କରିଦେବା ପରେ ସେ ଏବେ ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ସ୍ଥାନୀୟ ମହିଳାଙ୍କ ସହଯୋଗରେ ଶ୍ରୀମତୀ ପାତ୍ର ଜିଲାପାଳଙ୍କୁ ସାକ୍ଷାତ କରି ପୁନଃ ନିଯୁକ୍ତି ପାଇଁ ନେହୁରା ହୋଇଛନ୍ତି। ତାଙ୍କର ଅଭିଯୋଗ ଅନୁସାରେ ଏହି ୨୦୧୩ ମସିହାରେ ଏହି ହାଇସ୍କୁଲ ପରିସରରେ ଯୁକ୍ତଦୁଇ ଶିକ୍ଷାଦାନ ଆରମ୍ଭ ହେବାରୁ ପ୍ରଧାନ ଶିକ୍ଷକଙ୍କ ଚିଠି ମୂଳେ ତାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ପୁଣି ୨୦୧୭ ମସିହାରେ ବିନା ନିଯୁକ୍ତି ପତ୍ରରେ କାର୍ଯ୍ୟ କରିବା ପାଇଁ ପ୍ରଧାନ ଶିକ୍ଷକଙ୍କ ଚିଠି ଅନୁସାରେ ଅଦ୍ୟାବଧି କାର୍ଯ୍ୟ କରିଆସୁଛନ୍ତି। ପରବର୍ତ୍ତୀ ସମୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଂଖ୍ୟାବୃଦ୍ଧିକୁ ଦୃଷ୍ଟିରେ ରଖି ପାଚିକା ନିଯୁକ୍ତି ପାଇଁ ସରକାରୀ ନିର୍ଦ୍ଦେଶ ଆସିଥିଲା। ପ୍ରଧାନ ଶିକ୍ଷକଙ୍କ ୧୫୯/୨୬.୪.୨୨ ନଂର ବିଜ୍ଞପ୍ତି ଅନୁସାରେ ପାଚିକା ପଦ ପାଇଁ ୩ଜଣ ଆବେଦନ କରିଥିଲେ। ଗତ ଜୁଲାଇ ୧୮ ତାରିଖରେ ଭୋଗରାଇ ବ୍ଲକରେ ହୋଇଥିବା ଶୁଣାଣିରେ ବିଇଓଙ୍କୁ ସାକ୍ଷାତ ସହ ମୋର ପୂର୍ବ କାର୍ଯ୍ୟ ସମ୍ପର୍କରେ ଅବଗତ କରିଥିବା ନେଇ ଶ୍ରୀମତୀ ପାତ୍ର କହିଛନ୍ତି। ଏ ବାବଦରେ ସେ ପୂର୍ବରୁ ଜିଲାପାଳଙ୍କୁ ଅବଗତ କରିଥିଲେ ଓ ଏହି ସମସ୍ୟାର ସମାଧାନ ପାଇଁ ଜିଲାପାଳ ଡିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଗତକାଲି ଭୋଗରାଇ ବିଇଓ ଅନ୍ୟଜଣେ ମହିଳାଙ୍କୁ ପାଚିକା ଭାବେ ନିଯୁକ୍ତି ଦେବା କେଉଁ ନ୍ୟାୟରେ ବୋଲି ଶ୍ରୀମତୀ ପାତ୍ର କହିଛନ୍ତି। ଏ ବାବଦରେ ଉଚିତ ପଦକ୍ଷେପ ନେବା ସହ ତାଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ସେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# ସବାଇ ଶିଳ୍ପ କେନ୍ଦ୍ର ପରିଦର୍ଶନ କଲେ ଯୋଗାଣ ମନ୍ତ୍ରୀ



ବାରିପଦା, ୧୭/୦୮ (ନି.ପ୍ର): ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସମବାୟ, ଖାଦ୍ୟ ଓ ଯୋଗାଣ ବିଭାଗର ମନ୍ତ୍ରୀ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ଯୋଗ ଦେଇ ଭୂବନେଶ୍ୱର ପ୍ରତ୍ୟାବର୍ତନ କରୁଥିବା ସମୟରେ ଅଚାନକ ୧୮ ନଂ ଜାତୀୟ ରାଜପଥର ପାଶ୍ୱର୍ରେ ଥିବା ଲଙ୍ଗଳକଟା ଅଂଚଳର କୃଷ୍ଣଚନ୍ଦ୍ରପୁର ଆଦିବାସୀ ଗ୍ରାମକୁ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ମନ୍ତ୍ରୀ ଶ୍ରୀ ନାୟକ ଗ୍ରାମର ସୁନୀତା ସିଂ, କ୍ଲାନ୍ତି ସିଂ, ସରୋଜିନୀ ସିଂ, ଶିଖିଲା ମ୍ୟାଥୁସ, ସରୋଜ ମୁର୍ମୁ ଓ ଜିଲୁସ ସିଂଙ୍କ ଗୃହକୁ ନିଜେ ଯାଇ ସେମାନେ ବିଭିନ୍ନ ସରକାରୀ ଯୋଜନା ବିଶେଷ କରି ସରକାରୀ କଣ୍ଟ୍ରୋଲ ଦୋକାନ ମାଧ୍ୟମରେ ଚାଉଳ, କିରୋସିନି ଇତ୍ୟାଦି ଠିକ୍ ସମୟରେ ପାଉଛନ୍ତି କି ନାହିଁ ସେବିଷୟରେ ପଚାରି ବୁଝିଥିଲେ। ସେହିପରି ଓମବାଡିସ ଏବଂ ସରକାରୀ ହସ୍ତଶିଳ୍ପ କେନ୍ଦ୍ର ସହାୟତାରେ ନଙ୍ଗଳକଟା ରେ ଥିବା ମୁଲୁଚାନ୍ଦ କାରୀଗର ଉତ୍ପାଦକ କେନ୍ଦ୍ର ( ସି.ଏଫ.ସି ) ୫୦ ଜଣ ମହିଳା ସବାଇଘାସ ଟ୍ରେନିଂ ନେଉଥିବା କେନ୍ଦ୍ରକୁ ମନ୍ତ୍ରୀ ଶ୍ରୀ ନାୟକଙ୍କୁ ଡାକି ନେଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସବାଇଘାସର ବିଭିନ୍ନ ଉତ୍ପାଦକ ସାମଗ୍ରୀ ବୁଲାଇ ଦେଖାଇଥିଲେ। ମନ୍ତ୍ରୀ ଶ୍ରୀଯୁକ୍ତ ନାୟକ ସେମାନଙ୍କ କେନ୍ଦ୍ରରୁ କିଛି ହସ୍ତଶିଳ୍ପ ସାମଗ୍ରୀ କ୍ରୟ ମଧ କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ଅବସରରେ ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ଭାରତୀ ମୁର୍ମୁ, ବାରିପଦା ମ୍ୟୁନିସିପାଲିଟିର ଚେୟାରମ୍ୟାନ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ଆଦିବାସୀ ଉନ୍ନୟନ ପରିଷଦର ଅଧକ୍ଷ ଦେବାଶିଷ ମାରାଣ୍ଡି, ବାରିପଦା ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ ନାୟକ, ପୂର୍ଣ୍ଣାନନ୍ଦ ପରିଡା, ରାଜୀବ ଜେନା, ଅଭୟ ସିଂ, ରଣଜିତ ରାୟ, କଟି ସିଂ, ବିସୁ ସିଂ, ସ୍ମୃତିରଂଜନ ଦାସ, ଗଣେ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ହିମାଚଳ ପ୍ରଦେଶ : କଂଗ୍ରେସ ବିଧାୟକ କାଜଲ ଏବଂ ରାଣା ଭାଜପାରେ ସାମିଲ

ନୂଆଦିଲ୍ଲୀ, ୧୭/୦୮ : ହିମାଚଳ ପ୍ରଦେଶରେ କଂଗ୍ରେସକୁ ବଡ଼ ଝଟକା ଲାଗିଛି। କଂଗ୍ରେସ ବିଧାୟକ ପବନ କାଜଲ ଏବଂ ଲଖବିନ୍ଦର ରାଣା ପାର୍ଟିକୁ ଅଲ୍‌ବିଦା କହି ବୁଧବାର ଦିନ ଭାରତୀୟ ଜନତା ପାର୍ଟି(ଭାଜପା)ର ସଦସ୍ୟତା ଗ୍ରହଣ କରିଛନ୍ତି। ଭାଜପା ମୁଖ୍ୟାଳୟରେ ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଜୟରାମ ଠାକୁଙ୍କ ଉପସ୍ଥିତିରେ କଂଗ୍ରେସର ଦୁଇଜଣ ପାର୍ଟିରେ ଯୋଗ ଦେଇଛନ୍ତି।

# ଅଙ୍ଗନୱାଡ଼ି କେନ୍ଦ୍ରର ସହାୟିକା ନିଯୁକ୍ତିକୁ ବିରୋଧ କରି ରାସ୍ତାରୋକ



ନୀଳଗିରି, ୧୭/୦୮ (ନି.ପ୍ର): ଏକ ଅଙ୍ଗନୱାଡ଼ି କେନ୍ଦ୍ରର ସହାୟିକା ନିଯୁକ୍ତିକୁ ବିରୋଧ କରି ଶତାଧିକ ମହିଳା ବରହମପୁର ବାଉଁଶପାଳ ଛକ ଠାରେ ରାସ୍ତାରୋକ କରିଛନ୍ତି। ଘଟଣାସ୍ଥଳରେ ବରହମପୁର ପୋଲିସ ପହଂଚି ରାସ୍ତା ଅବରୋଧକୁ ହଟାଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ଧରମପୁର ଗ୍ରା.ପ.ର କାଳିଝାଟିଆ ଅଙ୍ଗନୱାଡ଼ି କେନ୍ଦ୍ରର କାର୍ଯ୍ୟରତ ହେଲପରଙ୍କ ମୃତ୍ୟୁ ପରେ ଉକ୍ତ ପଦବୀ ଖାଲି ପଡ଼ିଥିଲା। ପରେ ଉକ୍ତ ସହାୟିକା ପଦବୀ ପୂରଣ ପାଇଁ ନୀଳଗିରି ଆଇ.ସି.ଡି.ଏସ. ପକ୍ଷରୁ ୧୯.୫.୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ଉକ୍ତ ପଦବୀଟି ଏସ.ଟି. ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ଚୟନ ତାରିଖରେ କେହି ଏସ.ଟି. ମହିଳା ଉପସ୍ଥିତ ନ ହେବାରୁ ପରବର୍ତୀ ଅର୍ଥାତ ୧୭.୮.୨୨ରିଖରେ ଚୟନକାର୍ଯ୍ୟ ରହିଥିବା ବେଳେ ସହାୟିକା ପଦବୀ ପାଇଁ ଉଭୟ ଆଦିବାସୀ ହରିଜନ ମହିଳା ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରି ପାରିବାର ନିୟମ ଜାରି କରାଯାଇଥିବା ବେଳେ ହରିଜନ ମହିଳା ମଧ୍ୟରେ ମମତାରାଣୀ ସେଠୀ ଓ କଳ୍ପନା ସେଠୀ ଏବଂ ଆଦିବାସୀମହିଳା ଭାବେ ପାର୍ବତୀ ସିଂ ଚୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ପାର୍ବତୀ ସିଂ କୁ ସୁପରଭାଇଜର ଚୟନ କରି ନୋଟିସ ବୋର୍ଡରେ ପ୍ରକାଶ କରିଥିଲେ। ମାତ୍ର ପାର୍ବତୀ ସିଂ ୮/୧୦ ବର୍ଷ ଧରି ଏଠାରେ ରହୁ ନ ଥିବାରୁ ଉକ୍ତ ନିଯୁକ୍ତିକୁ ବିରୋଧ କରି ମହିଳାମାନେରାସ୍ତା ରୋକ କରିଥିଲେ। ପରେ ମହିଳାମାନେ ନୀଳଗିରି ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଘଟଣା ବାବଦରେ ଲିଖିତ ଅଭିଯୋଗ କରିଥିଲେ। ନବନିଯୁକ୍ତ ପାର୍ବତୀ ସିଂ କୁ ସର୍ଭେ ଏରିଆରୁ ନାମ କାଟି ପୁନଃ ବିଜ୍ଞପ୍ତି ପ୍ରକାଶ କରିବାକୁ ଅନୁରୋଧ କରିଛନ୍ତି।

# ଓଟିରୋଡ଼ ପାର୍ଶ୍ୱ ଦୋକାନ ଉଚ୍ଛେଦକୁ ନେଇ ପଥ ବିକ୍ରେତା ସଂଘର ବିକ୍ଷୋଭ

ବାଲେଶ୍ୱର,୧୭/୦୮ (ନି.ପ୍ର): ସହରର ଓଟିରୋଡ଼ ସମ୍ପ୍ରସାରଣ ପାଇଁ ପ୍ରଶାସନ ପକ୍ଷରୁ ଚାଲିଥିବା ରାସ୍ତାପାର୍ଶ୍ୱ ଦୋକାନ ଉଚ୍ଛେଦକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ଓଡ଼ିଶା ପଥ ବିକ୍ରେତା ସଂଘ। ଉଚ୍ଛେଦ ସ୍ଥଳରେ ପ୍ରତିବାଦ କରିବା ସହ ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ କାର୍ଯ୍ୟଧାରାକୁ ବିରୋଧ କରି ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା ସହ ଟାଉନ ଭେଣ୍ଡିଂ କମିଟି ଅଧ୍ୟକ୍ଷ ତଥା ଉପ-ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା। ସଂଘର ସଦସ୍ୟ ତଥା ଉଚ୍ଛେଦ ହେଉଥିବା ରାସ୍ତାପାର୍ଶ୍ୱ ଦୋକାନୀମାନେ ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ବେଆଇନ ଉଚ୍ଛେଦ ବନ୍ଦ ପାଇଁ ଦାବି କରିଥିଲେ। ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସ ଯୋଗଦେଇ ପ୍ରଶାସନର ଉଚ୍ଛେଦ ପ୍ରକ୍ରିୟାକୁ କଡ଼ା ସମାଲୋଚନା କରିଥିଲେ। ପୂର୍ବରୁ ରାସ୍ତା ସଂପ୍ରସାରଣ ପାଇଁ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଚିହ୍ନ ପରେ ଦୋକାନୀମାନେ ବ୍ୟବସାୟ କରୁଥିବା ବେଳେ ପୁଣି ତାଙ୍କୁ ସେଠାରୁ କେଉଁ ନିୟମରେ ଉଚ୍ଛେଦ କରାଯାଉଛି ବୋଲି ସେ ପ୍ରଶ୍ନ କରିଥିଲେ। ଭିଟାମାଟି ସୁରକ୍ଷା ମଞ୍ଚ ସଭାପତି ଅରୁଣ ଜେନା, ଅଟୋଚାଳକ ସଂଘ ନେତା ପ୍ରେମରଞ୍ଜନ ପାତ୍ର, ଉଠାଦୋକାନୀ ସଂଘ ନେତା ଆବିଦ ଖାନ ପ୍ରମୁଖ ଯୋଗଦେଇ ଦୋକାନୀଙ୍କୁ ଥଇଥାନ ପରେ ଉଚ୍ଛେଦ ପାଇଁ ଦାବି କରିଥିଲେ। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଉପ-ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo